

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୨ ଜୁଲାଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 02 JULY 2023

Vol.No. 35 ■ No. 172■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଅବଦୁଲ କାଲାମ ଦ୍ୱୀପରୁ ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ରର ପରୀକ୍ଷଣ

ବାଲେଶ୍ୱର, ୦୧/୦୭ (ନି.ପ୍ର): ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର 'ସାଗରିକା'ର ଲ୍ୟାଣ୍ଡ ଭର୍ସନ ଆଜି ପରୀକ୍ଷା ହୋଇଛି। ବାଲେଶ୍ୱର ଜିଲ୍ଲା ଅବଦୁଲ କାଲାମ ଦ୍ୱୀପରୁ ସଂନ୍ଧ୍ୟା ୬ଟା ୫୫ ମିନିଟରେଏହି ପରୀକ୍ଷଣ ହୋଇଛି। ଏହି କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ରହିଛି ୭୫୦ କିଲୋମିଟର। ସାଗରିକା ମିସାଇଲ ଥିଲା ପ୍ରତିରକ୍ଷା ବିଭାଗର ନାଭାଲ ଭର୍ସନ। ସ୍ଥଳସେନାରେ ବ୍ୟବହାର ପାଇଁ ସାଗରିକାକୁ ବିକଶିତ କରାଯାଇ ପ୍ରସ୍ତୁତ କରାଯାଇଛି ନାଭାଲ ଭର୍ସନ। ପ୍ରତିରକ୍ଷା ବିଭାଗ ତରଫରୁ ଏହି କ୍ଷେପଣାସ୍ତ୍ରର ନାମକରଣ କରାଯାଇନାହିଁ।

### ବାହାନଗା ଟ୍ରେନ୍ ଟ୍ରାଜେଡି

## ରିଲେ ରୁମ୍ ଷ୍ଟାଫ୍‌ଙ୍କ ତ୍ରୁଟି ଦୁର୍ଘଟଣାର ବଡ଼ କାରଣ



ବାଲେଶ୍ୱର, ୦୧/୦୭ (ନି.ପ୍ର): ରିଲେ ରୁମରେ ତ୍ରୁଟି ପାଇଁ ଘଟିଥିଲା ବାହାନଗା ଟ୍ରେନ୍ ଟ୍ରାଜେଡି। ତଦନ୍ତ ପରେ କମିଶନ ଅଫ ରେଲୱେ ସେଫ୍ଟି ରେଳ ବିଭାଗରେ ଦାଖଲ କରିଥିବା ରିପୋର୍ଟରୁ ଏହା ଜଣା ପଡ଼ିଥିବା ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ବିଶେଷ କରି ସିଗନାଲିଂ ଓ ଟେଲି କମ୍ୟୁନିକେସନ୍ ବିଭାଗରେ ଷ୍ଟାଫଙ୍କ ତ୍ରୁଟି ଯୋଗୁଁ ଏତେବଡ଼ ଦୁର୍ଘଟଣା ଘଟିଥିବା ରିପୋର୍ଟରେ ଦର୍ଶାଯାଇଛି। ତେବେ ସିବିଆଇ ତଦନ୍ତ ଚାଲିଥିବାରୁ କାଳେ ଏହା ତଦନ୍ତକୁ ପ୍ରଭାବିତ କରିବ, ସେଥିପାଇଁ ରେଲୱେ ପକ୍ଷରୁ ରିପୋର୍ଟକୁ ସାର୍ବଜନୀନ କରାଯାଇ ନାହିଁ। କେବଳ ଟେକ୍ନିକାଲ ତ୍ରୁଟି ନେଇ ସେଫ୍ଟି କମିଶନର ରିପୋର୍ଟ ଦେଇଥିବା ସୂଚନା ମିଳିଛି। ଦୁର୍ଘଟଣା ପଛରେ ଯଦି କୌଣସି ଅନ୍ତର୍ଘାତୀ ଷଡ଼ଯନ୍ତ୍ର ହୋଇଥାଏ, ସିବିଆଇ ତଦନ୍ତରୁ ଏହା ସ୍ପଷ୍ଟ ହେବ ବୋଲି ରିପୋର୍ଟରେ ଦର୍ଶାଯାଇଛି। ତେଣେ ବାହାନଗା ଟ୍ରେନ୍ ଟ୍ରାଜେଡି ଘଟଣାର ମାସେ ପରେ ପଦରୁ ହଟିଛନ୍ତି ଦକ୍ଷିଣ- ପୂର୍ବ ରେଳପଥର ଜେନେରାଲ ମ୍ୟାନେଜର ଅର୍ଚ୍ଚନା ଯୋଶୀ। ତାଙ୍କ ସ୍ଥାନରେ ଅନୀଲ କୁମାର ମିଶ୍ରଙ୍କୁ ନୂଆ ଜେନେରାଲ ମ୍ୟାନେଜର ଭାବେ ନିଯୁକ୍ତି ଦେବାକୁ କ୍ୟାବିନେଟ ନିଯୁକ୍ତି ସମିତି ଅନୁମତି ଦେଇଛି। ଭାରତୀୟ ରେଳବାଇ ପକ୍ଷରୁ ଏନେଇ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଗତ ଜୁନ୍ ୨ ତାରିଖରେ ବାହାନଗା ବଜାର ଷ୍ଟେସନ ନିକଟରେ ହୋଇଥିଲା ମର୍ମନ୍ତୁଦ ରେଳ ଦୁର୍ଘଟଣା। ରମଣ୍ଡଳ ଏକ୍ସପ୍ରେସ୍ ପ୍ରଥମେ ଏକ ମାଲଗାଡ଼ିକୁ ଧକ୍କା ଦେଇ ଲାଇନଚ୍ୟୁତ ହୋଇଥିଲା। ଟ୍ରାକରୁ ଖସି ଥିବା ବଗିଗୁଡ଼ିକ ଅନ୍ୟ ଏକ ଟ୍ରାକ୍‌ରେ ପଡ଼ିଥିବା ବେଳେ ତାହାକୁ ଯଶୱନ୍ତପୁର ହାୱଡ଼ା ଟ୍ରେନ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ୨୯୩ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ହଜାରେ ଲୋକ ଆହତ ହୋଇଥିଲେ।

## ମୁନିଗୁଡାଠାରେ ମାଓବାଦୀଙ୍କ ମାଓ ତାଣ୍ଡବ: ହାଇୱା ପୋଡିଲେ



ଭୁବନେଶ୍ୱର, ୦୧/୦୭ (ନି.ପ୍ର): ରାୟଗଡା ଜିଲ୍ଲାର ମୁନିଗୁଡା ଠାରେ ଥିବା କ୍ରସରରେ ମାଓବାଦୀ ମାନେ ହାଇୱା ପୋଡି ଦେଇଥିବା ସୂଚନା ମିଳିଛି । ଗତକାଲି ରାତ୍ରୀରେ ମାଓବାଦୀ ମାନେ ଚାରୋଟି ହାଇୱା ସହ ଦୁଇଟି ଚେନ୍ ଜେସିବି ପୋଡି ଦେଇଛନ୍ତି । ଗତକାଲି ରାତିରେ ୨୦ ରୁ ଉର୍ଦ୍ଧ ମହିଳା ମାଓବାଦୀ କ୍ରସର ନିକଟକୁ ଆସି ପ୍ରଥମେ ସେଠାରେ ଥିବା କର୍ମଚାରୀ ମାନଙ୍କ ମୋବାଇଲ ମାଗିଥିଲେ ପରେ ପୋଡାଜଳା କରିବାପରେ ମବାଇଲ ଗୁଡିକ ଫେରାଇ ଦେଇ ଚାଲି ଯାଇଥିବା ଜଣାପଡିଛି।

## ଭୀମ୍ ଆର୍ମିର ମୁଖ୍ୟ ଚନ୍ଦ୍ରଶେଖର ଆଜାଦ୍‌ଙ୍କ ଉପରେ ଗୁଳିମାଡ଼ ମାମଲା: ହରିଆଣାରୁ ୪ ଗିରଫ

ନୂଆଦିଲ୍ଲୀ,୧/୦୭ : ଭୀମ୍ ଆର୍ମିର ମୁଖ୍ୟ ଚନ୍ଦ୍ରଶେଖର ଆଜାଦ୍‌ଙ୍କ ଉପରେ ଗୁଳିମାଡ଼ ମାମଲାରେ ୪ ଜଣଙ୍କୁ ଧରିଛି ଉତ୍ତରପ୍ରଦେଶ ପୁଲିସ। ଉତ୍ତରପ୍ରଦେଶ ସାହାରଣପୁରରେ ଚନ୍ଦ୍ରଶେଖରଙ୍କ ଉପରେ ଗତ ସପ୍ତାହରେ ଗୁଳିମାଡ଼ ହୋଇଥିଲା। ସମସ୍ତ ଅଭିଯୁକ୍ତଙ୍କୁ ହରିଆଣାର ଶହଜାଦ୍‌ପୁର ଅଞ୍ଚଳରୁ ଗିରଫ କରାଯାଇଛି। ସେମାନଙ୍କ ଭିତରୁ ୩ ଜଣ ପ୍ରଶାନ୍ତ, ବିକାଶ ଓ ଲଭିସ୍ ଉତ୍ତରପ୍ରଦେଶର ହୋଇଥିବା ବେଳେ ଅନ୍ୟଜଣକ ହରିଆଣାର ବିକାଶ ଗୋନ୍ଦର ନିଶିଂ ବୋଲି ଜଣାପଡ଼ିଛି। ତେବେ ପୁଲିସ ସେମାନଙ୍କ ଠାରୁ କୌଣସି ମାରଣାସ୍ତ୍ର ଜବତ କରିନି। ସୂଚନା ଥାଇକି ଚନ୍ଦ୍ରଶେଖରଙ୍କ ଉପରେ ଗତ ୨୮ ତାରିଖରେ ଦୁର୍ବୃତ୍ତମାନେ ଗୁଳିମାଡ଼ କରିଥିଲେ। ଗୁଳିମାଡ଼ରେ ତାଙ୍କ କାର କାଚ୍ ଭାଙ୍ଗି ଯାଇଥିଲା। ଗୋଟିଏ ଗୁଳି ତାଙ୍କ ପିଠିରେ ପଶି ବାହାରି ଯାଇଥିଲା। ତେବେ ସେ ସୁରକ୍ଷିତ ଭାବେ ଦୁର୍ବୃତ୍ତଙ୍କ କବଳରୁ ଖସି ଯାଇଥିଲେ। ପରେ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ।

## ଆସନ୍ତା ୩ରୁ ୫ ଯାଏଁ ପ୍ରବଳ ବର୍ଷା: ୪ରେ ଆଉ ଏକ ଲଘୁଚାପ ସମ୍ଭାବନା



ଭୁବନେଶ୍ୱର , ୦୧/୦୭ (ନି.ପ୍ର): ବର୍ଷା ଦିନେ ଗ୍ରୀଷ୍ମ ଋତୁର ଅନୁଭୂତି । ରାଜ୍ୟରେ ମୌସୁମୀ ସକ୍ରିୟ ରହିଥିଲେ ମଧ୍ୟ ଅସହ୍ୟ ଗୁଳୁଗୁଳିରେ ଭାଜି ହେଉଛନ୍ତି ରାଜ୍ୟବାସୀ । ଆକାଶରେ କଳାହାଣ୍ଡିଆ ବାଦଲ ଢାଙ୍କି ହୋଇ ରହୁଥିଲେ ହେଁ ସାମାନ୍ୟତମ ବର୍ଷାର ସ୍ପର୍ଶ ପାଇ ପାରୁନାହାନ୍ତି ରାଜ୍ୟବାସୀ । ସେପଟ ପାଣିପାଗ ବିଭାଗର ତଥ୍ୟ ଅନୁଯାୟୀ ରାଜ୍ୟରେ ପାଣିପାଗର କୌଣସି ନିୟାମକ ସକ୍ରିୟ ନଥିବାରୁ ଏପରି ସ୍ଥିତି ଉପୁଜିଛି । ଅନ୍ୟପଟେ ସେପଟେ ପାଣିପାଗ ବିଶେଷଜ୍ଞଙ୍କ ଆକଳନ ଆସନ୍ତା ୪ରେ ଦକ୍ଷିଣ ଉପକୂଳରେ ସୃଷ୍ଟି ହେବ ଆଉ ଏକ ଲଘୁଚାପ। ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ବିଶେଷ ଭାବେ ପ୍ରଭାବିତ ହେବ ଦକ୍ଷିଣ ଓଡିଶା । ଗ୍ରୀଷ୍ମ ପ୍ରବାହ ପରେ ମୌସୁମୀର ଆଗମନକୁ ଚାତକ ପରି ଅପେକ୍ଷା କରି ରହିଥିଲେ ରାଜ୍ୟବାସୀ। କିନ୍ତୁ ମୌସୁମୀ ମଧ୍ୟ ଯୋଗାଇ ପାରୁନି ଆବଶ୍ୟକ ପରିମାଣର ବର୍ଷା । ରାଜ୍ୟରେ ମୌସୁମୀ ସକ୍ରିୟ ଥାଇ ମଧ୍ୟ ଅସହ୍ୟ ଗୁଳୁଗୁଳି ଓ ଗରମ ଅନୁଭବ କରୁଛନ୍ତି ଲୋକେ । ସକାଳୁ ଘରୁ ବାହାରିଲେ ଛତାକୁ ସାଥି କରୁଛନ୍ତି ଲୋକେ ବର୍ଷା ନୁହେଁ ବରଂ ଖରା ଦାଉରୁ ରକ୍ଷା ପାଇବା ପାଇଁ ଛତା ବ୍ୟବହାର କରୁଛନ୍ତି ଲୋକେ। ଏଥିସହ ରାଜ୍ୟରେ ବର୍ଷା ନଥିବାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଚାଷ କୁ ନେଇ ସମସ୍ୟା ମଧ୍ୟ ମୁଣ୍ଡ ବିନ୍ଧାର କାରଣ ପାଲଟିଛି ।

▶▶ପୃଷ୍ଠା ୭

## ଯାତ୍ରୀବାହୀ ବସ୍ ଓଲଟି ଲାଗିଗଲା ନିଆଁ, ୨୫ ଜୀବନ୍ତ ଦଗ୍ଧ

ମହାରାଷ୍ଟ୍ର, ୦୧/୦୭ : ଗତକାଲି ବିଳମ୍ବିତ ରାତିରେ ମହାରାଷ୍ଟ୍ରର ବୁଲଢାନାରେ ଏକ ଭୟଙ୍କର ବସ୍ ଦୁର୍ଘଟଣା ଘଟିଛି। ବସ୍‌ରେ ନିଆଁ ଲାଗିଯିବାରୁ ଶୋଇଥିବା ଅବସ୍ଥାରେ ୨୫ ଜଣ ଜୀବନ୍ତ ଦଗ୍ଧ ହୋଇ ଯାଇଛନ୍ତି। ଏହି ଦୁର୍ଘଟଣାରେ ପ୍ରାୟ ୮ ଜଣ ଗୁରୁତର ହୋଇଛନ୍ତି। ବସ୍‌ଟି ନାଗପୁରରୁ ପୁଣେ ଅଭିମୁଖେ ପ୍ରାୟ ୩୩ ଯାତ୍ରୀଙ୍କୁ ଧରି ଯାଉଥିଲା। ମାତ୍ର ରାତି ପ୍ରାୟ ଦେଢଟା ବେଳେ ବସ୍‌ଟି ବୁଲଢାନା ଜାତୀୟ ରାଜପଥରେ ଦ୍ରୁତ ଗତିରେ ଯାଉଥିବା ବେଳେ ହଠାତ୍ ବସ୍‌ର ଚକା ଫାଟିଯାଇଥିଲା। ଭାରସାମ୍ୟ ହରାଇ ବସ୍‌ଟି ଓଲଟି ପଡ଼ିଥିବା ଏହାର ଡ୍ରାଇଭର କହିଛନ୍ତି। ବସ୍‌ଟି ଓଲଟି ପଡ଼ିଥିବା ବେଳେ ସଙ୍ଗେସଙ୍ଗେ ସେଥିରେ ନିଆଁ ଲାଗି ଯାଇଥିଲା। ଉକ୍ତ ସମୟରେ ବସ୍‌ର ଅଧିକାଂଶ ଯାତ୍ରୀ ଶୋଇ ପଡ଼ିଥିଲେ। ଆଖି ପିଛୁଳାକେ ନିଆଁ ସମଗ୍ର ବସ୍‌କୁ ବ୍ୟାପି ଯାଇଥିବା ବେଳେ ଯାତ୍ରୀମାନେ ବାହାରକୁ ବାହାରି ପାରି ନ ଥିଲେ। ଫଳରେ ୨୫ ଯାତ୍ରୀ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଖବର ପାଇ ପୁଲିସ୍ ଓ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଜଳନ୍ତା ବସ୍‌ରୁ ୮ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିବା ବେଳେ ତୁରନ୍ତ ସେମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାଯାଇଛି। ଜୀବନ୍ତ ଦଗ୍ଧ ହୋଇ ଯାଇଥିବା ୨୫ ଯାତ୍ରୀଙ୍କୁ ଚିହ୍ନିବା କଷ୍ଟକର ହୋଇପଡ଼ିଥିବାରୁ ମୃତଦେହକୁ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରିବା ଏକ ଚ୍ୟାଲେଞ୍ଜ ଭାବେ ଛିଡ଼ା ହୋଇଛି। ଫଳରେ ସମ୍ପର୍କୀୟଙ୍କ ଡିଏନଏ ଟେଷ୍ଟ ପରେ ମୃତଦେହ ହସ୍ତାନ୍ତର କରାଯିବ ବୋଲି ଜଣାଯାଇଛି। ମୃତକ ଓ ଗୁରୁତରଙ୍କ

▶▶ପୃଷ୍ଠା ୭

## ରତ୍ନଭଣ୍ଡାର ଚାବି ହଜିଛି କି ନାହିଁ ଆମେ ଜାଣିନୁ : ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୦୧/୦୭ (ନି.ପ୍ର): ରତ୍ନ ଭଣ୍ଡାର ଚାବି ହଜିଛି କି ନହଜିଛି ଆମେ ସେ ବିଷୟରେ ଜାଣିନୁ ବୋଲି କହିଛନ୍ତି ରାଜ୍ୟର ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା । ରତ୍ନ ଭଣ୍ଡାର ପ୍ରସଙ୍ଗରେ ବିଜେପିର ହାଇକୋର୍ଟ ରେ ପିଟିସନ ନେଇ କରାଯାଇଥିବା ସାମ୍ବାଦିକ ମାନଙ୍କ ପ୍ରଶ୍ନରେ ଆଇନ ମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି ଯେ , ରାଜ୍ୟ ସରକାର ବିଭିନ୍ନ ସ୍ତରରେ ଶ୍ରୀମନ୍ଦିର ଉନ୍ନତି ପାଇଁ ପଦକ୍ଷେପ ନେଉଛନ୍ତି । ରତ୍ନ ଭଣ୍ଡାର ପ୍ରସଙ୍ଗରେ ବିଜେପି ହାଇକୋର୍ଟ ଯାଇଛି । ଯାହା ନିର୍ଦ୍ଦେଶ ଆସିବ ହାଇକୋର୍ଟଙ୍କ ପକ୍ଷରୁ ତାକୁ ରାଜ୍ୟ ସରକାର ବିଚାର ବିମର୍ଶ କରି ପଦକ୍ଷେପ ନେବେ । କିଏ ରାଜନୀତି କରିବେ ସେଇବା ମୁଁ କହିବି ନାହିଁ । ବିଭିନ୍ନ ସ୍ତରରେ ଭିନ୍ନ ଲୋକ ରାଜନୀତି କରନ୍ତି । କିନ୍ତୁ ସରକାର ମନ୍ଦିର ଗୁଡ଼ିକର ଉନ୍ନତିକରଣ ଲାଗି ପ୍ରତିଶ୍ରୁତି ବଦ୍ଧ ।

## ଜୁଲାଇ ୨୦ ମୌସୁମୀ ଅଧିବେଶନ ଆରମ୍ଭ: ୟୁସିସି ବିଲ୍ ଆଣିପାରେ କେନ୍ଦ୍ର



ନୂଆଦିଲ୍ଲୀ: ଜୁଲାଇ ୨୦ରୁ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବ। ସଂସଦୀୟ କ୍ୟାବିନେଟ୍ କମିଟ(ସିସିପିଏ) ଜୁଲାଇ ୨୦ ତାରିଖକୁ ମୋହର ମାରିଛି। ଏନେଇ ଟ୍ୱିଟ୍ କରି ସୂଚନା ଦେଇଛନ୍ତି ସଂସଦୀୟ କାର୍ଯ୍ୟମନ୍ତ୍ରୀ ପ୍ରହ୍ଲାଦ ଜୋଶୀ। ମୋଟ ୨୩ ଦିନ ଧରି ଚାଲିବାକୁ ଥିବା ମୌସୁମୀ ଅଧିବେସନ ୧୧ ଅଗଷ୍ଟ ପର୍ଯ୍ୟନ୍ତ ଚାଲିବ। ଅଧିବେଶରେ ମୋଟ ୧୭ ବୈଠକ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଆଜି ବସିଥିବା ସିସିପିଏ ବୈଠକରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଅଧକ୍ଷତା କରିଥିଲେ। ବୈଠକରେ ଜୁଲାଇ ୨୦ ମୌସୁମୀ ଅଧିବେସନ ଆରମ୍ଭ କରିବାକୁ ସ୍ଥିର କରାଯାଇଛି। ମୌସୁମୀ ଅଧିବେଶନରେ କେନ୍ଦ୍ର ସରକାର ୟୁନିଫର୍ମ ସିଭିଲ କୋଡ୍ ବିଲ୍ ଆଣିପାରେ ବୋଲି କୁହାଯାଉଛି। ମୌସୁମୀ ଅଧିବେସନକୁ ନେଇ ସଂସଦୀୟ କାର୍ଯ୍ୟକାରୀ ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ ଟ୍ୱିଟ୍ କରି କହିଛନ୍ତି "୨୦୨୩ ମୌସୁମୀ ଅଧିବେସନ ଜୁଲାଇ ୨୦ ତାରିଖରୁ ଆରମ୍ଭ ହୋଇ ଅଗଷ୍ଟ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ତେଣୁ ମୌସୁମୀ ଅଧିବେସନରେ ବ୍ୟବସାୟ, ବିଧେୟକ ଓ ଅନ୍ୟ କାର୍ଯ୍ୟ ସମ୍ପର୍କରେ ଫଳପ୍ରଦ ଆଲୋଚନା କରିବାକୁ ମୁଁ ସମସ୍ତ ଦଳକୁ ଅନୁରୋଧ କରୁଛି ତେଣୁ ମୌସୁମୀ ଅଧିବେସନରେ ବ୍ୟବସାୟ,

▶▶ପୃଷ୍ଠା ୭

## ନୀଳକନ୍ଦରକୁ ବିଜେ କଲେ ଶ୍ରୀଜୀଉ



ପୁରୀ, ୦୧/୦୭ (ନି.ପ୍ର): ୧୨ ଦିନର ଲୀଳାଖେଳ ପରେ ଶନିବାର ଚତୁର୍ଦ୍ଧା ବିଗ୍ରହ ନୀଳାଦ୍ରି ବିଜେ କରିଛନ୍ତି । ରଥାରୂଢ଼ ଚତୁର୍ଦ୍ଧା ବିଗ୍ରହ ଗୋଟି ପହଣ୍ଡିରେ ରତ୍ନମଣ୍ଡପକୁ ବିଜେ କରିଛନ୍ତି। ଶ୍ରୀବିଗ୍ରହଙ୍କ ପହଣ୍ଡି ବିଜେ ଆରମ୍ଭ ହୋଇଯାଇଛି । ରାମ-କୃଷ୍ଣ, ମଦନମୋହନ ଶ୍ରୀମନ୍ଦିରକୁ ବିଜେ କଲା ପରେ ଶ୍ରୀବିଗ୍ରହମାନଙ୍କର ପହଣ୍ଡି ଆରମ୍ଭ ହୋଇଯାଇଛି। ପ୍ରଥମେ ପ୍ରଭୁ ଶ୍ରୀବଳଭଦ୍ର ପରେ ଦେବୀ ସୁଭଦ୍ରା ରଥରୁ ଓହ୍ଲାଇ ରତ୍ନମଣ୍ଡପକୁ ବିଜେ କରିବେ। ଶେଷରେ କାଳିଆ ଠାକୁର ନନ୍ଦିଘୋଷରୁ ଓହ୍ଲାଇ ପହଣ୍ଡିରେ ରତ୍ନବେଦିକୁ ଯିବେ। ଏତେ ଦିନ ଧରି ମାନ କରି ରହିଥିବା ମା' ଲକ୍ଷ୍ମୀ ସାଆନ୍ତାଣୀଙ୍କୁ ରସଗୋଲା ଦେଇ ସ୍ୱୟଂ ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ ମାନଭଞ୍ଜନ କରିବେ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ନୀଳାଦ୍ରି ବିଜେରେ ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି ଦର୍ଶନ ପାଇଁ ଶନିବାର ଦିନ ବଡ଼ଦାଣ୍ଡ ଲୋକାରଣ୍ୟ ହୋଇଛି। ଭକ୍ତଙ୍କର ଗହଳି ଯୋଗୁଁ ବଡ଼ଦାଣ୍ଡ ଉଛୁଳି ପଡୁଛି। ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କର ଭିଡ଼ ଲାଗି ରହିଛି। ଭକ୍ତମାନେ ଆଜି ମହାପ୍ରଭୁଙ୍କୁ ରସଗୋଲା ଭୋଗ ଅର୍ପଣ କରିବେ। ନୀଳାଦ୍ରି ବିଜେରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଅଭିମାନୀ ମା' ଲକ୍ଷ୍ମୀଙ୍କୁ ରସଗୋଲା ଦେଇ ମାନଭଞ୍ଜନ କରିଥାନ୍ତି। ଏହି ଦୃଷ୍ଟିରୁ ଆଜି ସେବାୟତ, ଭକ୍ତମାନେ ମାଟି ହାଣ୍ଡିରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ରସଗୋଲା ସମର୍ପଣ କରିଛନ୍ତି। ରଥ ଆଗରେ ରଥାରୂଢ଼ ଶ୍ରୀବିଗ୍ରହଙ୍କୁ ରସଗୋଲା ଭୋଗ କରିବା ସହ ଦର୍ଶନ ପାଇଁ ଆସିଥିବା ଶ୍ରଦ୍ଧାଳୁଙ୍କୁ ବାଣ୍ଟିଛନ୍ତି। ଉଭୟ ଭକ୍ତ, ସେବାୟତ ଗହଳି ଭିତରେ ରସଗୋଲା ବାଣ୍ଟୁଥିବା ଦେଖିବାକୁ ମିଳିଛି। ମାନସିକଧାରୀମାନେ ବି ମାଟି ହାଣ୍ଡିରେ ମହାପ୍ରଭୁଙ୍କୁ ରସଗୋଲା ଭୋଗ କରି ଶ୍ରଦ୍ଧାଳୁଙ୍କୁ ବାଣ୍ଟିଛନ୍ତି।

## ପାକିସ୍ତାନରେ ବନ୍ଦୀ ଅଛନ୍ତି ୩୦୮ ଭାରତୀୟ: ଭାରତରେ ବନ୍ଦୀ ଅଛନ୍ତି ୪୧୭ ପାକିସ୍ତାନୀ

ନୂଆଦିଲ୍ଲୀ,୧/୦୭ : ପାକିସ୍ତାନ ଜେଲ୍‌ରେ ବନ୍ଦୀ ଅଛନ୍ତି ୩୦୮ ଭାରତୀୟ। ଯାହା ଭିତରେ ୪୨ ଜଣ ସାଧାରଣ ବ୍ୟକ୍ତି ୨୬୬ ଜଣ ମତ୍ସ୍ୟଜୀବୀ ଅଛନ୍ତି। ଏହାର ଏକ ତାଲିକା ପାକିସ୍ତାନ ପକ୍ଷରୁ ଶନିବାର ଭାରତ ହାଇ କମିଶନଙ୍କୁ ପ୍ରଦାନ କରାଯାଇଛି। ଦ୍ୱିପାକ୍ଷୀକ ରାଜିନାମା ଅନ୍ତର୍ଗତ ପାକିସ୍ତାନ ଏହି ତାଲିକା ପ୍ରଦାନ କରିଛି। ବୈଦେଶୀକ ମନ୍ତ୍ରଣାଳୟ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ଭାରତରେ ବନ୍ଦି ଥିବା ପାକିସ୍ତାନୀଙ୍କ ତାଲିକା ମଧ୍ୟ ପାକିସ୍ତାନକୁ ଦିଆଯାଇଛି। ପାକିସ୍ତାନ ହାଇ କମିଶନଙ୍କୁ ଏହା ପ୍ରଦାନ କରାଯାଇଛି। ତାଲିକା ମୁତାବକ ଭାରତର ବିଭିନ୍ନ ଜେଲରେ ମୋଟ ୪୧୭ ଜଣ ପାକିସ୍ତାନୀ ଅଛନ୍ତି। ଯାହା ଭିତରେ ୩୪୩ ଜଣ ସାଧାରଣ ଲୋକ ଓ ୭୪ ଜଣ ମତ୍ସ୍ୟଜୀବୀ ଅଛନ୍ତି। ଦଣ୍ଡ ଭୋଗୀ ସାରିଥିଲେ ବନ୍ଦୀ ଥିବା ଏହି ପାକିସ୍ତାନର ସାଧାରଣ ନାଗରିକ ଓ ମତ୍ସ୍ୟଜୀବୀଙ୍କୁ ମୁକ୍ତ କରିଦେବାକୁ ଭାରତ ସରକାରଙ୍କୁ ନିବେଦନ କରିଛି ପାକିସ୍ତାନ ସରକାର। ଭାରତ ପକ୍ଷରୁ ମଧ୍ୟ ସମାନ ସହଯୋଗ ଲୋଡ଼ା ଯାଇଛି। ଭାରତ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ପାକିସ୍ତାନର ୬୨ ଜଣଙ୍କ ବ୍ୟକ୍ତିଙ୍କ ନାଗରିକତା ଯାଞ୍ଚ କରି ଜଣାଇବା ପାଇଁ କୁହାଯାଇଛି। ଅନ୍ୟପଟେ ୨୦୧୪ ପରଠାରୁ ବିଭାଗୀୟ ଉଦ୍ୟମ ଯୋଗୁ ୨୫୫୯ ଜଣ ଭାରତୀୟ ମତ୍ସ୍ୟଜୀବୀ ଓ ୬୩ ଜଣ ସାଧାରଣ ବନ୍ଦୀଙ୍କୁ ପାକିସ୍ତାନ ଜେଲରୁ ମୁକ୍ତ କରି ସ୍ୱଦେଶକୁ ଫେରାଇ ଅଣାଯାଇଛି। ଯାହା ଭିତରେ ଚଳିତ ବର୍ଷ ୩୯୮ ଜଣ ମତ୍ସ୍ୟଜୀବୀ ଓ ୫ ଜଣ ସାଧାରଣ ଭାରତୀୟ ନାଗରିକ ରହିଛନ୍ତି।

▶▶ପୃଷ୍ଠା ୭

# ବୁଡ଼ି ଅଂଚଳରେ ପ୍ରଶାସନ ମାନବ ଅଧିକାର ଉଲ୍ଲଂଘନ ନକରୁ: ନରସିଂହ

ବଲାଙ୍ଗିର, ୦୧/୦୭ (ନି.ପ୍ର): ବଲାଙ୍ଗିରର ଜୀବନ ରେଖା କୁହା ଯାଉଥିବା ଲୋୟର ସୁକତେଲ ଜଳ ସେଚନ ପ୍ରକଳ୍ପ ଅନେକ ସପକ୍ଷବାଦୀ ଓ ବିପକ୍ଷବାଦୀ ଆନ୍ଦୋଳନ ଘଟି ଯାଇଛି । ଏଥିପାଇଁ ବିଭିନ୍ନ ଲୋକଙ୍କୁ ବିଭିନ୍ନ ପ୍ରକାର ତ୍ୟାଗ କରିବାକୁ ପଡିଛି । କିଏ ଭୀଟାମାଟି ଛାଡିଛି ତ କିଏ ପ୍ରକଳ୍ପ କୁ ସମର୍ଥନ କରି ଅତିତରେ ଜନ ସମର୍ଥନ ହରେଇଛି । ସରକାରଙ୍କ ସହ ଲଢେଇ କରି ଗାଁ ଗଣ୍ଡାରେ ଲୋକମାନଙ୍କୁ ବୁଝେଇ ବିଶେଷ କରି ପ୍ରକଳ୍ପ ବିପକ୍ଷରେ ଥିବା ଗଡଶଙ୍କର ଡୁଙ୍ଗୁରିପାଲି ଓ ଖୁଣ୍ଟପାଲି ଲୋକେ ଯେତେବେଳ ଲୋକେ ପ୍ରକଳ୍ପ ସପକ୍ଷରେ ବିସ୍ଥାପିତ ହୋଇବାକୁ ରାଜି ହୋଇଛନ୍ତି ସେତିକି ବେଳେ ପ୍ରଶାସନ ମଧ ସେମାନଙ୍କ ପ୍ରତି ଉଦାର ହେବା ଦରକାର । ବିସ୍ଥାପିତ ହେବା ପାଇଁ ରାଜି ହୋଇଥିବା ଲୋକଙ୍କୁ ଜୋର ଜବରଦସ୍ତ ସେଟାରୁ ହଟେଇବା ପାଇଁ ସେମାନଙ୍କୁ ତାଙ୍କର ମୌଳିକ ଅଧିକାରରୁ ବଂଚିତ ନକରିବା ଦରକାର । ଏପରି ହେଲେ ଏହା ପ୍ରଶାସନ ଦ୍ୱାରା ମାନବ ଅଧିକାରର ଖୋଲାଖୋଲି ଉଲ୍ଲଂଘନ ହେଉଛି ବୋଲି ଧାରାଯିବ ବୋଲି ଆଜି ବୁଡି ଅଂଚଳ ଗଡଶଙ୍କର ଡୁଙ୍ଗୁରିପାଲି, ଖୁଂଟପାଲି ଅଂଚଳରୁ ଲୋକଙ୍କୁ ଜବରଦସ୍ତ ଉଠାଇବା ପାଇଁ ପ୍ରଶାସନ ପକ୍ଷରୁ ବିଜୁଳି ଓ ପାଣୀ ସଂଯୋଗ କାଟି ଦେଇଥିବା ପରିପେକ୍ଷୀରେ ପ୍ରେସ ବିବୃତ୍ତି ମାଧ୍ୟମରେ କ୍ଷୋଭ ପ୍ରକାଶ କରିଛନ୍ତି । ସେ ଆହୁରି କହିଛନ୍ତି ଯେ, ସେଠାରେ ସଂପୁର୍ଣ୍ଣ ବିସ୍ଥାପିତ ହେବା ପାଇଁ ଲୋକେ ଆଜି ବି ତାଙ୍କର ଉପଯୁକ୍ତ ପ୍ରାପ୍ୟ ପାଇଁ ଅପେକ୍ଷା କରିଛନ୍ତି । ଏପରିକି ପ୍ରଶାସନ ଦ୍ୱାରା ତିଆରି ହୋଇଥିବା ଅସ୍ଥାୟୀ ବିସ୍ଥାପନ କୋଲୋନୀ ଲୋକେ ରହିବୋ ପାଇଁ ପର୍ଯ୍ୟାପ୍ତ ତଥା ଉପଯୁକ୍ତ ନୁହେଁ ବୋଲି ଲୋକେ ଅଭୀଯୋଗ କରୁଛନ୍ତି । ତେଣୁ ସେମାନଙ୍କୁ ପ୍ରଶାସନ ଧମକ ଚମକ ଦେଇ ନିଜ ଅଂଚଳରୁ ହଟେଇବା ସ୍ପଷ୍ଟ ଭାବେ ମାନବ ଅଧିକାର ର ଉଲ୍ଲଂଘନ ହେବ । ବିଜୁଳି ଓ ପାନ୍ୟୀ ଜଳ ପାଇବା ଲୋକଙ୍କ ମୌଳିକ ଅଧିକାର । ଯେ ପର୍ଯ୍ୟନ୍ତ ସେମାନଙ୍କୁ ସଂପୁର୍ଣ୍ଣ କ୍ଷତି ପୁରଣ ପ୍ରଦାନ କରା ନଯାଇଛି ସେମାନଙ୍କୁ ତାଙ୍କର ମୌଳିକ ଅଧିକାରରୁ ବଂଚିତ କରା ନଯାଉ । ଏଦିଗରେ ପ୍ରଶାସନ ସମ୍ବେଦନଶିଳ ହେବା ସହ ଉଦାର ରୁପ ଦେଖାନ୍ତୁ ବୋଲି ଶ୍ରୀ ମିଶ୍ର ତାଙ୍କର ପ୍ରେସ ବିବୃତ୍ତି ମାଧ୍ୟମରେ କହିଛନ୍ତି । ଏଠାରେ ସୁଚନା ଯୋଗ୍ୟ ଯେ, ଲୋୟର ସୁକତେଲ ଜଳ ସେଚନ ପ୍ରକଳ୍ପର ଭିତରକୁ ପ୍ରଥମ ବର୍ଷା ଜଳ ଏବର୍ଷ ପ୍ରବେଶ କରିଥିବାରୁ ପ୍ରଶାସନ ତରଫରୁ ପରକଳ୍ପର ତଳ ମୁଣ୍ଡରେ ଥିବା ଗ୍ରାମବାସୀମାନଙ୍କୁ ନଦୀ ଭୀତରକୁ ନଯୀବା ପାଇଁ ସଚେତନ କରିବା ସହ ବୁଡି ଅଂଚଳରେ ଲୋକମାନଙ୍କୁନେଯାର ଜବରଦସ୍ତ ବିସ୍ଥାପିତ ହେବା ପାଇଁ ବାଧ କରାଯାଉଥିବାର ଖବର ବିଭୀନ୍ନ ଗଣମାଧ୍ୟମ ଦ୍ୱାରା ସାଧାରଣ ଜନତାମାନଙ୍କ ପକ୍ଷରୁ ଅଭିଯୋଗ ଆସୁଛି । ଯାହାକି ମାନବ ଅଧିକାରର ଉଲ୍ଲଂଘନ ବୋଲି ଚର୍ଚ୍ଚା ହେଉଛି ।

# ସ୍ୱାମୀ ଓ ସ୍ତ୍ରୀକୁ ଦଣ୍ଡିତ କଲେ କୋର୍ଟ

ଜୟପୁର, ୦୧/୦୭ (ନି.ପ୍ର): ସ୍ତ୍ରୀ ସମ୍ମୁଖରେ ନାବାଳିକାକୁ ସ୍ୱାମୀ ଦୁଷ୍କର୍ମ କରିଥିବା ମାମଲାର ରାୟ ପ୍ରକାଶ ପାଇଛି । ଜୟପୁର ସ୍ଥିତ ପୋକ୍ସୋ କୋର୍ଟରେ ରାୟ ପ୍ରକାଶ ପାଇଛି । ସ୍ୱାମୀ ଓ ସ୍ତ୍ରୀ କୁ ଦଣ୍ଡିତ କରିଛନ୍ତି କୋର୍ଟ । ୨୦୧୬ ମସିହାରେ ବି ସିଂପୁର ଥାନା ଅଂଚଳରେ ଘଟିଥିବା ଅପହରଣ ଓ ଦୁଷ୍କର୍ମ ମାମଲାର ବିଚାର କରି ପୋକ୍ସୋ କୋର୍ଟ ଜୟପୁର ୧୫ ଜଣ ସାକ୍ଷ୍ୟ ପ୍ରମାଣ ଓ ଦସ୍ତାବିଜକୁ ଭିତିକରି ରାୟର ଶୁଣାଣି କରିଛନ୍ତି । ନବରଙ୍ଗପୁର ଜିଲା ତେନ୍ତୁଳିଖୁଂଟି ଥାନା ଅନ୍ତର୍ଗତ ଗୌଡଗୁଡା ଗ୍ରାମର ମହେନ୍ଦ୍ର ସେଚ୍ଚି ଏଲିୟସ କୁନାଲ (୩୫)କୁ ଆଇପିସି ଧାରା ୩୭୬ (୨)(ଆଇ)ରେ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜୋରିମାନା, ଆଇପିସି ଧାରା ୩୬୩/ ୩୪ ରେ ୫ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜୋରିମାନା ଏବଂ ତାଙ୍କ ଅଭିଯୁକ୍ତ ସ୍ତ୍ରୀ ସଞ୍ଜୁ ଚେଚ୍ଚିଙ୍କୁ ଆଇପିସି ଧାରାରେ ୩୭୬ ରେ (୨)(ଆଇ)/୧୧୪ ରେ ୧୦ ବର୍ଷ ସଶ୍ରମ କାରାଦଣ୍ଡ ୧୦ ହଜାର ଟଙ୍କା ଜୋରି ମାନା ଏବଂ ଆଇପିସିର ଧାରା ୩୬୬/ ୩୪ ରେ ୫ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୫ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି । ଜୋରି ମାନା ଟଙ୍କା ଅନାଦେୟ ହେଲେ ଦୁଇ ଦୋଷୀଙ୍କୁ ଅଧିକା ୯ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟ ଦେଇଛନ୍ତି କୋର୍ଟ । ସରକାରଙ୍କ ତରଫରୁ ଆଇନସେବା ପ୍ରଧିକରଣ ମାଧ୍ୟମରେ ପିଡିତାଙ୍କୁ କ୍ଷତି ପୁରଣ ଟଙ୍କା ୬ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଷ ଦେଇଛନ୍ତି । ଆଦାୟ ହେବା ଜୋରିମାନା ଟଙ୍କା ସରକାରଙ୍କୁ ଯିବ । ଉଭୟ ଡଣ୍ଡ ଏକା ସଙ୍ଗେ ଚାଲିବ ବୋଲି ରାୟ ରେ କୁହାଯାଇଛି । ୨୦୧୬ ମସିହାରେ ନାବାଳିକାର ଘରେ କେହି ନଥିବା ସମୟରେ କୁନାଲ ଚେଚ୍ଚିଙ୍କ ସ୍ତ୍ରୀ ନାବାଳିକାକୁ ଚପଲ କିଣି ଦେବି କହି ଘରୁ ଡାକି ନେଇ ନବରଙ୍ଗପୁର ଜିଲାର ଏକ ଲଜକୁ ଡାକି ନେଇ ସ୍ତ୍ରୀ ଉପସ୍ଥିତିରେ ସ୍ୱାମୀ ବଳାତ୍କାର କରିଥିଲେ । ନାବାଳିକା ଘରେ ଆସି କହିବା ପରେ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଥିଲା ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ଓ ସ୍ତ୍ରୀକୁ ଗିରଫ କରି କୋର୍ଟ ଚାଲାଣ କରି ଚାର୍ଜସିଟ ଦାଖଲ କରିଥିଲା । ମାମଲାକୁ ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ସରକାରୀ ଓକିଲ ଗାୟତ୍ରି ଦେବି ମାମଲା ପରିଚାଳନା କରିଥିଲେ ।

# ବିଚାର ବିଭାଗୀୟ ସଂଘର ସଭାପତି ଶ୍ରୀ ପ୍ରକାଶ କୁମାର ନେପାକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବଲାଙ୍ଗୀର, ୦୧/୦୭ (ନି.ପ୍ର): ବଲାଙ୍ଗୀର ସିଭିଲ କୋର୍ଟ ର ପାରିବାରିକ ଅଦାଲତର ପ୍ରଶାସନିକ ଅଧିକାରୀ ତଥା ବଲାଙ୍ଗୀର ବିଚାର ବିଭାଗୀୟ ସଂଘର ସଭାପତି ଶ୍ରୀ ପ୍ରକାଶ କୁମାର ନେପାକ ସରକାରୀ ଚାକିରି ରୁ ୩୦/୬/୨୩ ଦିନ ଅବସର ଗ୍ରହଣ କରିଛନ୍ତି । ବଲାଙ୍ଗୀର ଜିଲ୍ଲା ଦୌରା ଜଜ ଶ୍ରୀ ଲଲାଟେନ୍ଦୁ ଜେନା ଙ୍କ ଅଧକ୍ଷତାରେ ଆୟୋଜନ ହୋଇଥିବା ସମ୍ବର୍ଦ୍ଧନା ସଭାରେ ଶ୍ରୀ ନେପାକଙ୍କୁ ମାନପତ୍ର ତଥା ଉପଢୌକନ ଦେଇ ସମ୍ମାନିତ କରିଥିଲେ । ସେ ଶ୍ରୀ ନେପାକ ଙ୍କ ବଲାଙ୍ଗିର୍ ବିଚାର ବିଭାଗ ପ୍ରତି ସମର୍ପିତ କାର୍ଯ୍ୟ ତଥା ସଂଘର ସଭାପତି ରୂପେ କର୍ମଚାରୀ ଙ୍କ ଉନ୍ନତି ସକାଶେ କରିଥିବା କାର୍ଯ୍ୟ ପାଇଁ ଏକ ଉଦାହରଣ ହୋଇ ରହିବେ ତଥା ଆଗାମୀ ପିଢ଼ି ପାଇଁ ପ୍ରେରଣାଦାୟି ରହିବେ ବୋଲି ମତ ପ୍ରକାଶ କରିଥିଲେ । ଭିଜିଲାନ୍ସ ଜଜ ଶ୍ରୀ ମଳୟ ରଞ୍ଜନ ଦାସ, ସିଭିଲ କୋର୍ଟ ରେଜିଷ୍ଟ୍ରାର ଶ୍ରୀ ଚରଣଜିତ ଓରାମ ଶ୍ରୀ ନେପାକଙ୍କ ପରବର୍ତୀ ଜୀବନ ସୁଖମୟ ହେବାର କାମନା କରିଥିଲେ । ସିଭିଲ କୋର୍ଟ ମୁଖ୍ୟ ପ୍ରଶାସନିକ ଅଧିକାରୀ ବଳରାମ ମେହେର ଓ ହେଡ୍‌କ୍ଲର୍କ ତଥା କର୍ମଚାରୀ ସଂଘର କାର୍ଯ୍ୟକାରୀ ସଭାପତି ଦଧିବାବନ ଶତପଥି ପ୍ରମୁଖ ଉଦବୋଧନ ଦେଇଥିଲେ । ସଂଘ ର ଯୁଗ୍ମ ସମ୍ପାଦକ ଶ୍ରଦ୍ଧାଞ୍ଜଳି ମେହେର ସଭା ପରିଚାଳନା କରିଥିଲେ ଏବଂ ଶ୍ରୀ ନେପାକଙ୍କ ସମୟରେ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଯଥା : ଷ୍ଟେଟ କନଭେନସନ ଆୟୋଜନ, କର୍ମଚାରୀଙ୍କ ପଚିଶ ବର୍ଷ ପୂର୍ତି ଉତ୍ସବ, କୋଭିଡ ସମୟର ବିଭିନ୍ନ କାର୍ଯ୍ୟକ୍ରମ, ବଲାଙ୍ଗୀର ଓ ସୋନପୁର ସଂଘ ର କୋଠା ନିର୍ମାଣ, ବୃକ୍ଷରୋପଣ, କଣ୍ଟାବାଞ୍ଜି ଓ ରାମପୁରର ୨୮୦୦ ଗ୍ରେଡ୍ ପେ ଙ୍କୁ ୪୨୦୦ ଗ୍ରେଡ୍ ପେ କରିବାପାଇଁ ପ୍ରଚେଷ୍ଟା, ସେଠି କମିଶନ ଦ୍ୱାରା ପ୍ରଦତ ସମସ୍ତ ଅନୁମୋଦନ କାର୍ଯ୍ୟକାରୀ କରିବା ଓ ଏଂଟ୍ରି ଲେଭେଲ ଶିକ୍ଷାଗତ ଯୋଗ୍ୟତା +୩ ପାସ କରାଯିବା ପାଇଁ ମୁଖ୍ୟ ବିଚାରପତି ଓଡିଶା ହାଇକୋର୍ଟ ଙ୍କ ପାଖରେ ଦାବି ଉପସ୍ଥାପନା କରିବା ସହ କର୍ମଚାରୀଙ୍କ ସୁଖ ଦୁଃଖ ରେ ଭାଗିଦାର ହେବାର ଦୃଷ୍ଟାନ୍ତ ପ୍ରଦାନ କରିଥିଲେ ଏବଂ ସେ ବଲାଙ୍ଗିର ବିଚାରବିଭାଗୀୟ କର୍ମଚାରୀ ସଂଘର ଯୁଗ୍ମ ସମ୍ପାଦକ, ସମ୍ପାଦକ, ଦୁଇଥର ସଭାପତି ରହିବ ସଙ୍ଗେ ସଙ୍ଗେ ରାଜ୍ୟସ୍ତରୀୟ ସଂଘ ର ଯୁଗ୍ମ ସମ୍ପାଦକ ଓ ଉପସଭାପତି ରୂପେ ଦାୟିତ୍ୱ ଗ୍ରହଣ କରିଥିଲେ । ଶ୍ରୀ ନେପାକ ତାଙ୍କ ଅଭିଭାଷଣରେ ଚାକିରି ଜୀବନରେ ଆତ୍ମସନ୍ତୋଷ ପାଇଥିବା ଉଲ୍ଲେଖ କରି ସାହାଯ୍ୟ ସହଯୋଗ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ବାକି ତକ ଜୀବନ ସମାଜ ସେବାରେ ନିଜକୁ ନିୟୋଜିତ କରିବେ ବୋଲି ପ୍ରକାଶ କରିଥିଲେ । ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ସମସ୍ତ ବିଚାରପତି ଓ କର୍ମଚାରୀଙ୍କୁ ଆସୋସିଏସନ ତରଫରୁ ଶ୍ରୀ ସୁବ୍ରତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସଂଘର କୋଷାଧକ୍ଷ ଆକାଶ ମିଶ୍ର, ଉପସଭାପତି ଲକ୍ଷ୍ମୀ ସିଂ, ଶୁଭ୍ରାଂଶୁ ବାଗ ପ୍ରମୁଖ ସଭା ଆୟୋଜନରେ ସହାୟତା କରିବା ସହ ସମସ୍ତ କର୍ମଚାରୀଙ୍କ ତରଫରୁ ଶ୍ରୀ ନେପାକଙ୍କ ପରବର୍ତୀ ଜୀବନ ଆନନ୍ଦମୟ ହେବାର ମା ସମଲେଶ୍ୱରୀଙ୍କ ଠାରେ ପ୍ରାର୍ଥନା କରିଥିଲେ ।

## ବଲାଙ୍ଗୀର ରୋଟାରୀ କ୍ଲବ ସେଂଟ୍ରାଲ ପକ୍ଷରୁ ରକ୍ତଦାନ ଶିବିର

ବଲାଙ୍ଗୀର, ୦୧/୦୭ (ନି.ପ୍ର): ଆଜି ବଲାଙ୍ଗୀର ରୋଟାରି କ୍ଲବ ସେଂଟ୍ରାଲ ତରଫରୁ ଏକ ରକ୍ତାଦାନ ଶିବିର ସ୍ଥାନୀୟ ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ସଭା ସାଂସଦ ନିରଂଜନ ବିଶି ଓ ସମ୍ମାନିତ ଅତିଥି ଭାବରେ ଭୀମ ଭୋଇ ମେଡିକାଲ କଲେଜର ଅଧୀକ୍ଷକ ଡ. ମାନସୀ ପଣ୍ଡା ଯୋଗ ଦେଇ ରକ୍ତଦାନ ଶିବିରକୁ ଉଦ୍ ?ଘାଟନ କରିଥିଲେ । ବଲାଙ୍ଗୀର ରୋଟାରି କ୍ଲବ ସେଂଟ୍ରାଲ ର ସଭାପତି ଶଙ୍କର ଅଗ୍ରୱାଲ ଓ ପ୍ରୋଜେକ୍ଟ ଡାଇରେକ୍ଟର ରାଜକୁମାର ଅଗ୍ରୱାଲଙ୍କ ପରିଚାଳନାରେ ଆୟୋଜିତ ଏହି ଶିବିରରେ ମୋଟ୍ ୩୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ।

# ଉଦୀୟମାନ କ୍ରୀଡାବିତଙ୍କୁ ସହାୟତାର ହାତ ବଢାଇଲେ ୫-ଟି ସଚିବ

ମାଲକାନଗିରି, ୦୧/୦୭ (ନି.ପ୍ର): ୫-ଟି ସଚିବ ଭି କେ ପାଣ୍ଡିଆନଙ୍କ ତ୍ୱରିତ ପଦକ୍ଷେପ ଯୋଗୁଁ ଆଜି ମାଲକାନଗିରି ଜିଲ୍ଲାର ଉଦୀୟମାନ କ୍ରୀଡାବିତ ଷ୍ଟେଲନ ରାଜ୍ ଖୋସଲାଙ୍କ ସ୍ୱପ୍ନ ସତ ହୋଇଛି । କୁମୁଟିଗୁଡ଼ା ନିବାସୀ ଷ୍ଟେଲନ କ୍ରିକେଟ ରେ ନିଜ ଭବିଷ୍ୟତ ଗଠନ କରିବେ ବୋଲି ୫ଟି ସଚିବଙ୍କ ମାଲକାନଗିରି ଜିଲ୍ଲା ଗସ୍ତ ସମୟରେ ଜଣାଇଥିଲେ । ୫ଟି ସଚିବ ଶ୍ରୀ ପଣ୍ଡିଆନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷ୍ଟେଲନଙ୍କ ବିଷୟରେ ଅବଗତ କରାଇଥିଲେ । ମୁଖ୍ୟମନ୍ତ୍ରୀ ଷ୍ଟେଲନଙ୍କ ସ୍ୱପ୍ନ କୁ ସାକାର କରିବା ପାଇଁ ସମସ୍ତ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଫଳ ସ୍ୱରୂପ ସେ କଟକ କ୍ରୀଡା ହଷ୍ଟେଲ ରେ ରହିବେ । ତାଙ୍କର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ । ସେ କଟକର ରାଇଜିଂ ଷ୍ଟାର କ୍ଲବରେ ପ୍ରଶିକ୍ଷଣ ନେବେ । ଏଥି ସହିତ ସେ ପାଠ ପଢା ମଧ ଜାରି ରଖିବେ । ସେ କଟକର କ୍ରାଇଷ୍ଟ କଲେଜ ରେ ଅଧ୍ୟୟନ କରିବେ । ତାଙ୍କର ସ୍ୱପ୍ନକୁ ସାକାର କରିଥିବାରୁ ସେ ଏବଂ ତାଙ୍କ ପରିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି । ୫ଟି ସଚିବ ତ୍ୱରିତ ପଦକ୍ଷେପ ନେଇଥିବାରୁ ସାରା ଜୀବନ ତାଙ୍କ ନିକଟରେ କୃତଜ୍ଞ ରହିବେ ବୋଲି କହିଛନ୍ତି । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ବିଶାଲ ସିଂ ଜିଲ୍ଲା ପ୍ରଶାସନ ତରଫରୁ ତାଙ୍କୁ କୋଡ଼ିଏ ହଜାର ଟଙ୍କାର ଆର୍ଥିକ ରାଶି ସହାୟତା ପ୍ରଦାନ କରିଛନ୍ତି । କ୍ରିକେଟ୍ ଖେଳରେ ଉତମ ପ୍ରଦର୍ଶନ କରି ଜିଲ୍ଲା ତଥା ରାଜ୍ୟ ର ଟେକ ରଖିବା ପାଇଁ ଜିଲ୍ଲାପାଳ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସୂଚନା ଥାଉ କି ଷ୍ଟେଲନ ପିଲାଟି ଦିନରୁ ବାପାଙ୍କୁ ହରାଇଛନ୍ତି । ମାଆଙ୍କ ସହ ମାମୁ ଘରେ ରୁହନ୍ତି । ମାମୁଙ୍କ ସ୍ୱଳ୍ପ ରୋଜଗାରରେ ପୁରା ପରିବାର ଚଳିବା କଷ୍ଟକର ଥିଲା । ତଥାପି ତାଙ୍କ ପ୍ରତିଭା ନିକଟରେ ଅର୍ଥ ହାର ମାନିଛି । ସେ ପିଲା ବେଳେ ଜାଳେଣି କାଠ ରୁ ବ୍ୟାଟ୍ ତିଆରି କରି ଖେଳୁଥିଲେ । ନିଶା ଏତେ ବଢି ଯାଇଥିଲା ଯେ ସେ କ୍ରିକେଟ୍ ରେ ନିଜ ଭବିଷ୍ୟତ ଗଠନ କରିବେ ବୋଲି ମନସ୍ଥ କରିଥିଲେ ।

## ବନ ମହୋତ୍ସବ ସପ୍ତାହ - ୨୦୨୩ ସବୁଜ ଉତ୍ସାହର ତରଙ୍ଗ ବିସ୍ତାର କରୁଛି

ବଲାଙ୍ଗୀର, ୦୧/୦୭ (ନି.ପ୍ର): ବନ ମହୋତ୍ସବ ସପ୍ତାହ -୨୦୨୩ ସବୁଜ ଉତ୍ସାହର ତରଙ୍ଗ ବିସ୍ତାର କରୁଛି !! ବିଭିନ୍ନ ସଂଗଠନ, ପ୍ରତିନିଧୀ ଏବଂ ଶିକ୍ଷାନୁଷ୍ଠାନର ମିଳିତ ପ୍ରୟାସରେ ବଲାଙ୍ଗୀର ବନ ବିଭାଗର ବିଭିନ୍ନ ରେଞ୍ଜରେ ଏକ ଅବିଶ୍ୱସନୀୟ ବୃକ୍ଷରୋପଣ ଡ୍ରାଇଭ୍ ଚାଲିଛି । ୧୧ ରେଞ୍ଜରେ, ବିଭିନ୍ନ ପରିବେଶର ଦଳ ଆମ ପରିବେଶ ଉପରେ ସକରାତ୍ମକ ପ୍ରଭାବ ପକାଇବାକୁ ଏକତ୍ରିତ ହୋଇଛନ୍ତି । ଚିତ୍ରାଙ୍କନ, ବକ୍ତୃତା, ଏବଂ ଅନ୍ୟାନ୍ୟ ପ୍ରତିଯୋଗିତାରେ ବିଦ୍ୟାଳୟଗୁଡ଼ିକର ସକ୍ରିୟ ଅଂଶଗ୍ରହଣକୁ ଦେଖି ଆମେ ଆନନ୍ଦିତ । ଏକତ୍ର, ଆମର ପ୍ରକୃତି ପ୍ରତିପୋଷଣ ଏବଂ ଏକ ସ୍ଥାୟୀ ଭବିଷ୍ୟତ ସୃଷ୍ଟି କରିବାର ଶକ୍ତି ଅଛି ।

# ତମାଖୁ ନିୟନ୍ତ୍ରଣ ନିମନ୍ତେ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ

କେନ୍ଦ୍ରାପଡ଼ା, ୦୧/୦୭ (ନି.ପ୍ର): ଜାତୀୟ ତମାଖୁ ନିୟନ୍ତ୍ରଣ କ୍ୟାକ୍ରମ ନିମନ୍ତେ ଜିଲ୍ଲା ସ୍ତରୀୟ ସମନ୍ୱୟ କମିଟି ବୈଠକ ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ଶ୍ରୀମତୀ ଅନିତା ପଟ୍ଟନାୟକଙ୍କ ଅଧକ୍ଷତାରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ସମ୍ମିଳନୀ ପ୍ରକୋଷ୍ଠରେ ଆଜି ମଧାହ୍ନ ୧୨ଘଟିକା ସମୟରେ ଅନୁଷ୍ଠିତ ହୋଇାଇଛି ଓ ଆମ ସମାଜରେ ତମାଖୁ ସେବନ କରୁଥିବା ଲୋକମାନଙ୍କୁ ନିଶା ସେବନ ଠାରୁ ଦୁରେଇ ରଖିବା ଆମ ସମସ୍ତଙ୍କର ସାମାଜିକ ଦାୟତ୍ୱବୋଧ ହେବା ଆବଶ୍ୟକ ବୋଲି ଶ୍ରୀମତୀ ପଟ୍ଟନାୟକ ମତବ୍ୟକ୍ତ କରିଥିଲେ ଓ ସମସ୍ତଙ୍କର ଇଚ୍ଛାଶକ୍ତି, ସହଭାଗୀତା ଯୋଗୁଁ ପରିବାର ତଥା ସମାଜ ତମାଖୁ ମୁକ୍ତ ହେବା ସଙ୍ଗେ ସଙ୍ଗେ ସମାଜ ଓ ପରିବାରର ଉନ୍ନତି ସମ୍ଭବ ହୋଇପାରିବ ଓ ଫଳରେ ରାଜ୍ୟ ସରକାର ସ୍ୱାସ୍ଥ୍ୟର ବିକାଶ ପାଇଁ ଖର୍ଚ୍ଚ କରୁଥିବା କୋଟି କୋଟି ଅର୍ଥର ଭାର କମିରିବ ଓ ଫଳରେ ରାଜ୍ୟ ସରକାର ସ୍ୱାସ୍ଥ୍ୟର ବିକାଶ ପାଇଁ ଖର୍ଚ୍ଚ କରୁଥିବା କୋଟି କୋଟି ଅର୍ଥର ଭାର କମିଯାଇପାରିବ ଓ ତମାଖୁ ନିରୋଧ ଆଇନ କ୍ୟାକାରୀ ଦ୍ୱାରା ତମାଖୁ ସେବନ ହଟେଇବା ୨୦ପ୍ରତିଶତ ସଫଳ ହୋଇଥାଏ ଓ କିନ୍ତୁ ତମାଖୁ ବର୍ଜନ ସଚେତନତା ଜରିଆରେ ୮୦ ପ୍ରତିଶତ ସଫଳତା ମିଳିଥାଏ ଓ ତେଣୁ ସଚେତନତା ହିଁ ତମାଖୁ ବ୍ୟବହାରକୁ ଦୂରେଇବାରେ ଅମୋଘ ଅସ୍ତ୍ର ବୋଲି ଶ୍ରୀମତୀ ପଟ୍ଟନାୟକ ମତବ୍ୟକ୍ତ କରିଥିଲେ ଓ ତମାକୁ ସେବନ ଦ୍ୱାରା ମୁହଁ, ଜିଭ, ଗାଲ, ସ୍ୱରନ୍ତ୍ର ଭଳି ଅଙ୍ଗ ନଷ୍ଟ ହୁଏ ବୋଲି ଡା. ମିର୍ଜା ବାବର ବେଗ ପ୍ରକାଶ କରିଥିଲେ ଓ ପୋଲିସ ବିଭାଗ କୋଟପା ଆଇନକୁ କଡାକଡି ଲାଗୁ କରିବା ତଥା ସର୍ବସାଧାରଣ ସ୍ଥାନ, ସମସ୍ତ ସରକାରୀ କାର୍ଯ୍ୟାଳୟରେ ପାନ, ଗୁଟଖା, ତମାଖୁ ସେବନ ନିଷେଧ ସମ୍ପର୍କିତ ବିଜ୍ଞାପ୍ତି ତଥା ନିର୍ଦ୍ଦେଶନାମା ଜାରି କରିବା ବିଷୟରେ ଆଲୋଚନା କରାଇଥିଲା ଓ ସରପଞ୍ଚମାନଙ୍କୁ ପ୍ରଶିକ୍ଷଣ ଦିଅଯାଇ ସେମାନଙ୍କ ଗ୍ରାମପଞ୍ଚାୟତର ଗୋଟିଏ ଗୋଟିଏ ଗ୍ରାମକୁ ତମାକୁ ମୁକ୍ତ ଗ୍ରାମ କରିବା ପାଇଁ ପ୍ରଚେଷ୍ଟା ଜାରୀରଖିବାକୁ ଆଲୋଚନା କରାଯାଇଥିଲା ଓ ଏହି କ୍ରମରେ ୯୪ଗୋଟି ସ୍କୁଲ ଓ ୬ ଟି କଲେଜକୁ ତମାକୁ ମୁକ୍ତ କରିବାକୁ ଯୋଜନା କରାଇଛି ବୋଲି ଆଲୋଚନା କରାଇଥିଲା ଏ ସମ୍ପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀ ଓ କଲେଜର ଅଧକ୍ଷ୍ୟମାନଙ୍କ ସହିତ ବିଷାଦ ଆଲୋଚନା କରାଇଥିଲା ଓ ୨୪ ଗୋଟି ଏନଫୋର୍ସମେଣ୍ଟ ସ୍କାର୍ଡ ଗଠନ କରାଇ କୋଟପା ଆଇନ-୨୦୦୩ କା। ଆଇନ-୨୦୦୩ କାର୍ଯ କାରୀ କରିବାକୁ ପୋଲିସ ବିଭାଗ ପକ୍ଷରୁ ପଦକ୍ଷେ ନିଆଯାଇଛି ଓ ସମସ୍ତ ସ୍କୁଲ ଓ କଲେଜର ଛାତ୍ର ଛାତ୍ରୀମାନଙ୍କୁ ତମାଖୁ ସେବନ ନ କରିବାକୁ ଶପଥ ପାଠ କରିବା ପାଇଁ ଶିକ୍ଷାଅନୁଷ୍ଠାନର ପ୍ରଧାନ ଶିକ୍ଷକ/ ଅଧକ୍ଷ୍ୟମାନଙ୍କୁ ଅନୁରୋଧ କରାଇଥିଲା ଓ ପଲ୍ଲି ସଭା/ସମିତି ସଭାମାନଙ୍କରେ ଜନ ପ୍ରତିନିଧିମାନଙ୍କ ଦ୍ୱାରା ତମାଖୁ ବର୍ଜନ ପାଇଁ ସଚେତନତା କରାଇବା, ଟ୍ରକ ଓ ବସ କର୍ମଚାରୀ ସଂଘମାନଙ୍କ ଦ୍ୱାରା ଚାଳକ ଓ କ୍ଲୀନରମାନଙ୍କ ମଧରେ ନିଶା ଦ୍ରବ୍ୟ ବର୍ଜନ ଆଦି ସଚେତନତା କ୍ୟାଓକ୍ରମ କରିବାକୁ କମିଟି ବୈଠକରେ ପରାମର୍ଶ ଦିଆଯାଇଥିଲା । ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ଶ୍ରୀ ସଚିଦାନନ୍ଦ ମିଶ୍ର (ପରିବାର କଲ୍ୟାଣ), ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମିର୍ଜା ବାବର ବେଗ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ କେନ୍ଦ୍ରାପଡ଼ା ଅନିରୁଦ୍ଧ ବେହେରା, ଅବକାରୀ ନିରୀକ୍ଷକ କମଳ ଲୋଚନ ପାଇକରାୟ, ବିଭିନ୍ନ ସି.ଏଚ.ସିର ସ୍ୱାସ୍ଥ୍ୟ ଅଧିକାରୀ, ଡି.ପି.ଏମ. ଗୀତାଞ୍ଜଳି ଦାସ, ନେଚର୍ସ କ୍ଲବ ସ୍ୱଚ୍ଛାସେବୀ ସଂଗଠନର ସଭାତି ବିରାଜା ପତି, ବିଭିନ୍ନ ବ୍ଲକର ସିଡ଼ିଓ ଓ ସୁଶାନ୍ତ କୁମାର ଟନାୟକ ପ୍ରମୁଖ ଯୋଗଦେଇଥିଲେ । ଶେଷରେ ଶ୍ୟାମସୁନ୍ଦର ବିଶ୍ୱାଳ ଧନ୍ୟବାଦ, ଗୀତାଞ୍ଜଳି ଦାସ, ନେଚର୍ସ କ୍ଲବ ସ୍ୱଚ୍ଛାସେବୀ ସଂଗଠନର ସଭାପତି ବିରାଜା ପତି, ବିଭିନ୍ନ ବ୍ଲକର ସିଡ଼ିପିଓ ଓ ସୁଶାନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ । ଶେଷରେ ଶ୍ୟାମସୁନ୍ଦର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ଓ ଏହାପରେ ପ୍ରଜନନ ମାତୃତ୍ୱ, ଶିଶୁ ଓ କୌଶର ସ୍ୱାସ୍ଥ୍ୟର ସମୀକ୍ଷା ଏବଂ ଜିଲ୍ଲାରେ କି ଭଳି ମାତୃ ଓ ଶିଶୁ ମୃତ୍ୟୁ ହାର କମାଯାଇାରିବ, ସେ ବିଷୟରେ ବିଶଦ ଭାବେ ଆଲୋଚନା କରାଯାଇଥିଲା ।

# ଫୁଲବାଣୀ ଏସବିଆଇ ପକ୍ଷରୁ ବ୍ୟାଙ୍କ ଦିବସ ଅବସରରେ ରକ୍ତଦାନ ଶିବିର

କନ୍ଧମାଳ, ୦୧/୦୭ (ନି.ପ୍ର): ବ୍ୟାଙ୍କ ଦିବସ ପାଳନ ଅବସରରେ, ଫୁଲବାଣୀ ସ୍ଥିତ ଭାରତୀୟ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖା ପକ୍ଷରୁ ଆଜି ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଆୟୋଜିତ ହୋଇଯାଇଛି । ଏହି ଅବସରରେ ବ୍ୟାଙ୍କ ର ଗ୍ରାହକ ମାନଙ୍କୁ ମିଷ୍ଟାନ୍ନ ବଂଟନ କରାଯାଇଥିଲା । ରକ୍ତଦାନ ଶିବିର ରେ ଭାରତୀୟ ଷ୍ଟଟ ବ୍ୟାଙ୍କ କନ୍ଧମାଳ ର ଆଂଚଳକ ପରିଚାଳକ, ମାନସରଞ୍ଜନ ଆଚର୍ଯ୍ୟ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ଶାଖାର ମୁଖ୍ୟ ପରିଚାଳକ ଜତୀଶ ସେଠୀ, ବିଶିଷ୍ଟ ରକ୍ତଦାତା ତଥା ରକ୍ତ ଭଣ୍ଡାର ପରିଚାଳନା କମିଟି ସଦସ୍ୟ ପ୍ରସାନ୍ତ କୁମାର ବେହେରା, ଟିମ ହ୍ୟୁମାନିଟି କନ୍ଧମାଳର ଆବାହକ ସ୍ୱେଚ୍ଛାସେବୀ ଭି.ଲୋକନାଥ ରାଜୁ ପ୍ରମୁଖ ଉପସ୍ଥିତ ଥିଲେ । ବ୍ୟାଙ୍କ ସମ୍ମୁଖରେ ଅନୁଷ୍ଠିତ ରକ୍ତଦାନ ଶିବିରରେ, ଡା.ସୁଶ୍ରୁତ କୁମାର ସାମାନ୍ତଙ୍କ ତତ୍ତ୍ୱାବଧାନରେ ରକ୍ତ ଭଣ୍ଡାରର କର୍ମଚାରୀ ଦିନକୃଷ୍ଣ ମହନ୍ତ, ଅର୍ଚ୍ଚନା ପ୍ରଧାନ, ପ୍ରଶାନ୍ତ କୁମାର ତନ୍ତ୍ରାଲୁ ଏବଂ ବରୁଣ ବେହେରା ରକ୍ତସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ । ଶିବିରରେ ବ୍ୟାଙ୍କର କର୍ମଚାରୀ ମାନେ ସ୍ୱେଚ୍ଛାକୃତ ଭାବରେ ଆସି ସେମାନଙ୍କର ରକ୍ତଦାନ କରିଥିଲେସେମାନଙ୍କ ମଧ୍ୟରେ କିଛି ନୂତନ ରକ୍ତଦାତା ମଧ ଥିଲେ । ଅଭିଳାଶ ତ୍ରିପାଠୀ, ଗ୍ରରବ କେଶରୀ ଏବଂ ଅନ୍ୟମାନେ ସହାୟତା କରିଥିଲେ । ଅନୁଷ୍ଠିତ ଶିବିରରେ ମୋଟ ୨୧ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ବ୍ୟାଙ୍କରରେ ପ୍ରଥମ ଥର ପାଇଁ ଏହିଭଳି ସମାଜ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଟି.ପି. ଏସ୍. ଓ. ଡି. ଏଲ୍ ପକ୍ଷରୁ ଛାତ୍ରମାନଙ୍କ ମଧ୍ୟରେ ବୈଦ୍ୟୁତିକ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ଜୟପୁର, ୦୧/୦୭ (ନି.ପ୍ର): ଟି.ପି. ଦକ୍ଷିଣାଂଚଳ ଓଡ଼ିଶା ବିତରଣ ଲିମିଟେଡ ଆନୁକୂଲ୍ୟରେ ଚତୁର୍ଥ ଜାତୀୟ ବୈଦ୍ୟୁତିକ ସୁରକ୍ଷା ସପ୍ତାହ ଅବସରରେ ସ୍ଥାନୀୟ ଜଗଦୀଶ ଚନ୍ଦ୍ର ନାୟକ ଉଚ୍ଚ ବିଦ୍ୟାଳୟର ଛାତ୍ରମାନଙ୍କ ମଧରେ ଏକ ବୈଦ୍ୟୁତିକ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । କ୍ରୀଡ଼ା ଶିକ୍ଷକ ଶ୍ରୀଯୁକ୍ତ ବାସୁଦେବ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଉପେନ୍ଦ୍ର ଦୀପ୍, ଶିକ୍ଷୟିତ୍ରୀ ଏ ଶ୍ୱେତା, ମାଧୁରୀ ମଧୁମିତା, ସୁଧାରାଣୀ ଭୂପତି, ହିନ୍ଦୀ ଶିକ୍ଷକ କମଳ ଲୋଚନ ଶୀଶା ଉପସ୍ଥିତ ଥିଲେ । ଚତୁର୍ଥ ଜାତୀୟ ବୈଦ୍ୟୁତିକ ସୁରକ୍ଷା ସପ୍ତାହର ଆଭିମୁଖ୍ୟ ସମ୍ପର୍କରେ ଇଂ. ସୌମ୍ୟ ରଞ୍ଜନ ଲେଙ୍କା କହିଥିଲେ । ବୈଦ୍ୟୁତିକ ସୁରକ୍ଷା - ଏହା ସହ ବୁଝାମଣା ନୁହେଁ, ସଠିକ ଜ୍ଞାନ ଆବଶ୍ୟକ । ଏଣୁ ବିଦ୍ୟୁତ ବ୍ୟବହାର ସମୟରେ ଉପଯୁକ୍ତ ସୁରକ୍ଷା ଅବଲମ୍ବନ କରିବା ଆବଶ୍ୟକ । ଏହି କାର୍ଯ୍ୟକ୍ରମଟି ସୁରକ୍ଷା ଅଧିକାରୀ ଶ୍ରୀ ପ୍ରମୋଦ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିଲା । ଘରୋଇ ବୈଦ୍ୟୁତିକ ସୁରକ୍ଷା ଉପରେ ଅଭି ଭାଷଣ ରଖିଥିଲେ ସି.ଆର.ସି ଜୟପୁରର ଜୀବନ ଜ୍ୟୋତି ମିଶ୍ର ଓ ସୁରଜିତ୍ ସ୍ୱାଇଁ । ଶେଷରେ ଛାତ୍ର ମାନଙ୍କ ମଧ୍ୟରେ ବୈଦ୍ୟୁତିକ ସଚେତନତା ଧର୍ମୀ କୁଇଜ୍ ପ୍ରତିଯୋଗିତା କରାଯାଇ ଥିଲା । ଯେଉଁଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରମାନେ ହେଲେ ଯଥାକ୍ରମେ କ୍ରିଷ୍ଣା ନାୟକ, ସୁରଜ ପରଜା ଓ ଅନନ୍ତ କୁମ୍ଭାର । କୃତି ପ୍ରତିଯୋଗୀମାନଙ୍କୁ ଟି ପି ଏସ୍ ଓ ଡି ଏଲ୍ ପକ୍ଷରୁ ପୁରସ୍କୃତ କରାଯାଇଥିଲା । ଶେଷରେ ସ୍କୁଲର ଶିକ୍ଷୟିତ୍ରୀ ଏ ଶ୍ୱେତା ଧନ୍ୟବାଦ ଅର୍ପଣ କରିବା ସହିତ ସଭା ସାମାପ୍ତ କରିଥିଲେ ।

# ବିଦ୍ୟା ଆବାସିକ ମହାବିଦ୍ୟାଳୟ ନିଖୋଜ ଛାତ୍ରୀଙ୍କୁ ଠାବ କଲା ପୁଲିସ

କୋରେଇ, ୦୧/୦୭ (ନି.ପ୍ର): ପାଣିକୋଇଲିସ୍ଥିତ ବିଦ୍ୟା ଅବାସିକ ମହାବିଦ୍ୟାଳୟରୁ ନିଖୋଜ ଛାତ୍ରୀକୁ ଠାବ କରିବାରେ ପୁଲିସ ସକ୍ଷମ ହୋଇଛି । ହେଲେ ଛାତ୍ରୀ ଜଣଙ୍କ ବିବାହ କରିସାରିଛି । ସେ ଜଣେ ସାବାଳିକା ହୋଇଥିବାରୁ ବିବାହ କରିବାର ଅଧିକାର ତାର ରହିଛି । ଅଭିଯୋଗରେ ଦର୍ଶାଯାଇଥିା ପୁରୁଷ ବନ୍ଧୁଙ୍କୁ ସେ ବିବାହ କରିଥିବା ତାକୁ ଠାବ ସମୟରେ ପୁଲିସ ଜାଣିବାକୁ ପାଇଛି । ପ୍ରକାଶଯେ ବାଲେଶ୍ୱର ସଦରଥାନା ଅନ୍ତର୍ଗତ ନୀଳବାଗ ଗ୍ରାମର ପୂର୍ଣ୍ଣ ଚନ୍ଦ୍ର ପାତ୍ର ସସ୍ତ୍ରୀକ ବିହାରରେ ରୁହନ୍ତି । ପରିବାରର ଅନ୍ୟମାନେ ଗାଁରେ ରୁହନ୍ତି । ପାଣିକୋଇଲି ବିଦ୍ୟା ଆବାସିକ ମହାବିଦ୍ୟାଳୟରେ ପୂର୍ଣ୍ଣଙ୍କ ଝିଅ ବର୍ଷାରାଣୀ ପାତ୍ର +୩ ଦ୍ୱିତୀୟ ବର୍ଷର ଛାତ୍ରୀ ଅଟେ । ଗତ ୨୨ ତାରିଖ ଗାଁରୁ ଆସି ବିଦ୍ୟାଳୟର ହଷ୍ଟେଲରେ ରହୁଥିଲା । ହଷ୍ଟେଲ ଯାଂଚ ସମୟରେ ତା ନିକଟରୁ ଏକ ମୋବାଇଲ ହଷ୍ଟେଲ ଇନଚାର୍ଜ ଧରିଥିଲେ । ଯେଉଁଥିରେ ତାର ଜଣେ ପୁରୁଷ ବନ୍ଧୁର ସୂଚନା ମିଳିଥିଲା । ଫଳରେ ତା ଠାରୁ ତା ମୋବାଇଲଟିକୁ ନେଇ ରଖାଯାଇଥିଲା । ବୁଧବାର ପାଣିକୋଇଲିରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ବିଦ୍ୟା ଆବାସିକ ବିଦ୍ୟାଳୟର ଛାତ୍ର/ ଛାତ୍ରୀ ମାନେ ଭାଗ ନେଇଥିଲେ । ବର୍ଷା ତାର ଦେହ ଭଲ ନାହିଁ କହି ହଷ୍ଟେଲରେ ରହିଥିଲା । ସମସ୍ତେ ଯିବା ପରେ ବର୍ଷା ହଷ୍ଟେଲରୁ ବାହାରି ଯାଇଥିଲା । ଯାହା ସିସିଟିଭି ଫୁଟେଜରୁ ଜଣାପଡିଥିଲା । ଏନେଇ ବିଦ୍ୟାଳୟ ଓ ପରିବାର ପକ୍ଷରୁ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରାଯିବାପରେ ଏକ ନିଖୋଜ ମାମଲା ୩୬/ ୨୩ ରୁଜୁ କରାଯାଇଛି ।

# ରାଜ୍ୟସ୍ତରୀୟ ମହିଳା କ୍ରିକେଟରେ ବଲାଣି ମହିଳା ପ୍ରଶିକ୍ଷଣ ଶିବିରରୁ ୮ ଖେଳାଳି

ବଲାଣି, ୦୧/୦୭ (ନି.ପ୍ର): ମହିଳା କ୍ରିକେଟ ରେ ସୀମାନ୍ତ ବଲାଣି ଅଂଚଳର ମହିଳା ଖେଳାଳି ମାନେ ନୂତନ କୀର୍ତିମାନ ହାସଲ କରିଛନ୍ତି । ବଲାଣିର ମହିଳା କ୍ରିକେଟ ପ୍ରଶିକ୍ଷଣ ଶିବିରରୁ(ଏଲ ସି ସି ସି) ରାଜ୍ୟ ସ୍ତରୀୟ ମହିଳା କ୍ରିକେଟ ରେ କେନ୍ଦୁଝର ଜିଲ୍ଲାକୁ ପ୍ରତିନିଧିତ୍ୱ କରିବାରେ ସଫଳ ହୋଇଛନ୍ତି ଏହି ପ୍ରଶିକ୍ଷଣ ଶିବିରର ୮ ଜଣ ମହିଳା ଖେଳାଳି । କେବଳ ଯେ ୮ ମହିଳା ପ୍ରତିନିଧିତ୍ୱ କରୁଛନ୍ତି ତାହା ନୁହେଁ ବଲାଣି ମହିଳା କ୍ରିକେଟ ପ୍ରଶିକ୍ଷଣ ଶିବିରର ୨ ମହିଳା କେନ୍ଦୁଝର ଜିଲ୍ଲା ମହିଳା ଦଳର ଅଧିନାୟକ ଓ ଉପ ଅଧିନାୟକ ପଦ ଅଳଙ୍କୃତ କରିବାର ଗୌରବ ହାସଲ କରିଛନ୍ତି । ଏହା ବ୍ୟତୀତ ବଲାଣି ମହିଳା କ୍ରିକେଟ ପ୍ରଶିକ୍ଷଣ ଶିବିରର ପ୍ରଶିକ୍ଷକ ଅମରେନ୍ଦ୍ର ମହାନ୍ତି କେନ୍ଦୁଝର ଜିଲ୍ଲାର ପ୍ରଶିକ୍ଷକ ଭାବେ ଚୟନିତ ହୋଇ ବଲାଣି ପାଇଁ ଗୌରବ ହାସଲ କରିଛନ୍ତି । ବଲାଣି ମହିଳା କ୍ରିକେଟ ପ୍ରଶିକ୍ଷଣ ଶିବିର ବିଭିନ୍ନ ସମସ୍ୟା ଦେଇ ଗତି କରିଆସୁଥିଲେ ସୁଦ୍ଧା ଅନେକ ମହିଳାଙ୍କୁ ରାଜ୍ୟ ଓ ଜାତୀୟ ସ୍ତରରେ ପହଂଚାଇ ରାଜ୍ୟ ଓ ଦେଶରେ ବଲାଣିର ପରିଚୟ ସୃଷ୍ଟି କରିଛି । ରାଜ୍ୟ ସ୍ତରୀୟ ମହିଳା କ୍ରିକେଟ ରେ କେନ୍ଦୁଝର ମହିଳା କ୍ରିକେଟ ଦଳ ପାଇଁ ଚୟନ ହୋଇଥିବା ଖେଳାଳିଙ୍କ ମଧ୍ୟରୁ ପୂର୍ଣ୍ଣିମା ରାୟ ଅଧିନାୟକ, କୁସୁମ ତିରିଆ ଉପ ଅଧିନାୟକ, ରାଣୀ ପ୍ରସାଦ, ଯଶସ୍ୱିନି ନାଏକ, ପୂଜା ଗାଗରାଇ, ମନୀଷା ନାଏକ, ବିପାଷା ବାଡ଼ାଏକ ରାଜ୍ୟ ସ୍ତରରେ ପ୍ରତିନିଧିତ୍ୱ କରୁଥିବା ବେଳେ ଜିଲା କ୍ରିକେଟ ମହିଳା ଦଳର ପ୍ରଶିକ୍ଷକ ଭାବେ ଅମରେନ୍ଦ୍ର ମହାନ୍ତିଙ୍କୁ ଚୟନ କରାଯାଇଛି । ବର୍ତମାନ କଟକ ରେଭେନ୍ସା ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ଆନ୍ତଃ ଜିଲା ମହିଳା କ୍ରିକେଟ ରେ କେନ୍ଦୁଝର ଜିଲା କୋରାପୁଟ ବିରୋଧରେ ଐତିହାସିକ ବିଜୟ ଲାଭ କରିଛି । ଗତକାଲି ଅନୁଷ୍ଠିତ ହୋଇଥିବା ମ୍ୟାଚ ରେ କେନ୍ଦୁଝର ମହିଳା ଦଳ ୧୭୦ ରନ୍ ର ଏକ ବଡ଼ ବ୍ୟବଧାନରେ ବିଜୟ ହାସଲ କରିଛ । ଉପ ଅଧିନାୟକ କୁସୁମ ତିରିଆ ୪୭ ବଲ ରେ ୬୩ ରନ୍ ଓ ଅଧିନାୟକ ପୂର୍ଣ୍ଣିମା ରାୟଙ୍କ ୩୪ ବଲରେ ୨୬ ରନ୍ ର ଭାଗିଦାରୀ ଯୋଗୁଁ ଦଳ ନିର୍ଦ୍ଧାରିତ ୨୦ ଓଭରରେ ଦଳ ୧୮୦ ରନ୍ ର ଏକ ବଡ଼ ଲକ୍ଷ୍ୟ ହାସଲ କରିଥିଲା ଅପରପକ୍ଷେ କୋରାପୁଟ ଦଳ ନୈରାଶ୍ୟ ଜନକ ଖେଳ ପ୍ରଦର୍ଶନ କରି ୯.୧ ଓଭରରେ ମାତ୍ର ୧୦ ରନ୍ ସଂଗ୍ରହ କରି ସମସ୍ତ ଖେଳାଳି ଆଉଟ ହୋଇଯାଇଥିଲେ । ବଲାଣି ମହିଳା କ୍ରିକେଟ ପ୍ରଶିକ୍ଷଣ ଶିବିରର ରାନି ପ୍ରସାଦ ୨ ଓଭରେ ମାତ୍ର ୨ ରନ୍ ଦେଇ ୫ ଟି ଉଇକେଟ କରି ମ୍ୟାନ ଅଫ ଦ ମ୍ୟାଚ ଆଖ୍ୟା ଆର୍ଜନ କରିଛନ୍ତି । କେନ୍ଦୁଝର ଦଳର ଶ୍ରେଷ୍ଠ ଖେଳ ପ୍ରଦର୍ଶନ ଓ ପ୍ରଶିକ୍ଷକ ଅମରେନ୍ଦ୍ର ମହାନ୍ତିଙ୍କ ଗୁଣାତ୍ମକ ପ୍ରଶିକ୍ଷଣ ନିମନ୍ତେ ବଲାଣି ତଥା ଜିଲା ରୁ ସମସ୍ତ ଖେଳାଳିଙ୍କ ନିମନ୍ତେ ଶୁଭେଚ୍ଛା ବାର୍ତା ଛୁଟୁଛି ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୨ ଜୁଲାଇ ୨୦୨୩
email :
rabibarachayan2015@gmail.com




## ଧାରାବାହିକ ଉପନ୍ୟାସ

### ଡ.ଭାଗବତ



# ବୈଦେହୀ

‘ବୈଦେହୀ’ ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର ‘ବୈଦେହୀ’ ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର ‘ବୈଦେହୀ’ ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...



ଭାଗ - ୯

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ହଁ ଅପା । ସାରା ମିଥିଳାରେ ଏହିକଥା ପ୍ରଚାର ହୋଇଯାଇଛି । ସେ ରାମଚନ୍ଦ୍ର କୁଆଡ଼େ ଦେଖିବାକୁ କନ୍ଦର୍ପଠାରୁ ଆହୁରି ସୁନ୍ଦର । ସେଇଥିପାଇଁ ଲୋକେ ରାମନାମ ସ୍ଥାନରେ କାମ ନାମ ଉଚ୍ଚାରଣ କରୁଛନ୍ତି । ପରିଚାରିକା କୁମୁଦିନୀ କହୁଥିଲା ସେ ଯେମିତି ବୀର, ସେମିତି ସୁନ୍ଦର । ଏ ଧରାରେ ତାଙ୍କ ଶୌର୍ଯ୍ୟ ବୀର୍ଯ୍ୟ ସହ ତୁଳି ହେବାପାଇଁ କୌଣସି ପୁରୁଷ ନାହାନ୍ତି ।

ରାମଚନ୍ଦ୍ର ! ରାମଚନ୍ଦ୍ର ! ଏହି ନାମଟିକୁ ମୁଁ ବାରମ୍ବାର ଉଚ୍ଚାରଣ କରନ୍ତେ ଶ୍ରୁତକୀର୍ତ୍ତି, ମାଣ୍ଡବୀ ହସିହସି କହିଥିଲେ, ଅପା, ନାମ ଶୁଣି ତୁ ତ ବାରମ୍ବାର ସେ ନାମ ଜପି ହେଉଛୁ, ନୟନରେ ଦେଖିଲେ କ’ଣ କରିବୁ ?

ଶ୍ରୁତକୀର୍ତ୍ତି, ପାଟି କରିଥିଲା ଉର୍ମିଳା । କାହିଁକି ଅପାକୁ ତୁମେ ଦୁଇଜଣ ଏପରି ଚିଡ଼ାଉଛ ।

ନାଁ ଉର୍ମିଳା ଆମେ ଥଟ୍ଟା ମଜାରେ ଏମିତି କହୁଛୁ । ଆଜକୁ ତିନିଦିନ ଧରି ଆମେ ଶତଶତ ରାଜକୁମାରଙ୍କୁ ଦେଖିଲୁଣି, ତାଙ୍କ ସମ୍ପର୍କରେ କେତେକଥା ଶୁଣିଲୁଣି । ଆଜି ରାମବୀରଙ୍କ ନାମ ଶୁଣି ତାଙ୍କ କଥା କୁହନ୍ତେ, ତୁ ଆମ ଉପରେ ରାଗୁଛୁ କାହିଁକି ଉର୍ମିଳା । କାହିଁ ଅପା ତ ଆମ ଉପରେ ରାଗୁନାହିଁ । ଶ୍ରୁତକୀର୍ତ୍ତି ତୁଣ୍ଡରୁ କଥା ସରିଛି କି ନାହିଁ, କୁମୁଦିନୀ ଆସି ବାର୍ତ୍ତା ଦେଇଗଲା, ରାଜକୁମାରୀମାନେ ରାଜକୁମାର ରାମଚନ୍ଦ୍ର, ଲକ୍ଷ୍ମଣ, ମହର୍ଷି ବିଶ୍ୱାମିତ୍ରଙ୍କ ସହିତ ଆସି ମିଥିଳା ଦାଣ୍ଡରେ ପାଦ ଦେଲେଣି । ତାଙ୍କୁ ଦେଖିବାପାଇଁ ମିଥିଳାର ନରନାରୀମାନେ ଉତ୍ସୁକ ହୋଇ ଧାଉଁଛନ୍ତି । ମହାରାଜ ଜନକ ତାଙ୍କୁ ପାଦ୍ୟାର୍ଘ ଦେଇ ବନ୍ଦନା କରି ଆଣିବାପାଇଁ ପୁରୋହିତ ମାନଙ୍କୁ ପ୍ରେରଣ କଲେଣି । ଏହି ମାର୍ଗ ଦେଇ ସେମାନେ ସ୍ୱୟମ୍ବର ସ୍ଥଳକୁ ବିଜେ କରିବେ । ତୁମେମାନେ ଏହି ପ୍ରାସାଦ ଉପରେ ଥାଇ ତାଙ୍କୁ ଦର୍ଶନ କର । ଏତକ ସମ୍ବାଦ ଦେଇ ପରିଚାରିକା କୁମୁଦିନୀ ଚାଲି ଯାଇଥିଲା ।

ଏ ସମ୍ବାଦ ପାଇ ଆନନ୍ଦରେ ନାଚି ଉଠିଲେ ଶ୍ରୁତକୀର୍ତ୍ତି, ମାଣ୍ଡବୀ । ମୋତେ ସମ୍ବୋଧନ କରି ସେମାନେ କହିଥିଲେ, ଅପା ଆଜିପର୍ଯ୍ୟନ୍ତ ଯେତେ ରାଜକୁମାର ଆସିଲେଣି ତୁ ସେମାନଙ୍କୁ ଦେଖି ଫିକ୍‌କରି ହସି ଦେଇଛୁ। କିଛି କହିନାହୁଁ । ଆଜି ଏ ଯେଉଁ ଦୁଇଜଣ ରାଜକୁମାର ଆସୁଛନ୍ତି ତାଙ୍କୁ ଦେଖି ଯଦି ଆମଭଳି ହସିବୁ, ତାହେଲେ ଆମେ ଜାଣିବୁ ସେ ଦୁଇଜଣରୁ ଯିଏ ହେଲେ ଜଣେ ଶିବଧନୁ ଭାଂଗି ତୋତେ ଜିଣିନେବ ।

ଶଙ୍ଖ ହୁଳହୁଳି ଧ୍ୱନିରେ କମ୍ପି ଉଠିଥିଲା ରାଜଦାଣ୍ଡ । ପୁରୋହିତ ମାନଙ୍କର ବେଦପାଠ ସହିତ ମହୁରି, ପଟହ, କାହାଳିର ଧ୍ୱନି । ଜୟ ଦଶରଥ ନନ୍ଦନ ରାମଚନ୍ଦ୍ରଙ୍କର ଜୟ, ଲକ୍ଷ୍ମଣଙ୍କର ଜୟରେ ପ୍ରକମ୍ପିତ ହୋଇ ଉଠିଥିଲା ମିଥିଳା ନଗରୀ । ଆଗେଆଗେ ବିଶ୍ୱାମିତ୍ର ତାଙ୍କ ପଛରେ ଶ୍ୟାମ ଦୁର୍ବାଦଳ ତନୁକାନ୍ତି ବିଶିଷ୍ଟ କନ୍ଦର୍ପ କଳାରେ ପରିପୂର୍ଣ୍ଣ ରାଜକୁମାର ରାମଚନ୍ଦ୍ର । ତାଙ୍କ ପଛକୁ ସ୍ୱର୍ଣ୍ଣଚମ୍ପାର ତନୁକୁ ନିନ୍ଦା କରୁଥିବା ଉଜ୍ଜ୍ୱଳ ଗୌରବର୍ଣ୍ଣର ଜ୍ୟୋତିବନ୍ତ ପୁରୁଷ ଲକ୍ଷ୍ମଣ । ଧୀର ପଦପାତରେ ଆସୁଛନ୍ତି ବୋଲି କୁମୁଦିନୀ ପୁଣି ଆସି ଖବର ଦେଇଗଲା । ନିଜେ ପିତା ଜନକ ସେମାନଙ୍କୁ ଯାଇ ପାଛୋଟି ଆଣୁଥା’ନ୍ତି । ରାମଚନ୍ଦ୍ର ରାମଚନ୍ଦ୍ର ନାମ ଧ୍ୱନିରେ କମ୍ପୁଛି ମିଥିଳା ନଗରୀ । ରାଜଦାଣ୍ଡର ବେନିପାର୍ଶ୍ୱରେ ଥାଇ ମିଥିଳାର ନରନାରୀମାନେ ତାଙ୍କ ଉପରକୁ ପୁଷ୍ପଚନ୍ଦନ ପକାଉଥା’ନ୍ତି ।

ଅଟ୍ଟାଳିକା ଉପରେ ଶ୍ରୁତକୀର୍ତ୍ତି, ମାଣ୍ଡବୀ, ଉର୍ମିଳା ଅପଲକ ନୟନରେ ଅନାଇ ରହିଥା’ନ୍ତି । ରାମନାମ ଶ୍ରବଣ କରି ତନୁ ମୋର ପୁଲକିତ ହୋଇ ଉଠୁଥାଏ । କେଜାଣି କାହିଁକି ମୋ ଚକ୍ଷୁକୋଣରେ ଅଶ୍ରୁ ଜକେଇ ଆସୁଥାଏ । ଶ୍ରୁତକୀର୍ତ୍ତି ପାଟି କରୁଥାଏ ଅପା ସେମାନେ ଆସିଗଲେ । ତୁ ଆମ ପାଖକୁ ଚାଲିଆ । ଏଇ ଦେଖ ମିଥିଳା ଦାଣ୍ଡର ନରନାରୀମାନେ କେମିତି ତାଙ୍କ ଉପରକୁ ଦୁର୍ବା, ଅକ୍ଷତ, ଫୁଲ ଚନ୍ଦନ ପକାଉଛନ୍ତି । ଅଟ୍ଟାଳିକା ଉପରେ ଥାଇ ପୁରନାରୀ ମାନେ ଉପରୁ ତାଙ୍କ ଉପରେ ପୁଷ୍ପବୃଷ୍ଟି କରୁଛନ୍ତି । ଆ’ ଅପା ଆ’ ଆମେ ବି ତାଙ୍କ ଉପରକୁ ଫୁଲ ପକାଇବା ।

ତାଙ୍କ କଥା ଶୁଣି ମୁଁ ନିଜକୁ ମୁଁ ମୋ ଆୟତ୍ତରେ ରଖିପାରି ନଥିଲି । ମୋ ସହିତ ଉର୍ମିଳା ମଧ୍ୟ । ଆମେ ଦୁଇ ଭଉଣୀ ଦୁଇହାତରେ ଦୁଇ ଆଞ୍ଜୁଳା ଫୁଲଧରି ଅଟ୍ଟାଳିକାର ଶେଷ ଭାଗକୁ ଚାଲି ଯାଇଥିଲୁ । ତଳକୁ ଅନାଇ ଦେଇ ଯାହା ମୁଁ ଦେଖିଥିଲି ସେ ଦୃଶ୍ୟକୁ ମୁଁ ତୁମ ଆଗରେ କ’ଣ ବର୍ଣ୍ଣିପାରିବି ସୁଧାମୟୀ । ଆଗରେ ଚାଲିଛନ୍ତି ବଲ୍‌କଳ ପରିହିତ, ଜଣେ ଧୀର, ଶାନ୍ତ ସନ୍ନ୍ୟାସୀ । ମୁଖମଣ୍ଡଳ ପକ୍ୱ ଶ୍ମଶ୍ରୁରେ ପରିପୂର୍ଣ୍ଣ । ତାଙ୍କ ପଛକୁ ତଳକୁ ମୁଖ ପୋତି ଚାଲିଛନ୍ତି ଜଣେ ଶାନ୍ତ, ସୌମ୍ୟ, ଶ୍ୟାମଳ ତନୁକାନ୍ତି ବିଶିଷ୍ଟ ସୁନ୍ଦର ସୁଠାମ ଯୁବକ । ଅଟ୍ଟାଳିକା ଉପରେ ଥିଲେ ବି ମୁଁ ତାଙ୍କୁ ଠିକ୍ ଭାବରେ ଦେଖିପାରୁଥାଏ । ପାଦ ଦୁଇଟି ତାଙ୍କର ପ୍ରତୀୟମାନ ହେଉଥାଏ ଦୁଇଟି ଦରବିକଶିତ ନୀଳ ଅରବିନ୍ଦ ତୁଲ୍ୟ । ମୁଖର ଶୋଭା ମୋତେ ପୂର୍ଣ୍ଣ ଦୃଶ୍ୟ ନହେଉଥିଲେ ବି ବସନ୍ତକାଳୀନ ପଦ୍ମ ତୁଲ୍ୟ ତାଙ୍କ ମୁଖମଣ୍ଡଳର ଜ୍ୟୋତି ଫୁଟି ଉଠୁଥାଏ । ହସ୍ତ ଦୁଇଟି ଜାନୁ ପର୍ଯ୍ୟନ୍ତ ଲମ୍ବିଆସିଛି । କାନ୍ଧରେ ମରକତ ମଣି ତୁଲ୍ୟ ଝଲସି ଉଠୁଥାଏ ଧନୁ, ତୂଣୀର । ବକ୍ଷଦେଶରେ ଲମ୍ବି ରହିଛି ସରିସରି ବନପୁଷ୍ପର ମାଳ । କଟିତଟରେ ଭିଡ଼ି ରହିଛି ବସନ୍ତକାଳୀନ ଚମ୍ପାରଂଗିଆ ପାଟଟିଏ । ତାଙ୍କୁ ଦର୍ଶନ କଲା କ୍ଷଣି ମୋ ଶରୀର ଘର୍ମାକ୍ତ ହୋଇ ଯାଇଥିଲା । ବିନ୍ଦୁବିନ୍ଦୁ ସ୍ୱେଦ ଝରି ପଡ଼ିଥିଲା ମୋ ଶରୀରରୁ । ରାଜ ଦାଣ୍ଡରେ ଲୋକେ ରାମଚନ୍ଦ୍ର ରାମଚନ୍ଦ୍ର କହି ଜୟଧ୍ୱନି ଦେଉଥା’ନ୍ତି । ମୋ ଅଜାଣତରେ ମୋ ପାଟିରୁ ଝରିପଡ଼ିଲା ସେହି ରାମ ନାମ । ମୋ ହସ୍ତରେ ଥିବା ପୁଷ୍ପାଞ୍ଜଳି ଝରି ପଡ଼ିଲା ତାଙ୍କ ମସ୍ତକ ଉପରେ । ଅଟକିଗଲେ ସେ । କାହିଁକି ଅଟକିଗଲେ ମୁଁ ଜାଣେନା ସଖୀ । ଯେଉଁ ପାଦ ସେ ଆଗକୁ ପକାଇବା ପାଇଁ ଉଠାଇଥିଲେ, ସେ ପାଦ ତାଙ୍କର ସେମିତି ଅଟକି ଯାଇଥିଲା । ଗ୍ରୀବା ତୋଳି ଉପରକୁ ଅନାଇଥିଲେ ସେ । ଏଣେତେଣେ ଅନାଇ ସହସା ତାଙ୍କ ଦୃଷ୍ଟି ମୋ ଉପରେ ପଡ଼ିଥିଲା । ମୁଁ ମଧ୍ୟ ତାଙ୍କୁ ଅନାଇ ରହିଥିଲି । ସ୍ଥିର ହୋଇ ଯାଇଥିଲି ମୁଁ । ଏ କ’ଣ ? ମୁଁ କ’ଣ ଦେଖୁଛି ? ଏ ଯେ ଅପରୂପ, ଅନୁପମ । କି ସୁନ୍ଦର ତାଙ୍କ ମୁଖମଣ୍ଡଳର ଜ୍ୟୋତି । ସତେକି ଯେମିତି ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ସମସ୍ତ ଶୋଭା ଆସି ତାଙ୍କ ମୁଖମଣ୍ଡଳରେ ଲହଡ଼ି ଭାଂଗୁଛନ୍ତି ? କି ସୁନ୍ଦର ତାଙ୍କ ମସ୍ତକର ସଞ୍ଚଘଞ୍ଚ କୁଞ୍ଚିତ କେଶଦାମ । କଳାହାଣ୍ଡିଆ ମେଘର ଦ୍ୟୁତିକୁ ନିନ୍ଦା କରୁଥିବା ମସ୍ତକର କେଶପାଶ ତଳେ ଚକ୍ଷୁ ଉପରର ଭ୍ରୁଲତା ସତେକି କାମଦେବଙ୍କ କାମଧନୁ । ତା ତଳକୁ ନୀଳକଇଁ ସଦୃଶ ଦର ବିକଶିତ ତାଙ୍କର ଚକ୍ଷୁର ଦ୍ୟୁତି, ବିଜୁଳିର କାନ୍ତିକୁ ନିନ୍ଦା କରି ଝଲସି ଉଠୁଥିବା ଓଷ୍ଠଦ୍ୱୟର ରଂଗ ମୋତେ ଏମିତି ଆକୃଷ୍ଟ କରିଦେଲା ଯେ ମୁଁ ଚକ୍ଷୁର ପଲକ ମଧ୍ୟ ପକାଇ ପାରି ନଥିଲି । ସେ ମଧ୍ୟ ସତୃଷ୍ଣ ନୟନରେ ମୋତେ ଅନାଇ ରହିଥିଲେ । ହସ୍ତ ଅଞ୍ଜଳି ମୋର ସେମିତି ଯୋଡ଼ହସ୍ତ ହୋଇ ରହିଯାଇଥାଏ । ପୁଷ୍ପ ସବୁ ଝରିପଡୁଥାଏ ତାଙ୍କ ମସ୍ତକ ଉପରେ । ତାଙ୍କୁ ଅନାଇ ମୁଁ ମୋର ଶରୀରର ସମସ୍ତ ସତ୍ତାକୁ ହରାଇ ବସିଥାଏ । (କ୍ରମଶଃ)

❤ ଦର୍ଜୀପୋଖରୀ, ରାଣୀପାଟଣା, ବାଲେଶ୍ୱର

# ଗଂଗାଧରଙ୍କ ଜନ୍ମଗୃହ ଜାତୀୟକରଣ

### ପ୍ରଫେସର ମଣୀନ୍ଦ୍ର କୁମାର ମେହେର



ଗଙ୍ଗାଧରଙ୍କ ଜନ୍ମଗୃହ ଜାତୀୟକରଣ ହୋଇପାରିବ ନା ନାହିଁ, ଯେତେବେଳେ ସେଇ ଚିନ୍ତନ ଥିଲା ସମସ୍ତଙ୍କ ପାଇଁ ଉତ୍କଣ୍ଠାପୂର୍ଣ୍ଣ । ସେହି ସମୟରେ ସଂସ୍କୃତି ବିଭାଗର ମନ୍ତ୍ରୀ ଥିବା ବିଶିଷ୍ଟ ଲେଖକ ଓ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସୁଯୋଗ୍ୟ ପୁତ୍ର ଶ୍ରୀଯୁକ୍ତ ନିତ୍ୟାନନ୍ଦ ମହାପାତ୍ର ଗଙ୍ଗାଧରଙ୍କ ଜନ୍ମଗୃହ ପରିଦର୍ଶନ ନିମନ୍ତେ ବରପାଲି ଆସିବାର କାର୍ଯ୍ୟକ୍ରମ ସ୍ଥିର ହୋଇଗଲା। ଏହା ଫଳରେ ବରପାଲି ବାସୀଙ୍କ ମନ ଭିତରେ ତଥା କବି ପରିବାର ମଧ୍ୟରେ ଖେଳିଯାଇଥିଲା ଏକ ନୂତନ ଚଞ୍ଚଳତା । ସେ ୧୯୫୭ ମସିହାରୁ ୧୯୭୧ ମସିହା ପର୍ଯ୍ୟନ୍ତ ଥିଲେ ଓଡ଼ିଶା ବିଧାନସଭାର ମାନ୍ୟବର ସଦସ୍ୟ । ଭଦ୍ରକ ନିର୍ବାଚନ ମଣ୍ଡଳୀରୁ ସେ ଓଡ଼ିଶା ଜନ କଂଗ୍ରେସ ଦଳର ପ୍ରାର୍ଥୀ ଭାବରେ ନିର୍ବାଚିତ ହୋଇଥିଲେ । ସେହି ସମୟରେ ସେ ଥିଲେ ମଧ ସାଂସ୍କୃତିକ ବ୍ୟାପାର ବିଭାଗର ମାନ୍ୟବର ମନ୍ତ୍ରୀ ।

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଉତ୍ତରଦାୟାଦ ଏବଂ ଜଣେ ବିଶିଷ୍ଟ ଲେଖକ ଭାବରେ ଏକ ଭିନ୍ନ ଦୃଷ୍ଟି ଦେଇ ସେ ପହଞ୍ଚି ଥିଲେ ବରପାଲି ମାଟିକୁ । କ୍ୱଚିତ୍ କ୍ଷେତ୍ରରେ ଦେଖାଯାଏ ଯେ ଜଣେ ପ୍ରକୃତ ସଂସ୍କୃତିସମ୍ପନ୍ନ ରାଜନେତା ବା ଲେଖକ ସଂସ୍କୃତି ବିଭାଗର ମନ୍ତ୍ରୀ ପଦ ଅଳଙ୍କୃତ କରିଥାଆନ୍ତି । ନିତ୍ୟାନନ୍ଦ ମହାପାତ୍ରଙ୍କ ପରି ଉଚ୍ଚକୋଟୀର ଜଣେ ଲେଖକ ବିଧାନସଭାର ସଭ୍ୟ ଭାବରେ ନିର୍ବାଚିତ ହେବା ଓ ସଂସ୍କୃତି ମନ୍ତ୍ରୀ ଭାବରେ ଓଡ଼ିଶା ସରକାରଙ୍କ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇବା ଓଡ଼ିଶାର ଇତିହାସରେ ଏକ ଗୌରବମୟ ଘଟଣା ।

## ସଂସ୍କୃତି ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ମହାପାତ୍ରଙ୍କ କବି ଗୃହ ପରିଦର୍ଶନ

ଗଙ୍ଗାଧରଙ୍କ ସୁପୁତ୍ର ଭଗବାନ ମେହେର ନିତ୍ୟାନନ୍ଦ ମହାପାତ୍ରଙ୍କୁ ଜାଣିଥିଲେ ଭଲଭାବରେ । ସେ ବରପାଲି ଶୁଭାଗମନ କରୁଛନ୍ତି ଏହା ଜାଣିବା ପରେ ଭଗବାନ ମେହେରଙ୍କ ମନରେ ସୃଷ୍ଟି ହୋଇଥିଲା ଆନ୍ତରିକ ଆବେଗ ଓ ସମ୍ମାନବୋଧ। ନିତ୍ୟାନନ୍ଦ ମହାପାତ୍ର ମଧ ଗଙ୍ଗାଧରଙ୍କ ଜନ୍ମମାଟିକୁ ସ୍ପର୍ଶ କରି ସେହିପରି ସ୍ପନ୍ଦିତ ହୋଇଯାଇଥିଲେ ସ୍ୱାଭାବିକ ଭାବରେ । ସେ ଗଙ୍ଗାଧର ମେହେରଙ୍କ କବିତା ଅଧ୍ୟୟନ କରି ଅଭିଭୂତ ଓ ପ୍ରେରଣୋଦୀପ୍ତ ହେବା ଥିଲା ତାଙ୍କ ବ୍ୟକ୍ତିତ୍ୱ ଅନୁରୂପ। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ନିକଟରୁ ସେ ଗଙ୍ଗାଧରଙ୍କ ଆତ୍ମିକ ପରିଚୟ ଲାଭ କରିବାର ସୁଯୋଗ ପାଇଥିଲେ । ଜନ୍ମଗୃହ ଜାତୀୟକରଣ ହେବା ନ ହେବା ସରକାରଙ୍କ ଚୂଡ଼ାନ୍ତ ନିଷ୍ପତ୍ତି ଉପରେ ଥିଲା ନିର୍ଭରଶୀଳ । ମାତ୍ର ବରପାଲିରେ ତ ଦୁଇ କବିପୁତ୍ରଙ୍କ ମିଳନ ସେଦିନ ସୃଷ୍ଟି କରିଥିଲା ସମସ୍ତଙ୍କ ହୃଦୟରେ ଅପୂର୍ବ କମ୍ପନ।

ନିତ୍ୟାନନ୍ଦ ମହାପାତ୍ର କବିଗୃହରେ ପ୍ରବେଶ କରିବା ପରେ କବିପୁତ୍ର ଭଗବାନ ମେହେର ତାଙ୍କର ସ୍ୱାଭାବ ସୁଲଭ ବିନମ୍ରତା ପ୍ରକାଶ କରି ନିତ୍ୟାନନ୍ଦ ମହାପାତ୍ରଙ୍କୁ ପାଛୋଟି ନେଇଥିଲେ ଘର ଭିତରକୁ । ଯେଉଁ ପ୍ରକୋଷ୍ଠରେ କବିପୁତ୍ର ଭଗବାନ ମେହେର ନେଉଥିଲେ ବିଶ୍ରାମ ସେଇଠି ମାଟି କାନ୍ଥରେ ସଜ୍ଜିତ ହୋଇ ରହିଥିଲା ଗଙ୍ଗାଧର ମେହେରଙ୍କ ଫଟୋଚିତ୍ର । ନିତ୍ୟାନନ୍ଦ ମହାପାତ୍ର ପୁଷ୍ପାଞ୍ଜଳି ପ୍ରଦାନ କରି ଭକ୍ତି ନିବେଦନ କରିଥିଲେ ତାଙ୍କର । ଦୁଇ କବିପୁତ୍ରଙ୍କ ମଧ୍ୟରେ ଯେଉଁ ସ୍ୱଳ୍ପକାଳରେ ଆଳାପ ଆଲୋଚନା ହେଲା ସେତେବେଳେ ବିନମ୍ରତାର ଦେବତା ସେହି ପରିସରରେ ଥିଲେ ଉପସ୍ଥିତ । ଭଗବାନ ମେହେର ମିତଭାଷୀ ଓ ମୃଦୁଭାଷୀ। ନିତ୍ୟାନନ୍ଦ ମହାପାତ୍ର ମଧ ହେଉଛନ୍ତି ଭାବବାଦୀ ଏବଂ ଆବେଗଦୀପ୍ତ ହୃଦୟର ଅଧିକାରୀ । ନିତ୍ୟାନନ୍ଦ ଗଙ୍ଗାଧରଙ୍କ ସମ୍ପର୍କରେ ଯେଉଁ କେତୋଟି ପଦ ଉଚ୍ଚାରଣ କରୁଥିଲେ ଓ ଭଗବାନ ମେହେର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ ଯେପରି ସ୍ମରଣ କରୁଥିଲେ ତାହାର ସୁକୋମଳ ଭାଷା ଶୁଣୁଥିଲେ କବି ପରିବାରର ସଦସ୍ୟମାନେ ଓ କବି ଗୃହର ବୈଠକ ଖାନାରେ ବସିଥିବା ବରପାଲିର ଭଦ୍ରବ୍ୟକ୍ତିମାନେ । ନିତ୍ୟାନନ୍ଦ ମହାପାତ୍ର ନିରୀକ୍ଷଣ କରିବାକୁ ଲାଗିଥିଲେ କବିକୁଟୀରକୁ ଓ କବି ପରିବାରର ସଦସ୍ୟମାନଙ୍କୁ । ଭଗବାନ ମେହେର ତାଙ୍କୁ ପାଛୋଟି ନେଇଗଲେ ପୁଣି ଘର ଭିତରକୁ ଏବଂ ଦେଖାଇଦେଲେ ଗଙ୍ଗାଧରଙ୍କ ଜନ୍ମ ପ୍ରକୋଷ୍ଠ। ନିତ୍ୟାନନ୍ଦ ମହାପାତ୍ର ତଲ୍ଲୀନ ହୋଇ ଯାଉଥିଲେ ସେହି ପବିତ୍ର ମାଟିକୁ ସ୍ପର୍ଶ କରି । ଏହାପରେ ଅନ୍ୟ ଯେଉଁ ଏକାଧିକ ପ୍ରକୋଷ୍ଠ ରହିଥିଲା ସେସବୁକୁ ମଧ ସେ ଅନୁଧ୍ୟାନ କଲେ ନିବିଷ୍ଟ ଚିତ୍ତରେ । କିଛି ସମୟ ଅନ୍ତେ ତାଙ୍କ ମୁହଁରୁ ସ୍ୱତଃସ୍ଫୂର୍ତ୍ତ ଭାବରେ ବାହାରି ପଡ଼ିଥିଲା ଗୋଟିଏ ବାକ୍ୟ ଯେ “କେଡ଼େ ସୁନ୍ଦର ହୋଇଛି କବିଙ୍କ ଏହି ଜନ୍ମଗୃହ । କ୍ଷୁଦ୍ର ହେଲେ ମଧ ଏହାର ଗାଠନିକ ସୌନ୍ଦର୍ଯ୍ୟ ଏବଂ ପବିତ୍ରତା ଅନନ୍ୟ । ତାହେଲେ ଏ ସମ୍ପର୍କରେ ଭିନ୍ନ ତଥ୍ୟ କାହିଁକି ଦିଆଯାଉଥିଲା ମୁଁ ବୁଝିପାରୁନି ।”

(କ୍ରମଶଃ)

❤ ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

## ଆମ ସମୟର କବିତା.....



### ।। କବିତାର ମୋକ୍ଷ ।।

**ଦୁର୍ଗା ଚରଣ ଷଡ଼ଙ୍ଗୀ**

ସାରଳା ଏବେ ସବାର ହୋଇଛନ୍ତି ହୋ ସାଆନ୍ତେ
ନିରୀହ କବି ମଣିଷର ଫଟା କପାଳରେ
ମିଛ ଅଠାକାଠିର ବୁଢ଼ିଆଣୀ ଜାଲରେ
ମରଣ ମୁହାଁ ବିଚାରୀ କବିତା
ନା ମୁକୁଳି ପାରୁଛି ବଡ଼ଲୋକଙ୍କ ଛଳ ଛଦ୍ମରୁ
ନା ଉଧୁରି ପାରୁଛି ଜବାବ୍ ସୁଆଲର କାଠଗଡ଼ାରୁ ।

ମିଛର ଗୋଟେ ଅସନ୍ତୁଷ୍ଟ ଛାଇ
ଏବେ ଘେରି ରହିଛି ତମାମ ଶବ୍ଦର ଆକାଶ
ମେଘ ନଥିବା ବାଦଲ
ଶସ୍ୟ ସଞ୍ଚରୁ ନଥିବା ବାଂଝ ମାଟିରେ
ଏବେ ବେହୁଦା କଟା ଚାଲିଛି ଫସଲ କବିତାର
ଯେମିତି ଆମେ ମୂର୍ତ୍ତିମନ୍ତ ଭବଭୂତି କି ସନ୍ଥ କାଳିଦାସ !

ମିଛକୁ ବୋହି କବିତା କରିବା ପରା ମହାପାପ
ଭାବ ନଥାଇ ଭାବୁକ ହେବା ସେମିତି କଥାଟିଏ ଲାଜର
କିଏ ବୁଝେ ଏଠି
ବଳରାମକୁ, ଭଞ୍ଜକୁ
ଅତିବଡ଼ୀଙ୍କୁ ନା ଗଙ୍ଗାଧରଙ୍କୁ
ନା ପ୍ରେମର ମଥାନେ ଗରଳ ପିଇ
ଚିତ୍ର ହୋଇ ଯାଇଥିବା କବି ମାୟାଧରଙ୍କୁ !

କିଛି ନ ଶୁଣି ଏଠି ତାଳି ପଡ଼େ
କବିର ଉପାଧି
ଶିରସ୍ତ୍ରାଣରେ ମଉଛବ ଲାଗେ
ପାଟପଣତରେ ଅତର ଛିଟାଇ ବାସ୍ନା ବୁଲେ
ରଙ୍ଗମଖା ମୁହଁରେ ମାହିର
ଅକର୍ମା ମଣିଷ କେହି କହିବୁଲେ,
ମୁଁ କବିତା କରୁଛି ପରା କବିତା ! !
ହୋ ସୁଧୀ ଜନେ ।

ଜୀବନ ଉପରେ ସତ୍ୟ- ଏବେ ପାଲଟି ଗଲାଣି
ଗୋଟେ ଶକ୍ତ ବୋଝ
ପ୍ରିୟ ଈଶ୍ୱର ବି କେବେଠୁଁ ଶୋଇ ଗଲେଣି
ଅକବିର ଉପଦ୍ରବରେ
ଶବ୍ଦ-ଧ୍ୱନି-ଭାବର ଅଣସର ଘରେ ବିମୁଖ ବାଗ୍‌ଦେବୀ
କିଏ ଶୁଣିବ ହୋ ସାଆନ୍ତେ ଏବେ
ଏ ଅମୋକ୍ଷ କବିତା ଆମର !
ମଣିଷ ପରା ଆଉ କେବେଠୁଁ ନାହାଁନ୍ତି ଏ ସଂସାରରେ ।

❤ ମୋ: ୦୯୪୩୮୫୩୫୫୭୭

### ।। ମାଟି ମିଛ ହେଲେ ।।

**ଶ୍ରୀନିବାସ ସେଠୀ**



ମାଟି
ମିଛ ହେଲେ
ଧାନର ବୁକୁରେ ସଞ୍ଚରେ ନାହିଁ
ଦୁଧ ।
ଅଗାଡ଼ି ହୁଏ ଶସ୍ୟ ।

ମାଟି
ମିଛ ହେଲେ
ବରଗଛରୁ ଗଜୁରେ ନାହିଁ
ବର ଓହଳର ପବ ।
ଧୂସର ଧୂଳିରେ
ଧୂଳି ହୁଏ ନାହିଁ ଶୈଶବ ।

ମାଟି
ମିଛ ହେଲେ
ପଙ୍କରୁ ହୁଗୁଳି ଯାଏ
କଇଁନାଡ଼ର ବନ୍ଧନ,
ଚହଲି ଯାଏ ନୀଳକଇଁର ମନ,
ଚାନ୍ଦିନୀ ରାତିରେ
ଆନମନା ହୁଏ ଜହ୍ନ ।

ମାଟି
ମିଛ ହେଲେ
ମଳିନ ପଡ଼ିଯାଏ
ସାଧବ ବୋହୂର ପାଟଶାଢ଼ି,
ରଂଗ ଜମେ ନାହିଁ
ଫୁଟିଲା ଫୁଲରେ,
ଗଜରାରେ ମଳିନ ଦିଶେ ମଲ୍ଲୀକଢ଼ି ।

ମାଟି ମିଛ ହେଲେ
କୂଳ ଖାଇଯାଏ ନଈବଢ଼ି,
ବିନା ନାଉରିରେ ନଦୀକୁ
ଡଙ୍ଗା ଫେରିଯାଏ କୂଳ ଛାଡ଼ି ।

ମାଟି
ମିଛ ହେଲେ
ଅରୁଆ ପବନ ବୋହି
ପାହିପାହି ଆସେ ନାହିଁ
ସକାଳ ସହଜ,
ଜହ୍ନି ଫୁଲର ଫୁଟିଲା ବେଳାରେ
ଯୋଡ଼ିଯାଏ ନାହିଁ ସଂଜ ।

❤ ରେଲ୍ ମିନାର , ଜୋଜେସ୍ କୋର୍ଟ ରୋଡ, କଲିକତା -୨୭

### ।। ସେ ଝିଅଟି ବାଲେଶ୍ୱରର ମୌସୁମୀରୁ ଉଭାନ୍ ହେବାପରେ ।।

**ଜ୍ଞାନେନ୍ଦ୍ର କୁମାର ପଣ୍ଡା**



ତୁମେ ହାତ ଧରି ଟାଣି ନେଉଥିଲ
ଗଡ଼ଗଡ଼ିଆ, ଫକୀରମୋହନ କଲେଜ,
ପୁରୁଣା ସିନେମା ହଲ୍, ଚିଡ଼ିଆ ପୋଲ,
ଓଭର ବ୍ରିଜ୍ ରୁ ଷ୍ଟେସନ ଛକ ।

ବର୍ଷାରେ କେତେଥର ନିସଙ୍କୋଚ ତିନ୍ତି
ତୁମେ ସହର ରାଜରାସ୍ତାରେ ହଜାଉଥିଲ ପାଦ ଘୁଙ୍ଗୁର
ମୁଁ ବି ଜାଣି ଶୁଣି ପ୍ରତିଥର ବର୍ଷାରେ ହଜାଉଥିଲି
ପ୍ରେମିକା, ଛମାଣ ଆଠଗୁଣ୍ଠ, ଅମୃତଫଳ,
ଅମାବାସ୍ୟାର ଚନ୍ଦ୍ର ।

ତୁମେ ଥିଲ ମୋ ଆଙ୍ଗୁଳିର ବନ୍ଧନୀରେ
ମୋ ପାଖରେ ଥିଲା ଇନ୍ଦ୍ରପଦ,ଐରାବତର ଐଶ୍ୱର୍ଯ୍ୟ ।

ଆଗକୁ ପଡ଼ିଥାଏ ସୁଦୀର୍ଘ ଓ.ଟି. ରୋଡ୍
ତୁମେ ମୋ କାନରେ କୁହ ବର୍ଷାକୁ ଏଇ ସଡ଼କ ପରି
ମାଇଲ୍ ମାଇଲ୍ ଧରି ଲମ୍ବିଯିବାର ଥିଲା ।

ସେଥର ଭାଙ୍ଗିନ’ଥିଲା ମୋ ସହରର ନିଦ
ଆଗରେ ହାଇୱେ’ର ଅତଳ ଶୁନଶାନ ଅନ୍ଧାର
ମୋ ଓଠରୁ କଥା ଛଡ଼େଇ ନେଇ ତୁମେ କହୁଥିଲ
ଆମ ପ୍ରେମକୁ ଏଇ ସଡ଼କ ଓ ଅନ୍ଧାର ପରି
ନିରୁତା ଓ ଗଭୀର ହେବାର ଥିଲା ।

ବର୍ଷା ଉପରାନ୍ତ ଆକାଶର ଆର୍ଦ୍ରତା ପରି
କିଛି ଦୂର ବାଇପାସରେ ଦିନେ ସରିଯିବାକୁ ଥାଏ ଗାଡ଼ିର ଇନ୍ଧନ
ତୁମକୁ ସେଇଠୁ ଯିବାର ଥାଏ ଦୂରବର୍ତ୍ତୀ ଅଜଣା ସହର
ତୁମେ ଚାଲିଯାଅ ଯାତ୍ରୀବାହୀ ଗାଡ଼ିରେ ।

ଆଉ କେବେ ତୁମକୁ କହି ହୁଏନା
ସେଦିନ ଫେରିବାର ରାସ୍ତା କେଡ଼େ ଦୀର୍ଘ ଥିଲା ।

ଏଥର ମୋ ଘର ଝର୍କା ସିଧା ଦେଇ
ସହରକୁ ପୁଣି ଆସିଛି ମୌସୁମୀ ।

ମୋ ହାତରେ ମେଘଦୂତ, ଆକାଶରେ ଦଳଦଳ ମେଘ ଖଣ୍ଡ
ଜଣାଥିଲେ ଠିକଣା ତୁମର, ସେମାନଙ୍କ ହାତରେ ପଠାଇଦିଅନ୍ତି
ତୁମ ପାଇଁ ପୁରୁଣା ଦିନ ।

ଆଖି ସାମ୍ନା ସଲଟ୍ ରୋଡ୍ ର ଝିପିଝିପି ବର୍ଷାରେ ଯୋଡ଼ିଏ ପ୍ରେମୀ
ସେମାନଙ୍କ ହସରେ ପୁନର୍ବାର ଜୀବନ୍ୟାସ ଘଟୁଛି
ଆମ ସେ ଦିନମାନଙ୍କର ପୁରୁଣା ବାଲେଶ୍ୱର ସହର ।
ବହି ଥାକରେ ଅଳସ ଭାଙ୍ଗୁଛନ୍ତି ଫକୀରମୋହନ,
ବିଭୁତି ପଟ୍ଟନାୟକ, ମନୋଜ ଦାସ;
ହୁଏତ ବର୍ଷାରେ ଭିଜିବାକୁ
ସେମାନେ ବି ମୋ ପରି ବ୍ୟଗ୍ର ।

ତୁମେ ନାହଁ,
ମୋତେ ଏବେ ଡାକ୍ତରଙ୍କ ପରାମର୍ଶ
ସାମାନ୍ୟ ବର୍ଷାରେ ଭିଜିଲେ ନିମୋନିଆ,
ମୋ ଭିତରେ ଏହା କୁଆଡ଼େ କ୍ରୋନିକ୍
ବେଶ ପୁରୁଣା । ❤



ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୦୨ ଜୁଲାଇ ୨୦୨୩



# ମିଛ କହୁ ନ ଥିବା ମଣିଷ

## କାଳିକିଙ୍କର



ଅନେକଦିନରୁ ମନ ଭିତରେ ପ୍ରଶ୍ନ ଆସିଛି ଯେ କ'ଣ ସତରେ କେହି ପୃଥିବୀରେ ମିଛ କହୁ ନ ଥିବା ମଣିଷ ଅଛନ୍ତି ! ହୁଏତ ନିଜକୁ ମୁଁ ଏହି ପ୍ରଶ୍ନର ଯଥାର୍ଥ ଉତ୍ତର ପାଇବାର ଏକମାତ୍ର ଶବ୍ଦ ନା'କୁ ସମ୍ବଳ କରିନେଇଛି । ସତ୍ୟଂ ବଦର ବେଦୋସିଦ୍ଧ ଆହ୍ୱାନ ଦେଇଥିବା ମହର୍ଷି ଯେ ମିଛ କହି ନ ଥିବେ ଏକଥା ସ୍ୱୀକାର କରିବା ଦୁରୂହ ବ୍ୟାପାର । ମହାଭାରତକାଳର ଏକମାତ୍ର ସତ୍ୟସନ୍ଧ ଧର୍ମାତ୍ମା ଯୁଧିଷ୍ଠିରଙ୍କୁ ମ୍ଭ ମିଛ କହିବାକୁ ପଡ଼ିଥିଲା ବୋଲି ଯଥେଷ୍ଟ ପ୍ରମାଣ ରହିଛି । ପ୍ରମାଣ କ'ଣ, ତାହା ସ୍ୱୀକାର କରାଯାଇଛି । ସତ୍ୟ, ତ୍ରେତୟା ଓ ଦ୍ୱାପର ବାଟ ଦେଇ ମିଛ କଳିକାଳରେ ପଦାର୍ପଣ କରିଛି ବୋଲି ହିନ୍ଦୁମାନେ ଶାସ୍ତ୍ରସିଦ୍ଧ ବାଖ୍ୟା ଦେଇଛନ୍ତି । ଏହାର ଅର୍ଥ, ପୃଥିବୀରେ ଜୀବନ ସହିତ ମିଛ ଅଙ୍ଗାଙ୍ଗୀଭାବେ ଜଡ଼ିତ ହୋଇଯାଇଛି । ତେବେ ମିଛ କ'ଣ ? ମିଛ କହିବା କିମ୍ବା ସିଦ୍ଧ ଆଚରଣ ଦ୍ୱାରା ମଣିଷର ଓ ମଣିଷ ସମାଜର କ'ଣ ଅସୁବିଧା କିମ୍ବା ସୁବିଧା ହୁଏ ତାହା ବିଚାର କରିବା । ମିଛକୁ ସତ ଭଳି ପରିବେଷଣ କରିବାରେ ଏପରିକି ପ୍ରମାଣ କରିବାର ପାଠ ଓକିଲମାନେ ଯେମିତି ପଢ଼ିଥାନ୍ତି କିମ୍ବା ଆ୍ମବସାୟ କରିଥାନ୍ତି ତାହା ଭାବିଲେ ମିଛ ପ୍ରତି ଅସହଜ ଭାବ ପୋଷଣ କରିବା ସମୁଚୀନ ବୋଲି କହିହେବ ନାହିଁ । ନ୍ୟାୟର ସିଂହାସନରେ ବସିଥିବା ବିଚାରପତି କ'ଣ ବୁଝୁ ନ ଥିବେ ଯେ ସେ ଅନେକ ସମୟରେ ପରିବେଷଣ କରୁଛନ୍ତି ମିଛ ନ୍ୟାୟ । ସତକୁ ଯେମିତି ନ୍ୟାୟାଳୟର ସେହି ସ'ଦ୍ ମୂର୍ତ୍ତିଟି ଆଖି ବୁଜିଦେଇ କହୁଛି, ମିଛ ଆଉ ସତ ଭିତରେ ଆଜି ସଂପର୍କ ସୁମଧୁର ଓ ଏହାକୁ ସବୁବେଳେ ସିଦ୍ଧି ମିଳି ଆସିଛି ।

ସାଧାରଣ ଜୀବନରେ ମିଛ କହିବା ଆଉ ସାମାଜିକ ଓ ରାଜନୈତିକ ପରିଦୃଶ୍ୟରେ ମିଛ କହିବା କେତେଦୂର ତୁଳନୀୟ ଓ ଗ୍ରହଣୀୟ ତାହା ବିଚାର କରିବା । ଆଜିକାଲି ସତ୍ୟନାରାୟଣ ନାମ ନେଇଥିବା ପୁରୁଷ ଜଣକ ଯେ ମହା ମିଛୁଆ, ସାବିତ୍ରୀ ନାମ ବହନ କରିଥିବା ନାରୀ ଯେ ଶତଶଯ୍ୟାରେ ନାୟିକା, ସୁଧୀର ନାମରେ ଅଧୀର ବ୍ୟକ୍ତି ବିରାଜମାନ, ସେବକରାମ ନାମରେ ଭକ୍ଷକରାମ, ସାଧୁରାମ ବଦଳରେ ଖଣ୍ଟରାମ ବହୁ ମାତ୍ରାରେ ଆଜିର ସମାଜରେ ଅବତୀର୍ଣ୍ଣ ତାହା ସହଜରେ ସବୁଠି ମିଳିଥାଏ । ଅର୍ଥାତ୍ ମିଛ କହିବା ଯେମିତି ଏକ ସହଜଜାତ ବ୍ୟବସ୍ଥା ପାଲଟିଯାଇଛି ଆଜିର ଦୁନିଆଁରେ ।

ଏହି ସନ୍ଦର୍ଭରେ ଆମେ ମିଛ କହୁ ନ ଥିବା ବ୍ୟକ୍ତିଜଣକୁ ରାଜନୀତିର ପରିଧି ଭିତରେ ଖୋଜିବାକୁ ଚେଷ୍ଟାକରିବା । ରାଜନୀତିର ସରଳ ଅର୍ଥ ହେଲା ରାଇଜ ଚଳାଇବାର ନୀତି, ରାଜା ଓ ରାଜଧର୍ମର ନୀତି, ରାଷ୍ଟ୍ର ଓ ରାଷ୍ଟ୍ରନାୟକଙ୍କ ନୀତି ଇତ୍ୟାଦି ଇତ୍ୟାଦି । ରାଇଜର ନୀତି, ରାଜ୍ୟ ନୀତି, ରାଜାନୀତି, ରାଷ୍ଟ୍ରନୀତି ଭିତରକୁ ସହଜରେ ପଶିବା ପାଇଁ ଆମେ ନୀତି ଉପରେ ସାମାନ୍ୟ ବିଚାର କରିନେବା । ନୀତି ବୋଇଲେ ଭଲ ଅର୍ଥରେ କିଛି ଆଦର୍ଶକୁ ବୁଝାଏ । ଲୋକଟି ଖୁବ୍ ନୀତିବାନ, ନେତାଙ୍କର ନୀତି ଭଲ, ନୀତି ନଥିଲେ ଉନ୍ନତି ନାହିଁ ଇତ୍ୟାଦି ଇତ୍ୟାଦି । ଏସବୁର ଅର୍ଥ ହୁଏତ ବହୁତ କଲ୍ୟାଣକାରୀ, ଜନହିତୈଷୀ, ବିକାଶ ଓ ପ୍ରକାଶର ବୋଲି ଧରି ନିଆଯାଇପାରେ । ଅର୍ଥାତ୍ ରାଜନୀତିର ପରିଧି ଭିତରେ ଆମକୁ ଅନେକ ସ୍ୱପ୍ନ ଓ ସମ୍ଭାବନା ଦେଖିବାକୁ ମିଳେ । ରାଜନେତା ଆମର, ଆମ ସମାଜର, ଆମ ଦେଶର କଲ୍ୟାଣକାରୀ, ହିତକାରୀ ଓ ମାନବଧର୍ମର ଏକ ସ୍ୱତନ୍ତ୍ର ସଂଜ୍ଞା । ତେବେ ତାହା କ'ଣ ସତ୍ୟ । ଆଜିର ରାଜନୀତି କ'ଣ ସ୍ୱଚ୍ଛତା, ସାଧୁତା, ସେବା, ସହଯୋଗ, କଲ୍ୟାଣ ଓ ହିତକାରୀ ? ଏହାର ସନ୍ତୋଷଜନକ ଉତ୍ତର ଖୋଜି ପାଇବା ଅସମ୍ଭବ ।

ଶ୍ରେଣୀରେ ରାଜନୀତିବିଜ୍ଞାନ, ଇତିହାସ କିମ୍ବା ସାହିତ୍ୟ ପଢ଼ାଇଲା ବେଳେ ଶିକ୍ଷକଜଣଙ୍କୁ ସାମାନ୍ୟ ଅସହଜବୋଧ ହେବାଟି ସ୍ୱାଭାବିକ ଯେତେବେଳେ ଛାତ୍ରଜଣକ କହିଦେଲା ସାର୍, ଏ ରାଜନୀତି ଶାସ୍ତ୍ର ଗଭୀର ଅସନ୍ତୁଳନ ଭିତର ଦେଇ ଗତି କରୁଛି । ଏଠାରେ ନେତାମାନଙ୍କ ଭିତରୁ ଏମିତି ଜଣେ କେହି ଏବେ ନାହାଁନ୍ତି ଯିଏ ମିଛ କହୁନି କି ସତ କହିବାର ଅଭିନୟ କରି ଲୋକଙ୍କୁ ଠକୁ ନାହିଁ । ଏମାନଙ୍କର କଥାରେ ମିଛ, କାମରେ ମିଛ ଏମିତି କି ଆଚରଣରେ ମ୍ଭ ମିଛ । ରାଷ୍ଟ୍ରପତି ହୁଅନ୍ତୁ କିମ୍ବା ରାଜ୍ୟପାଳ ହୁଅନ୍ତୁ, ସରକାରୀ ମିଛ ସବୁ ବଖାଣିବାରେ ସାମାନ୍ୟ ହେଳା କରନ୍ତି ନାହିଁ ଏମାନେ । ସଂସଦ କିମ୍ବା ବିଧାନସଭାରେ ଏମାନେ ସରକାରୀ ମିଛ ଓ ମିଛ ପ୍ରତିଶ୍ରୁତିଗୁଡ଼ିକୁ ଶୁଆ ରଟିଲା ପରି ରଟି ଦିଅନ୍ତି । ପ୍ରତିବର୍ଷ ଏମିତି ହୁଏ ଓ ରାଜନୀତି ନାମରେ ଚାଲେ ମିଛର ପୁନଃ ସଂସ୍କାର ।

ପ୍ରଧାନମନ୍ତ୍ରୀ ହୁଅନ୍ତୁ କି ମୁଖ୍ୟମନ୍ତ୍ରୀ, ସରକାରୀଦଳରୁ ଆ୍ମକ୍ଷ ହୁଅନ୍ତୁ କି ବିରୋଧୀଦଳର, ସମସ୍ତେ ଯେମିତି ମିଛ କହିବାର ଦୌଡ଼ରେ ପ୍ରତିଯୋଗିତା କରୁଛନ୍ତି । ଜଣେ ଧର୍ମପରାୟଣା ରାଜନେତାଙ୍କ ପତ୍ନୀ ତାଙ୍କ ପତିଦେବଙ୍କୁ କହିଲେ, ଦେଖ ! ତୁମେ ଏତେଗୁଡ଼ାଏ ମିଛ ଜନତାଙ୍କ ଆଗରେ କାହିଁକି କହୁଛ ଯେ ? ତୁମକୁ ପାତକ ଲାଗିବ ନାହିଁ ? ପଞ୍ଚ ହେଲେ ପରମେଶ୍ୱର ଆଉ ତାଙ୍କୁ ମିଛରେ ଭଣ୍ଡେଇବା ଭଲନୁହେଁ । ପତିଦେବ ସ୍ମିତ ହାସ୍ୟରେଖା ଟାଣି କହିଲେ, ଦେଖ ସଜନୀ, ମିଛ ନ କହିଲେ ରାଜନୀତି କରିହୁଏ ନାହିଁ । ଏଠାରେ ସତ କହିଲେ ତୁମକୁ ଲୋକେ ଭୋଟ ଦେବେନାହିଁ କିମ୍ବା ତୁମେ କେବେ ନିର୍ବାଚନ ଜିତି ପାରିବ ନାହିଁ । ଆଶ୍ଚର୍ଯ୍ୟ ଦୃଷ୍ଟିରେ ପତ୍ନୀ, ପତିଙ୍କୁ ଅନେଇ ସେ ସ୍ଥାନ ଓ ସଂଳାପରୁ ନିଜକୁ ଦୂରେଇ ନେଲେ ।

ତେବେ ପ୍ରଶ୍ନହେଲା କ'ଣ ମିଛ ବିନା ରାଜନୀତି କରିହୁଏ ନାହିଁ ? କ'ଣ ଏ ପୃଥିବୀର ସମସ୍ତ ରାଜନେତା ଜଣେ ଜଣେ ମିଛୁଆ । ଏ ପୃଥିବୀର ରାଜନୀତି କ'ଣ ମିଛର ପବନରେ ଚଳପ୍ରଚଳ ? ଏ ସବୁର ଉତ୍ତର ଖୋଜିଲେ ଅବୁଝା ଓ ଅସ୍ୱୀକାର୍ଯ୍ୟ ଭାବରେ ଦେବାକୁ ମନ ହୁଏ । କହିବାକୁ ଇଚ୍ଛା ହୁଏ ଯେ ନା ଏ ପୃଥିବୀରେ ସତ୍ୟ ହିଁ ସମୟର ମୂଳମନ୍ତ୍ର, ସତ୍ୟ ବିନା ସ୍ଥିତି ନାହିଁ ଏ ସଂସାରର, ସତ୍ୟ ହିଁ ସକଳ ସ'ଳତାର ସଂଜିବନୀ, ସତ୍ୟ ନାହିଁ ତ ବିକାଶ ନାହିଁ କିମ୍ବା ପ୍ରକାଶ ନାହିଁ । ଲେଖକ ଭାବରେ ଏହି ଉଦାତ୍ତବାଣୀ ମୋର ମନ ଓ ହୃଦୟ ଭିତରେ ସଦାସର୍ବଦା ଗୁଂଜରିତ ହେଉଛି ଆଉ କହୁଛି ସାବଧାନ ! ମିଛର ରାଜନୀତି ହେଲା ପ୍ରତାରଣା, ପ୍ରବଂଚନା । ରାଜନୀତି ଭିତରୁ ଆମକୁ ସେହି ମିଛ କହୁ ନ ଥିବା ଆଚରଣଠାରୁ ଦୂରେଇ ରଖୁଥିବା ମଣିଷର ସନ୍ଧାନ କରିବାକୁ ପଡ଼ିବ । ଏ ପୃଥିବୀରେ ମିଛ କହୁ ନଥିବା ମଣିଷ ଭାବରେ ଲେଖକ ଓ ପାଠକଙ୍କୁ ଆଗକୁ ଦେଖିବା ଆବଶ୍ୟକ । ଏକ ସମୃଦ୍ଧ, ସମୁଜ୍ଜଳ ସମାଜର ଶକ୍ତି ଭାବରେ ସତ୍ୟର ସ୍ଥାପନା ଅବଶ୍ୟମ୍ଭାବୀ । ଶିଶୁ ସାହିତ୍ୟିକ ରାମକୃଷ୍ଣ ନନ୍ଦଙ୍କ ସେହି ଜନାଦୃତ ପ୍ରାର୍ଥନା - ସତ କହିବାକୁ କିଆଁ ଡରିବି, ସତ କହି ପଛେ ମଲେ ମରିବିକୁ ନୂତନ ସ୍ୱର ଓ ଶକ୍ତି ଦେବାକୁ ପଡ଼ିବ । ନା, ସତ କହିବୁ ଓ ସତ୍ୟରେ ବଂଚିବୁ ଓ ସତ୍ୟର ଅମରତ୍ୱ ପାଇଁ ସମୟ ଓ ସମାଜରେ ନୂତନ ସଂକଳ୍ପ ନେବୁ ।

ସୌଭାଗିନୀ, ରଟିଲୋ ରେଞ୍ଚ, ପୁରୀ

# ଗୋଟେ ଅନୁଭବୀ ଗପ

# ଭାବାନ୍ତର

## ଶ୍ୱେତପଦ୍ମା ପାଢୀ



ରଜ ତିନି ଦିନ ହେଲାଣି ଆମ ଏରିଆରେ ମେଳଣ ପଡ଼ିଛି । ସବୁଦିନ ସନ୍ଧ୍ୟାରେ ଡାଏଁ ଡାଏଁ ବାସ୍ ସାଉଣ୍ଡରେ କାନମୁଣ୍ଡ ଝାଇଁ ଝାଇଁ ମାରିଯାଉଛି । ଏଇ ବ୍ଲକ ମେଳଣ ବୁଲିବାକୁ କାମବାଲୀ ବି ରଜଛୁଟି କହି ଛ ଆଙ୍କରେ ହରସଉ ଛୁ ମାରିଛି । ତିନି ଦିନ ଧରି ପିଠାପଣା ମଟନ ରନ୍ଧାକୁ ବାସନ ମଜା ଚାଲିଛି । ରଜ ପାଳିବା ତ ଛାଡ ହାତରେ ଟିକେ ମେହେନ୍ଦି ଲଗେଇ ହେଲା ନାହିଁ । ମନେମନେ ଭାବୁଥିଲି ଜୀବନକୁ ଜୀଇଁ ପାରୁଛନ୍ତି ଦୁଇ ପ୍ରକାର ମଣିଷ ; ଯାହା ପାଖରେ କିଛି ନାହିଁ ଆଉ ଯାହା ପାଖରେ ଅପର୍ଯ୍ୟାପ୍ତ ପଇସା ଅଛି । ମଝିରେ ଘାଣ୍ଟି ଚକଟି ହୁଏ ମଧ୍ୟବିତ୍ତ ପରିବାର, ନା ଏକୂଳକୁ ନା ସେ କୂଳକୁ ! ମନଟା ଖାଲି ଯାହା ଆଉଟୁ ପାଉଟୁ ହେଉଥାଏ । ଶେଷ ରଜ ଦିନ ମଟନ୍ ଆଉ ପେଟେ ଗରମ ଭାତ ଖାଇ ଆଉଡି ମାରି ସବୁ ଖରାବେଳେ ଶୋଇପଡ଼ିଲେ । କଲେଜ ପ୍ରିନ୍ସିପାଲ୍ ନୋଟିସ ଦେଲା ଭଳିଆ ସନ୍ଧ୍ୟାବେଳେ ସିଧା କହିଦେଲି, ରାତି ବ୍ୟବସ୍ଥା ଯିଏ ଯାହାର ଦେଖି ନେବ ମୁଁ ଚାଲିଲି ରଜରେ ଟିକେ ବୁଲି ଆସିବି। ସଜବାଜ ହେଇ ବାହାରି ପଡ଼ିଲି ମେଳଣ ପଡିଆ ।

ପହଞ୍ଚିଲା ପରେ ଭାବିଲି, କାହିଁକି ଏଠିକି ଆସିଲି ? ସେଇ ପୋଡ଼ ପିଠା, ଶାଢ଼ୀ, ଡ୍ରେସ୍, ଚୁଡ଼ି, ରଜ ଦୋଳି, ପାନ ! ଆଉ ମିଳୁଥିଲା ନାଲି ନେଳି ନାରଙ୍ଗୀ ଇନ୍ଦ୍ରଧନୁ ରଙ୍ଗର ମକଟେଲ୍। ଯେଉଁଥିରୁ ବାହାରୁଥିଲା ଧୂଆଁ, ନାଇଟ୍ରୋଜେନ୍ ଗ୍ୟାସ୍ ! କି ଭିଡ଼ ସେଇ ଷ୍ଟଲ୍‌ରେ, ଠିକ୍ ଯେମିତି ନାଳିପାଣି ପାଇଁ ଭିଡ ଥାଏ । ଗରମ ଗୁଳୁଗୁଳି ଅସମ୍ଭବ । ମନଟା ଖୁସି ହେବା ପରିବର୍ତ୍ତେ ପିତା ହେଇଗଲା । ଅଣନିଃଶ୍ୱାସୀ ଲାଗିଲା । ସେଇଠୁ ବାହାରି ଆସି ଘେରେ ବୁଲି ବାହାରିଗଲୁ ଆମେ ରାଜଧାନୀ ରାଜରାସ୍ତା ଉପରେ । କୋଲକାତା ଏକ୍ସପ୍ରେସରେ ଯାଇ ପହଞ୍ଚିଲୁ ଚିକେନ୍ ରୋଲ୍ ଖାଇବାକୁ । ଅର୍ଡର ଦେଇ ଅପେକ୍ଷା କରିଥାଉ। ସେତେବେଳକୁ ରାତି ଦଶଟା ହେଲାଣି । ବସି ରହିବାକୁ ବିରକ୍ତ ଲାଗିଲା । ଉଠିପଡି ଫୁଟପାଥ ଉପରେ ଏପଟ ସେପଟ ହେଉଥିଲି । ହଠାତ୍ ସୁଲୁସୁଲିଆ ପବନ ବହି ଆସିଲା । ଆଖିରେ ପଡିଲା ଘଞ୍ଚ ଦୋଳାୟମାନ ବୃକ୍ଷର ଡାଳପତ୍ର ।

ମନରେ ଅନେକ ଭାବନା ସୃଷ୍ଟି କରୁଥିଲା। ବେଳେବେଳେ ଏମିତି ହୁଏ, ମନଟା ଭାବନା ବିହୀନ ଥାଏ ତ ପୁଣି କେତେବେଳେ ଅନେକ ଭାବନା ମନ ଭିତରେ ସୃଷ୍ଟି ହେଇଯାଏ । ମନଟା କ'ଣ ? ନିଶ୍ଚିତ ଏକ ଅଦ୍ଭୁତ ନିଆରା ଜିନିଷ, କାୟା ନାହିଁ ଅଥଚ ଅଦୃଶ୍ୟ ହେଇ ମଧ୍ୟ ସର୍ବଦା ନିଜର ଅସ୍ତିତ୍ୱ ବଜାୟ ରଖି ପାରୁଛି । କେତେବେଳେ ଅତ୍ୟନ୍ତ ଦୁଃଖରେ ମ୍ରିୟମାଣ ଥାଏ, ତ ପୁଣି କେତେବେଳେ ଆତ୍ମତୃପ୍ତିରେ ଖୁସି ଥାଏ । ମଣିଷର ଜ୍ଞାତ ହେଉ ବା ଅଜ୍ଞାତରେ ହେଉ, ମନରେ କେତେବେଳେ ବିଷ ଭରି ଯାଏ ତ ପୁଣି କେତେବେଳେ ସେଇଠି ବହେ ଅମୃତର ଫଲଗୁ ଧାରା । ଦୋଳାୟମାନ ବୃକ୍ଷକୁ ଦେଖି ମୋ ମନରେ ବି ସେମିତି କିଛି ଭାବନା ସବୁ ସୃଷ୍ଟି ହେଇ ଚାଲିଥିଲା । ଅପଲକ ନୟନରେ ମୁଣ୍ଡ ଉଠେଇ ଉପରକୁ ଚାହିଁ ରହିଥିଲି । କେଜାଣି କାହିଁକି ନିଜେ ବି ଜାଣି ନାହିଁ !

ପଛପଟୁ ସ୍ୱାମୀ ଡାକିଲେ ରାତି ହେଲାଣି, ଚାଲ ! ହାତରେ ଚିକେନ୍ ରୋଲ୍ ଧରେଇ ଦେଇ ସେ ପାର୍କିଂ ଆଡ଼କୁ ଚାଲିଗଲେ । ମୋର କିନ୍ତୁ ସେଠୁ ଯିବାରୁ ଜମାରୁ ମନ ନଥିଲା । ଏଇ



ସହରର ରାସ୍ତା, ଗଳି, ଧୂଳି, ଧୂଆଁ ଆଉ ପବନ ସବୁ ଯେମିତି ଗୋଟେ ମୋହ । ମୋହ କ'ଣ ପ୍ରେମ ? ପ୍ରେମ ଯଦି ମୋହ ହେଲା, ତେବେ ସେ କି ପ୍ରେମ ? ମୋ ପରି ପରଦେଶୀ ଚଢେଇ ପାଇଁ ସେ ତ ଏକ ବିଚିତ୍ର ବନ୍ଧନ । ସେଇ ବନ୍ଧନରୁ ନା ମୁକୁଳି ହୁଏ ନା ନିଜକୁ ସବୁବେଳେ ବାନ୍ଧି ରଖି ହୁଏ । ସମୟ ହେଲେ ଏଇ ମୋହ ଠାରୁ ଦୂରେଇ ଉଡ଼ାଇବାକୁ ପଡେ ଦିଗବଳୟ ସେପାଖେ !

ଇଚ୍ଛା ହେଲେ ପୁଣି ଥରେ ଦେଖି ପାରିବି ବୋଲି ଭାବି ଦୋଳାୟମାନ ବୃକ୍ଷର ଭିଡିଓଟେ ବନେଇ ଦେଲି । ମନକୁ ବୁଝେଇ ପାର୍କିଂ ଆଡେ ପାଦ ମୋଡି ଦେଲି । ଉପର ପେଭ୍ ପାଥିରୁ ତଳ ଚଲାପଥକୁ ଖସି ଆସି ପୁଣି ଥରେ ପଛକୁ ମୋଡ଼ି ଦେଖିଲି । ସେମିତି ପଛକୁ ଚାହିଁଚାହିଁ ଚାରିପାଞ୍ଚ ପାଦ ପକେଇଛି, ଗୋଡ଼ରେ କ'ଣ ଗୋଟେ ଲାଗିଲା । ତଳକୁ ଅନେଇଲି ଛିଣ୍ଡା ଦଦରା ଜେଣ୍ଟସ୍ ୱାଲେଟ୍ । ଧ୍ୟାନ ନଦେଇ ଆଗକୁ ପାଦ ପକେଇ ଦେଲି । ହଠାତ୍ ମୋତେ ଲାଗିଲା ଯେମିତି ୱାଲେଟ୍‌ରୁ ବାହାରି କିଛି ନୋଟ୍ ଆଉ ବ୍ୟାଙ୍କ୍ ଏଟିଏମ୍ କାର୍ଡ ଦିଶୁଥିଲା ବୋଧେ! ପଛକୁ ଝୁଙ୍କି ପଡି ନିରଖେଇ ଦେଖିଲି। ରାତି ୧୦.୩୦ ହେଲାଣି । ଷ୍ଟ୍ରିଟ୍ ଲାଇଟ୍ ଲିଭି ସାରିଥିଲା । ମୋବାଇଲ୍ ଟର୍ଚ୍ଚ ମାରି ଦେଖିଲି, ହଁ ତ କିଛି କ୍ୟାସ୍ ଆଉ ଏଟିଏମ୍ କାର୍ଡ ! ୱାଲେଟ୍ ଉଠେଇ ଆଣିଲି। ସେଥିରେ ଥିଲା ଗୁଡାଏ ପାଞ୍ଚଶହ ଟଙ୍କିଆ ନୋଟ୍। ପାଖାପାଖି ଆଠ ହଜାର କି ଦଶ ହଜାର ହେବ । ଏଟିଏମ୍ କାର୍ଡରୁ ନାମ ଜାଣି ପାରିବି ଭାବିକି ୱାଲେଟ୍ ଦରାଣ୍ଡିଲି। ଦିଇଟା ଏଟିଏମ୍ କାର୍ଡ ମିଳିଲା । କାର୍ଡ ହୋଲଡର୍ ନାମ ମଧ୍ୟ ଦିଟାଙ୍କ କାର୍ଡରେ ସମାନ ଥିଲା । ୱାଲେଟ୍‌ରୁ ମିଳିଲା, ଖଣ୍ଡଗିରି ପ୍ରାଇଭେଟ୍ ହସ୍ପିଟାଲର ଭିଜିଟିଂ ପାସ୍ । ନିହାତି ଲୋକଟାର ଆତ୍ମୀୟ କେହି ହସ୍ପିଟାଲରେ ଅଛନ୍ତି, ନହେଲେ ୱାଲେଟ୍‌ରେ ଏତେ ପଇସା ନଥାନ୍ତା ! ମୋ ସ୍ୱାମୀଙ୍କୁ କହିଲି ସବୁ କଥା । କହିଲେ ଦେଖିଲ ୱାଲେଟ୍‌ରେ ଥାଇପାରେ ଆଇଡି କାର୍ଡ କିଛି ସେଥିରୁ ମୋବାଇଲ ନମ୍ବର ମିଳି ଯାଇପାରେ ! ସତକୁ ସତ ରାଜ୍ୟ ସରକାରଙ୍କ କର୍ମଚାରୀ ସଂଘ ଆଇଡି ମିଳିଲା। ନାମ ସହ ଠିକଣା ଆଉ ମୋବାଇଲ୍ ନମ୍ବର୍ ଥିଲା । କାର୍ଡରୁ ଜଣା ପଡ଼ିଲା ଟ୍ୟାକ୍ସି ଡ୍ରାଇଭର ।

କାର୍ଡ ଥିବା ନମ୍ବରରେ ମୋ ସ୍ୱାମୀ କଲ୍ କଲେ । ପ୍ରଥମେ ନମ୍ବର ବ୍ୟସ୍ତ ଆସିଲା । ଆମେ ଅପେକ୍ଷା କଲୁ । କିଛି ସମୟ ପରେ ଫୋନ୍ ଲାଗିଲା । ଲୋକଟା ଭାବିଲା ଆମେ ଭଡ଼ା କରିବା ପାଇଁ କଲ୍ କରୁଛୁ ବୋଲି । କଣ୍ଠ ସ୍ୱର ବ୍ୟସ୍ତ ବିବ୍ରତ ଥିଲା ତା'ର । ସେ କହିଲା, 'ସାର୍ ମୋ ଭାଗ୍ୟ ଖରାପ୍, ମୋ ପର୍ସ ଚୋରି ହେଇଗଲା । ସବୁ ପଇସା, କାର୍ଡ ହଜିଗଲା । ମୋତେ ହସ୍ପିଟାଲ ବିଲ୍ ଦେବାକୁ ଥିଲା । ମୁଁ ଏବେ ଯାଇ ପାରିବି ନାହିଁ । ଆପଣ ଆଉ କାହାକୁ ଫୋନ୍ କରନ୍ତୁ ।'

ମୋ ସ୍ୱାମୀ କହିଲେ, ଆମେ ଆପଣଙ୍କ ୱାଲେଟ୍ ପାଇଁ ହିଁ କଲ୍ କରିଥିଲୁ । ମୋ ସ୍ତ୍ରୀ ୱାଲେଟ୍‌ଟି ପାଇଛନ୍ତି, ଆପଣଙ୍କୁ କେମିତି କୋଉଠି ଦେଇ ପାରିବୁ ?' ଲୋକଟା ଖୁସିରେ ଆତ୍ମବିଭୋର ହେଇଗଲା ଏଇଟା ତା' କଣ୍ଠ ସ୍ୱରରୁ ସ୍ପଷ୍ଟ ଜଣା ପଡି ଯାଉଥିଲା । କଥା ହେଇ ନିଷ୍ପତ୍ତି ନେଲୁ ଆମେ ଅଧା ବାଟ ଯିବୁ, ସେ ଅଧା ବାଟ ଆସିବେ; ତେଣୁ ରାମ ମନ୍ଦିର ସାମ୍ନାରେ ଭେଟ ହେବୁ ।

ଆମେ ରାମମନ୍ଦିର ଯାଇ ପହଞ୍ଚିଲୁ, ସେତେବେଳକୁ ରାତି ୧୧ଟା ଉପରେ ହେଲାଣି। ରାମମନ୍ଦିର ବନ୍ଦ ହେଇଯାଇଥିଲା। ସବୁଆଡେ ଅନ୍ଧାର। କେବଳ ଟ୍ରାଫିକ୍ ଛକ ଲାଇଟ୍ ଜଳୁଥିଲା। ଆମେ ପହଞ୍ଚିଲା ବେଳକୁ ସେ ଲୋକ ଜଣଙ୍କ ଫୋନ୍ କଲେ । ମୋ ସ୍ୱାମୀ ଗାଡ଼ି ଡ୍ରାଇଭ୍ କରୁଥିଲେ ବୋଲି ମୁଁ ଫୋନ୍ ଉଠେଇଲି । ସେ କହିଲେ, 'ମାଡାମ୍ ଆପଣ ପ୍ଲିଜ୍ ଅପେକ୍ଷା କରନ୍ତୁ, ୱାଲେଟ୍‌ଟି ମୋର ନିହାତି ଦରକାର।' ମୁଁ କହିଲି, 'ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ ! ଆମେ ଅଛୁ, ଆପଣଙ୍କ ପରିସ୍ଥିତି ବୁଝି ପାରୁଛୁ ।' ଦଶ ମିନିଟ୍ ପରେ ସେ ଆସି ପହଞ୍ଚିଲେ । ଆଇଡି କାର୍ଡରେ ଥିବା ଫୋଟୋ ସ୍ପଷ୍ଟ ଥିଲା, ତେଣୁ ତାଙ୍କୁ ଚିହ୍ନି ଦେଲୁ । ତାଙ୍କ ଗାଡିରୁ ଆଉ ଦୁଇଜଣ ଯୁବକ ମଧ୍ୟ ଓହ୍ଲାଇ ଆସିଲେ । ସେମାନଙ୍କୁ ଦେଖି ମୋ ସ୍ୱାମୀ କହିଲେ, କିଏ କେଜାଣି ତମେ ଗାଡିରୁ ବାହାର ନାହିଁ । ଗ୍ଲାସ୍ ଖସେଇ ଦେଇ ୱାଲେଟ୍ ଦେଇ ଦିଅ । ମୁଁ ସେୟା କଲି । ଲୋକଟା ମୋ ହାତ ଧରି ପକେଇ କାନ୍ଦି ପକେଇଲେ । ସେ କହିଲେ, 'ମାଡାମ୍ ଆପଣ ଆଜି ମୋ ପାଇଁ ଭଗବାନ, ନହେଲେ ମୋ ସଂସାର ବୁଡି ଯାଇଥାନ୍ତି ।' ମୋତେ ଟିକେ ମାଡ଼ି ପଡ଼ିଲା । ମୁଁ କାର ଡୋର୍ ଖୋଲି ଓହ୍ଲାଇଲା ବେଳକୁ ଲୋକ ଜଣଙ୍କ ମୋ ପାଦ ଛୁଇଁବାକୁ ଆଗକୁ ବଢ଼ି ଆସିଲେ ।

'ଆପଣ ମୋଠାରୁ ବୟସରେ ବଡ଼ । ଆପଣଙ୍କ ଆଇଡି କାର୍ଡ ଦେଖିଲି । ବଡମାନେ ଗୋଡ଼ ଛୁଅଁନ୍ତି ନାହିଁ, ତା' ଛଡ଼ା ଆମେ ଆମର କର୍ତ୍ତବ୍ୟ କରିଛୁ ।' କହି ମୁଁ ଓହ୍ଲାଇଲା ବେଳକୁ ଯୁବକ ଦିଜଣ କହିଲେ, 'ଥାଉ ମାଡାମ୍, ରାତି ହେଲାଣି । ଆପଣମାନଙ୍କ ଭଳି ମଣିଷ ଖୁବ୍ କ୍ୱଚିତ୍ ଥାନ୍ତି ! ଆଉ କିଏ ହେଇଥିଲେ, ଟଙ୍କା ନେଇ ୱାଲେଟ୍ ଫିଙ୍ଗି ଦେଇ ପଳେଇଥାନ୍ତା ! ଆମେ ଗାଡି ଭଡ଼ା କରି ବରମୁଣ୍ଡା ଯାଉଥିଲୁ । ଏଇ ଡ୍ରାଇଭର୍ ଜଣଙ୍କ ବ୍ୟସ୍ତ ହେଇ କାନ୍ଦୁଥିଲେ। ଆପଣଙ୍କ ଫୋନ୍ ଯେମିତି ଆସିଲା ଆମେ ବି କହିଲୁ, ଚାଲ୍ ଆଗ ୱାଲେଟ୍ ନେଇ ଆସ। ତା'ପରେ ଆମକୁ ଛାଡି ଦେବ ।' ମୋ ସ୍ୱାମୀ ସେ ପିଲା ଦିଇଟାଙ୍କୁ ଖୁସିରେ ପିଠି ଥାପୁଡେଇ ଦେଲେ । ବିଦା ହେଲା ରାମମନ୍ଦିର ସାମ୍ନାରୁ ଯିଏ ଯାହାର ଗାଡ଼ି ଧରି ଫେରିବା ପାଇଁ ବାହାରିଲା ବେଳକୁ ମୁଁ ଡ୍ରାଇଭର ଜଣଙ୍କୁ କହିଲି, 'ଦେଖି ନିଅନ୍ତୁ, ସବୁ ଜିନିଷ ଠିକଠାକ୍ ଅଛି ନା ନାହିଁ ? ନଚେତ୍ ଫର୍ମାଲିଟି ପାଇଁ ପୋଲିସ୍‌ରେ ଜଣେଇ ଦେବେ । ମିଳିବା ଆଶା କମ୍, କିନ୍ତୁ ପୋଲିସ୍‌କୁ କହିଦେବା ଉଚିତ୍ ହେବ ।'

ଡ୍ରାଇଭର ଜଣଙ୍କ ହଠାତ୍ ମୋ ପାଖକୁ ଆସି କହିଲେ, 'ମାଆ, ଆପଣ ସବୁ ଫେରେଇ ଦେଲେ, ସେଥିରେ ମନ୍ଦିର ସାମ୍ନାରେ ଛିଡା ହେଇ ଆପଣଙ୍କୁ ଅବିଶ୍ୱାସ କରିବି ଯଦି ମୋ ଠାରୁ ବଡ଼ ମୂର୍ଖ ଏ ଦୁନିଆରେ କେହି ନଥିବେ । ଆଜି ପରଠାରୁ ଜାଣିଲି ଭଗବାନ ଅଛନ୍ତି ।'

କିଛି କ୍ଷଣ ମୋତେ ଆବେଗଭରା ଚାହାଣୀରେ ଚାହିଁ ରହି ପୁଣି କହିଲେ, 'ଆପଣ ମଧ୍ୟ ଭଗବାନ ଉପରେ ବିଶ୍ୱାସ ରଖନ୍ତୁ ! ଆପଣଙ୍କ ମନର ସବୁ ଦୁଃଖ ଯିବ । ମୋ ମନ କହୁଛି ସେ ନିଶ୍ଚୟ ଆପଣଙ୍କ ଡାକ ଶୁଣିବ !'

ଏତିକି କହି ସେ ତ ଚାଲିଗଲେ, କିନ୍ତୁ ମୁଁ ମୋ ମନରେ ସୃଷ୍ଟି ହେଇଥିବା ପ୍ରଶ୍ନର ଭାବାନ୍ତର ଭିତରେ ହଜିଗଲି ।

♥ପୁନେ, ମହାରାଷ୍ଟ୍ର
ମୋବାଇଲ - ୯୧୬୮୦୫୩୮୬୮

# ଅନୁପସ୍ଥିତ ଅକଲ

## ରାଧାଶ୍ୟାମ ରାଉଳ



ଅନେକ ସମୟରେ ଆମେ ନଭାବି, ନଚିନ୍ତି ଅନେକ କାମ କରୁ, ଅନେକ କଥା ମଧ୍ୟ କହୁ । ଶିଖିବାର କଥା; ବର୍ତ୍ତମାନକୁ ନେଇ ଆମର କେମିତି ଚଳିବା ଓ ବଞ୍ଚିବା ଦରକାର୍ । ଆମର ନିତିଦିନିଆ ଜୀବନରେ, ଆଚରଣରେ ହେଉ କି ଉଚ୍ଚାରଣରେ, ଆମେ ହୁଏତ କିଛି କିଛି ଭୁଲତ୍ରୁଟି କରିବସୁ । ହେଲେ ସେସବୁକୁ ହୃଦୟଙ୍ଗମ ନକରି, ତ୍ୱରିତେ ଅନ୍ୟର ଭୁଲତ୍ରୁଟିକୁ ଗାବୁକିନା ଧରି ପକେଇବାକୁ ଆମେ ଆମର ଦକ୍ଷତା ଓ ସଫଳତା ବୋଲି ମନେକରୁ ।

ଆତ୍ମଘୋଷିତ ବୁଦ୍ଧିଜୀବୀ ବିନ୍ଦୁବିସର୍ଗ ମହାପାତ୍ର ଓରଫ୍ ବିନ୍ଦୁବାବୁଙ୍କର ବଡ ସଉକ ହେଲା ଲେଖାଲେଖି କରିବା । ସବୁ କାମକୁ ପଛରେ ପକେଇ ସେ ଅଧିକାଂଶ ସମୟରେ ଲେଖାଲେଖିରେ ମାତିଥାନ୍ତି । ତେବେ ଲେଖାଲେଖି ଭିତରେ ବୁଡ଼ିରହି ସେ ବର୍ତ୍ତମାନର କଥାକୁ ପର ମୁହୂର୍ତ୍ତରେ ପାସୋରି ପକାନ୍ତି । ସେଲାଗି ତାଙ୍କ ଧର୍ମପତ୍ନୀ ମୌସୁମୀ ମାଡାମ୍ କେତେବେଳେ କେମିତି ତାଙ୍କ ଉପରେ କ୍ରୋଧରେ ତମତମ କି ବିରକ୍ତିରେ ଚିଡି ଚିଡି ହେଲେ, ସୁଯୋଗକୁ ଆଦୌ ହାତଛଡ଼ା ନକରି ଓଲଟି ବିନ୍ଦୁ ବାବୁ ମୌସୁମୀ ମାଡାମଙ୍କୁ କହନ୍ତି, ' ହୁଁ, ତୁମେ ବି ଆଜିକାଲି କୋଉଁ ମନେ ରଖି ପାରୁଛ କି ସବୁକଥା ? ଆରେ, ତୁମକୁ ଆମ ବାହାଘର ତାରିଖ କେବେ କେମତି ଦୈବାତ୍ ପଚାରିଦେଲେ, ତୁମେ ପା' ବିସ୍ମରଣରେ ତୁମ ଜନ୍ମ ତାରିଖ କହି ପକାଅ ! ଥରେ ତ ତୁମକୁ ପଣସକଠା ତର୍କାରି କରିବାକୁ କହିଲି ଯେ, ତୁମେ ତିଆରି କରି ସାମ୍ନାରେ ଥୋଇଦେଲ, ଅମୃତଭଣ୍ଡା ଝୋଳ ! ଓଃ କି ସ୍ୱାଦିଷ୍ଟ ! କେତେବେଳେ କେମିତି ମୁଁ ଯଦି ତୁମକୁ ଭାବପ୍ରବଣ ହୋଇ କହେ, 'ତୁମର ବୋଧେ ମନେଥିବ ମୌସୁମୀ...!' ସବୁ କାମଦାମକୁ ତୁମେ ପଛରେ ପକେଇ ପ୍ୟାରସେ ମୋତେ ବେଗବ୍ରିଗି ପଚାରିବସ,'ଏଁ କୋଉଁ କଥା ? କୋଉଁ କଥା ?' ତୁମର ଏମନ୍ତ ଅତିଶୟ ଆବେଗ ଓ ଆଗ୍ରହକୁ ଦେଖି ମୁଁ ସେତବେଳେକୁ ଭୁଲିଯାଏ, ସତରେ ତୁମକୁ ମୋର କଣ ମନେ ପକେଇବାର ଥିଲା ? ହେଁ ହେଁ ହେଁ !'

ମଇ ମାସର ଏକ ଦିକଦାରିଆ ମୁହୂର୍ତ୍ତର କଥା । ରାତ୍ରି ଭୋଜନ ପାଇଁ ଶୀତ ତାପ ନିୟନ୍ତ୍ରିତ କକ୍ଷରେ ପାଖାପାଖି ବସିଥିଲେ, ବିନ୍ଦୁ ବାବୁ ଓ ମୌସୁମୀ ମାଡ଼ାମ୍ । ଲୋଡ୍ ସେଡିଂ ପାଇଁ ହଠାତ୍ ବିଦ୍ୟୁତ୍ ପ୍ରବାହ ବନ୍ଦ ହୋଇଗଲା। ତା ସାଙ୍ଗକୁ ଶୀତତାପ ନିୟନ୍ତ୍ରିତ ସୁବିଧା ମଧ୍ୟ। ବିନ୍ଦୁବାବୁ ତ୍ୱରିତେ ଏକ କ୍ୟାଣ୍ଡେଲ୍ ଜଳେଇଲେ ଏବଂ ତା'ରି ଆଲୁଅରେ ସେମାନେ ସେମାନଙ୍କର ଖାଇବା ଜାରି ରଖିଲେ ।



ବିନ୍ଦୁବାବୁ ଖାଇସାରିବା ପରେ ଲକ୍ଷ୍ୟ କଲେ, ଅସହ୍ୟ ଗୁଳୁଗୁଳି ହେତୁ ମୌସୁମୀ ମାଡାମ୍‌ଙ୍କ ସାରା ଶରୀରରୁ ବୋହୁଛି ଗମଗମ୍ ଝାଳ । ଓଃ କି ଯନ୍ତ୍ରଣା ! ବିଦ୍ୟୁତ୍ ସରବରାହ ବିହୁନେ ନିଜ ଧର୍ମପତ୍ନୀଙ୍କର ଏମନ୍ତ ଡହଳ ବିକଳ ଅବସ୍ଥା ଦର୍ଶନାନ୍ତେ ବିନ୍ଦୁବାବୁଙ୍କର ପତିପ୍ରାଣ ବ୍ୟତିବ୍ୟସ୍ତ ହୋଇପଡିବା ସ୍ୱାଭାବିକ ।

ଅତଃପର ଅଫ୍ ଥିବା ଫ୍ୟାନର ସୁଇଚ୍ ଅନ୍ କରିବା ଉଦ୍ଦେଶ୍ୟରେ ବିନ୍ଦୁବାବୁ ଅଗ୍ରସର ହୁଅନ୍ତେ ମୌସୁମୀ ମାଡ଼ାମ୍ ପ୍ରଶ୍ନ କଲେ,'ହଇହୋ, କୁଆଡେ ?'

ନିମ୍ନ ସ୍ୱରରେ ବିନ୍ଦୁ ବାବୁ କହିଲେ, 'ତୁମକୁ ଭାରି ଗରମ ହେଉଛି ନା ? ଯାଉଛି, ଫ୍ୟାନ୍ ସୁଇଚ ଅନ୍ କରିଦେବି ପ୍ରିୟେ !'

ମୁହଁ ଫୁଲେଇ ମୌସୁମୀ ମାଡ଼ାମ୍ କହିଲେ, ' ତୁମେ କଣ ଚାହଁ, ମୁଁ ଅନ୍ଧାରରେ ଖାଏ ବୋଲି ?'


ଆଶ୍ଚର୍ଯ୍ୟ ହୋଇ ବିନ୍ଦୁବାବୁ ପ୍ରଶ୍ନ କଲେ, ' କାହିଁକି ?'

ସ୍ମିତ ହସି ମୌସୁମୀ ମାଡାମ୍ କହିଲେ, 'ଆରେ ମୁଁ ଯାହା ଦେଖୁଛି, ତୁମର ଟିକେ ହେଲେ ବି କମନସେନ୍ସ ନାହିଁ । କଣ ଜାଣି ପାରୁନ, ତୁମେ ଯଦି ଫ୍ୟାନର ସୁଇଚ୍ ଅନ୍ କରିଦେବ, କ୍ୟାଣ୍ଡେଲ୍ ଆଲୁଅ ଲିଭିଯିବ ନାହିଁ କି ?'

ଧନ୍ୟ କହିବ ହୋ ଏମନ୍ତ ଅର୍ବାଚୀନ ପତିପତ୍ନୀଙ୍କର ଅନୁପସ୍ଥିତ ଅକଲକୁ !

+ଡୁପ୍ଲେକ୍ସ: ୧୦/ ବି
ବୀମାବିହାର, ମର୍କତ ନଗର
ସେକ୍ଟର:୬, କଟକ - ୭୫୩୦୧୪
ମୋ - ୯୪୩୭୦୯୦୯୮୫

# ରାଜନୀତିରେ ଧର୍ମର ମିଶ୍ରଣକୁ ନେଇ ସୁପ୍ରିମକୋର୍ଟଙ୍କ ଚିନ୍ତା



ଗୋପାଳ ମହାପାତ୍ର

ମାନ୍ୟବର ସୁପ୍ରିମ୍‌କୋର୍ଟ ବିଦ୍ୱେଷ ସୃଷ୍ଟିକାରୀ ଭାଷଣ ଦେଉଥିବା କିଛି ତତ୍ତ୍ୱଙ୍କ ଉପରେ ଶକ୍ତ ମନ୍ତବ୍ୟ ଦେଇ କହିଛନ୍ତି ଯେ ଯେତେବେଳେ ରାଜନୀତି ଏବଂ ଧର୍ମ ଅଲଗା ହୋଇଯିବ ଏବଂ ନେତା ରାଜନୀତିରେ ଧର୍ମର ଉପଯୋଗ ନ କରିବେ ସେତେବେଳେ ବିଦ୍ୱେଷ ସୃଷ୍ଟିକାରୀ ଭାଷଣ ମଧ୍ୟ ବନ୍ଦ ହୋଇଯିବ । ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଭଳି ନେତାଙ୍କ ଭାଷଣର ଉଦାହରଣ ଦେଇ ମାନ୍ୟବର କୋର୍ଟ କହିଛନ୍ତି ଯେ ଏହି ନେତା ମାନଙ୍କ ଭାଷଣ ଶୁଣିବା ପାଇଁ ଲୋକଙ୍କର ଆଗ୍ରହ ଥିଲା ଓ ଲୋକେ ଭାଷଣ ଶୁଣିବା ପାଇଁ ଦୂର ଦୂରାନ୍ତରୁ ଆସୁଥିଲେ । ସୁପ୍ରିମ୍‌କୋର୍ଟର ବିଚାରପତି କେ.ଏମ୍.ଜୋସେଫ୍ ଏବଂ ବିଚାରପତି ବି ବି ନାଗରତ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସମ୍ପର୍କୀତ ଏକ ମାମଲାର ଶୁଣାଣୀ ବେଳେ ଏହି ମନ୍ତବ୍ୟ ଦେଇଛନ୍ତି । ଖଣ୍ଡପୀଠ ପ୍ରଶ୍ନ କରିଥିଲେ ଯେ ଭାରତର ଜନସାଧାରଣ ଅନ୍ୟ ସଂପ୍ରଦାୟର ଲୋକଙ୍କୁ ଅପମାନିତ ନକରିବା ପାଇଁ ସଂକଳ୍ପ ନେଉନାହାଁନ୍ତି କାହିଁକି ? ବିଚାରପତି କେ.ଏମ୍.ଜୋସେଫ୍ କହିଥିଲେ ଯେ ଏଭଳି ସମସ୍ୟା ସୃଷ୍ଟି ହେଉଛି ଯେତେବେଳେ ନେତା ରାଜନୀତିରେ ଧର୍ମକୁ ମିଶାଇ ଦେଉଛନ୍ତି । ଯେତେବେଳେ ରାଜନୀତି ଏବଂ ଧର୍ମର ମିଶ୍ରଣ ବନ୍ଦ ହୋଇଯିବ ସେତେବେଳେ ବିଦ୍ୱେଷ ସୃଷ୍ଟିକାରୀ ଭାଷଣ ମଧ୍ୟ ବନ୍ଦ ହୋଇଯିବ । ମାନ୍ୟବର ଖଣ୍ଡପୀଠ ଏକଥା ମଧ୍ୟ କହିଛନ୍ତି ଯେ ରାଜନୀତିରେ ଧର୍ମର ମିଶ୍ରଣ ଗଣତନ୍ତ୍ର ପାଇଁ କ୍ଷତିକାରକ ।

ଭାରତୀୟ ରାଜନିତି ଏବଂ ଧର୍ମ ପ୍ରସଙ୍ଗରେ ଆଲୋଚନା କରିବା ପୂର୍ବରୁ ଧର୍ମର ବାସ୍ତବିକ ପରିଭାଷାକୁ ଠିକ୍ ଭାବରେ ଜାଣିବାକୁ ପଡ଼ିବ । ଠିକ୍ କାମ କରିବା, ମିଛ ନ କହିବା, ସତ୍ୟକହିବା, ନୈତିକତାର ଆଧାରରେ ଚଳିବା, ସମସ୍ତଙ୍କ ମଙ୍ଗଳ ପାଇଁ କାମ କରିବା ହେଉଛି ଧର୍ମ । ଏହି ଧର୍ମକୁ ରାଜନୀତି ସହ ଯୋଡ଼ିବା କିଛି ଭୁଲ୍ ନୁହେଁ । ସ୍ୱାମୀ ବିବେକାନନ୍ଦଙ୍କ ମତରେ ଧର୍ମ ନିଜର କଲ୍ୟାଣ ପାଇଁ ନୁହେଁ ବରଂ ଲୋକଙ୍କ ସେବା କରିବା ହେଉଛି ଧର୍ମ । ସ୍ୱାମୀ ବିବେକାନନ୍ଦ କହୁଥିଲେ ’କୌଣସି ଏକ ସ୍ଥାନରେ ବସି ମନନ କରିବା ଧର୍ମର ମାଧ୍ୟମ ନୁହେଁ । ଏହାର ଲାଭ ଦେଶ ଓ ସମାଜକୁ ମିଳିବା ଉଚିତ୍ । ଧର୍ମ ଏବଂ ରାଜନୀତିର ସମ୍ପର୍କ ଆତ୍ମା ଏବଂ ଶରୀର ଭଳି । ବିନା ଆତ୍ମାରେ ଶରୀର ନିଷ୍ପ୍ରାଣ ଅଟେ । ଧର୍ମହେଉଛି ଆତ୍ମା ଏବଂ ରାଜନୀତି ହେଉଛି ଶରୀର । ଆତ୍ମା ଶରୀର ତ୍ୟାଗ କଲାପରେ ଶରୀର ଦୁର୍ଗନ୍ଧ ହୋଇଥାଏ । ରାଜନୀତିରେ ଧର୍ମର ଅନୁଶାସନ ରାଜନୀତିକୁ ଅଧିକ ବିକଶିତ କରାଇଥାଏ ଓ ଏହାଦ୍ୱାରା ଜନତାଙ୍କର ମଙ୍ଗଳ ହୋଇଥାଏ । କିନ୍ତୁ ଧର୍ମ ଯଦି ରାଜନୀତିର ସହାୟତାରେ ଚାଲିବ ତେବେ ଏହା ରସାତଳକୁ ଚାଲିଯିବ । ଧର୍ମ ଲଢ଼ିବା ବା ମରିବା ନୁହେଁ ବରଂ ଜିଇବା ଶିଖାଇଥାଏ । ଜୀଅ ଏବଂ ଅନ୍ୟକୁ ଜୀଇଁବାକୁ ଦିଅ । ଏଣୁ ଧର୍ମରେ ରାଜନୀତିର ପ୍ରବେଶ ଉଚିତ୍ ନୁହେଁ ବରଂ ରାଜନୀତି ଉପରେ ଧର୍ମର ଅଙ୍କୁଶ ରହିବା ଜରୁରୀ ଅଟେ ।’

ଭାରତୀୟ ସମ୍ବିଧାନର ପ୍ରସ୍ତାବନାରେ ମୌଳିକ ଅଧିକାର ଏବଂ ନୀତି ନିର୍ଦ୍ଦେଶକ ତତ୍ତ୍ୱ ଆଧାରରେ ଭାରତକୁ ପନ୍ଥ ନିରେପେକ୍ଷ ଦେଶ ବୋଲି କୁହାଯାଇଛି । ସମାନତାର ଭାବନା ଏହାର ମୂଳ ଆଧାର ଅଟେ । ସମ୍ବିଧାନରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଛି ଯେ ରାଜ୍ୟ(ଦେଶ) ଏବଂ ରାଜନୀତି ସମସ୍ତ ପ୍ରକାରର ଧାର୍ମିକ ବିଶ୍ୱାସଠାରୁ ଦୂରରେ ରହିବା ଉଚିତ୍ । କିନ୍ତୁ ଦୁର୍ଭାଗ୍ୟ ଯେ ଭାରତୀୟ ରାଜନୀତିରେ ଖୋଲାଖୋଲି ଭାବେ ଧର୍ମକୁ ଭୋଟବ୍ୟାଙ୍କ ରାଜନୀତି ଭାବେ ଉପଯୋଗ କରାଯାଉଛି । କଂଗ୍ରେସ, ସମାଜବାଦୀ ଏବଂ ବାମ ଦଳଗୁଡ଼ିକ ଉପରେ ସଂଖ୍ୟାଲଘୁ ତୁଷ୍ଟିକରଣର ଆରୋପ ଲଗାଯାଉଛି । ଏହି ଦଳଗୁଡ଼ିକ ମଧ୍ୟ ସବୁବେଳେ ସଂଖ୍ୟାଲଘୁଙ୍କ ତ୍ରାଣକର୍ତ୍ତା ଭାବେ ନିଜକୁ ଉପସ୍ଥାପିତ କରି ଆସୁଛନ୍ତି । ଏଭଳି ରାଜନୀତି ପଛର ତଥ୍ୟ ହେଉଛି ସଂଖ୍ୟାଲଘୁ ବିଶେଷକରି ଧର୍ମବିଶେଷକୁ ମାନୁଥିବା ଲୋକଙ୍କ ଭୋଟକୁ ଅକ୍ତିଆର କରିବା । ବୋଧହୁଏ ଏଇଥିପାଇଁ ସଂଖ୍ୟାଲଘୁଙ୍କ ସ୍ଥିତି ପ୍ରାୟତଃ ସେମିତି ଅଛି ଯାହା ସ୍ୱାଧିନତା ବେଳେ ଥିଲା । ୮୦ଦଶକ ପରେ ରାଜନୈତିକ ଦଳମାନଙ୍କ ଦ୍ୱାରା ଧର୍ମକୁ ପ୍ରତ୍ୟକ୍ଷ ରୂପରେ ବ୍ୟବହାର କରାଯିବା କାରଣରୁ ଭାରତୀୟ ରାଜନୀତିରେ ଧର୍ମର ଗୁରୁତ୍ୱ ବଢ଼ିବାରେ ଲାଗିଲା । ଏହାଦ୍ୱାରା ଦେଶର ସଂଖ୍ୟାଲଘୁ ଓ ସଂଖ୍ୟାଗରିଷ୍ଠଙ୍କ ମଧ୍ୟରେ ଦୂରତା ବଢ଼ିବାରେ ଲାଗିଲା । ଅନ୍ୟପକ୍ଷରେ ହିନ୍ଦୁବାଦୀ ରାଜନୈତିକ ଦଳମାନେ ମଧ୍ୟ ଭୋଟବ୍ୟାଙ୍କ ପାଇଁ ଉଦ୍ୟମ କଲେ । ଅଯୋଧ୍ୟାର ରାମମନ୍ଦିର ବନାମ ବାବ୍ରୀ ମସଜିଦକୁ ନେଇ ବିଗତ ଦିନରେ ଅନେକ ଘଟଣା ଘଟିଛି । ଏହି ପ୍ରସଙ୍ଗକୁ ନେଇ ବିଜେପି ମଧ୍ୟ ଲାଭାନ୍ୱିତ ହୋଇଛି ଓ ଯେଉଁ ବିଜେପି ମାତ୍ର ୨ଟି ଲୋକସଭା ଆସନରେ ସୀମିତ ରହୁଥିଲା ସେଇ ବିଜେପି ଲୋକସଭାରେ ସଂଖ୍ୟାଗରିଷ୍ଠତା ହାସଲ କରିବାରେ ସକ୍ଷମ ହୋଇଛି ।

ରାଷ୍ଟ୍ରପିତା ମହାତ୍ମାଗାନ୍ଧୀ କହୁଥିଲେ ’ମୋ ପାଇଁ ଧର୍ମଠାରୁ ଭିନ୍ନ କୌଣସି ରାଜନୀତି ନାହିଁ । କିନ୍ତୁ ମୋର ଧର୍ମ ସାର୍ବଭୌମ ଏବଂ ସହନଶୀଳ ଧର୍ମ ଅଟେ, ଅନ୍ଧବିଶ୍ୱାସର ଧର୍ମନୁହେଁ । ନୈତିକତା ବିନା ରାଜନୀତିର କୌଣସି ଅର୍ଥ ନାହିଁ ।’ ଆଶ୍ଚର୍ଯ୍ୟର ବିଷୟ ଯେ ଗାନ୍ଧୀଙ୍କ ନାମକୁ ବ୍ୟବହାର କରି ଶାସନ ଗାଦିରେ ବସୁଥିବା ଲୋକ ଏବଂ ରାଜନୈତିକ ଦଳ ଗାନ୍ଧୀଙ୍କ କଥାକୁ ଗୁରୁତ୍ୱ ଦେଉନାହାଁନ୍ତି । ଗାନ୍ଧୀଙ୍କ ନାମକୁ ନେଇ ଧର୍ମ ଓ ରାଜନୀତିର ମିଶ୍ରଣ କରୁଥିବା ଲୋକେ ବୁଝିବା ଉଚିତ୍ ଯେ ଗାନ୍ଧୀଙ୍କ ଧର୍ମ ତ୍ୟାଗ ଏବଂ ପ୍ରେମର ଧର୍ମ ଅଟେ ଯେଉଁଥିରେ ଘୃଣା ବିଦ୍ୱେଷ ପାଇଁ ସ୍ଥାନ ନାହିଁ । ଗାନ୍ଧୀଙ୍କ ପାଇଁ ଦରିଦ୍ର ନାରାୟଣ ସବୁଠାରୁ ବଡ଼ ଦେବତା ଥିଲେ । ଗାନ୍ଧୀଙ୍କ ମାର୍ଗ ତ୍ୟାଗର ମାର୍ଗ, ନ୍ୟାୟରମାର୍ଗ, ଭୋଗ ଏବଂ ଅନ୍ୟାୟର ମାର୍ଗ ନୁହେଁ । କିନ୍ତୁ ଏବେ ଧର୍ମ ଏବଂ ରାଜନୀତିକୁ ବ୍ୟବହାର କରି ଶାସନ ଗାଦି ଅକ୍ତିଆର କରିବା ନେତା ଓ ରାଜନୈତିକ ଦଳ ମାନଙ୍କର ଏକମାତ୍ର ଉଦ୍ଦେଶ୍ୟରେ ପରିଣତ ହୋଇଛି । ଧର୍ମ ଏବଂ ଜାତି କଥା କହି ଏମିତି କେତେକ ସଂସଦ ଓ ବିଧାନସଭାରେ ପହଞ୍ଚିପାରୁଛନ୍ତି । କିନ୍ତୁଏମାନଙ୍କ ସ୍ଥାନ ଜେଲରେ ହେବା କଥା । ଏକଥା ବୁଝିବା ଆବଶ୍ୟକ ଯେ ସାଂପ୍ରଦାୟିକ ରାଜନୀତି କରି ଶାସନକୁ ଆସିବା ସମ୍ଭବ ହୋଇପାରେ କିନ୍ତୁ ରାଷ୍ଟ୍ରନିର୍ମାଣ ସମ୍ଭବ ନୁହେଁ । ଏହା ରାଷ୍ଟ୍ର ପାଇଁ ମଙ୍ଗଳ କାରକ ମଧ୍ୟ ନୁହେଁ ।

ରାଜନୀତିରେ ଧର୍ମର ମିଶ୍ରଣକୁ ଶହୀଦ ଭଗତ ସିଂହ ସିଧା ସଳଖ ସାଂପ୍ରଦାୟିକତା ସହ ଯୋଡ଼ିଥିଲେ ଏବଂ କହିଥିଲେ ଯେ ଯେଉଁଠି ସାଂପ୍ରଦାୟିକ ତତ୍ତ୍ୱମାନଙ୍କର ଗୁରୁତ୍ୱ ବଢ଼େ ସେଠି ସାମ୍ରାଜ୍ୟବାଦ ଆପେ ଆପେ ଆସିଯାଇଥାଏ । ସାଂପ୍ରଦାୟିକତା ନିଜର ସ୍ୱାର୍ଥସିଦ୍ଧି ପାଇଁ ସାମ୍ରାଜ୍ୟବାଦକୁ ସମର୍ଥନ କରିଥାଏ । ଅର୍ଥାତ୍ ସାଂପ୍ରଦାୟିକତାର ଆଗାମୀ ପର୍ଯ୍ୟାୟ ହେଉଛି ସାମ୍ରାଜ୍ୟବାଦ । ଶହୀଦ ଭଗତସିଂହ କହିଥିଲେ ’ଯେଉଁ ଧର୍ମ ମଣିଷଠାରୁ ମଣିଷକୁ ଅଲଗା କରିଥାଏ, ପ୍ରେମ ବଦଳରେ ପରସ୍ପର ମଧ୍ୟରେ ଘୃଣା ଭାବ ସୃଷ୍ଟି କରିବା ଶିଖାଇଥାଏ, ଅନ୍ଧବିଶ୍ୱାସକୁ ପ୍ରୋତ୍ସାହନ ଦେଇ ବୌଦ୍ଧିକ ବିକାଶରେ ବାଧାସୃଷ୍ଟି କରିଥାଏ ତାହା କେବେବି ମୋର ଧର୍ମ ହୋଇନପାରେ ।

ଧର୍ମ କୌଣସି ବି ବ୍ୟକ୍ତିର ନିଜସ୍ୱ ପ୍ରସଙ୍ଗ ଏକଥା ବୁଝିବାକୁ ହେବ । ଧର୍ମ ଏବଂ ରାଜନୀତିର ମିଶ୍ରଣକୁ ଭାଙ୍ଗିବାକୁହେବ । ନେତା ବା ରାଜନୈତିକ ଦଳ ମାନଙ୍କଠାରୁ ଏ ଦିଗରେ କିଛି ଆଶା କରିବା ବୃଥା । କୌଣସିନେତା ଧର୍ମକୁ ନେଇ ରାଜନୀତିରୁ ନିଜକୁ ଦୂରେଇ ପାରିବେନି କାରଣ ଏମିତି ହେଲେ ବିକାଶ, ରୋଜଗାର, ସମାନତା, ଶିକ୍ଷା ଏବଂ ସ୍ୱାସ୍ଥ୍ୟ କଥା ରାଜନୀତିର ମୁଖ୍ୟ ପ୍ରସଙ୍ଗ ହୋଇଯିବ ଯାହା ସେମାନଙ୍କ ପାଇଁ ଅସୁବିଧା ସୃଷ୍ଟିକରିବ । ପ୍ରତି ୫ବର୍ଷରେ ଭୋଟ ପାଇଁ ଲୋକଙ୍କ ପାଖକୁ ଯିବାକୁ ପଡ଼ିବ ଓ ସେତେବେଳେ ବିକାଶ, ରୋଜଗାର, ଶିକ୍ଷା ସ୍ୱାସ୍ଥ୍ୟ କଥା ସେମାନେ ପଚାରିବେ ଯାହାର ଉତ୍ତର ଦେବା ସେମାନଙ୍କ ପାଇଁ ଅସମ୍ଭବ ହୋଇପଡ଼ିବ । ଏଣୁ ଧର୍ମ ଓ ଜାତିକୁ ନେଇ ରାଜନୀତି କଲେ ଏସବୁ ବିଷୟ ଗୌଣ ହୋଇଯିବ ଓ ସେମାନେ ଲୋକଙ୍କ ଧ୍ୟାନ ଧର୍ମ ଦିଗକୁ ଆକର୍ଷିତ କରାଇପାରିବେ । କିନ୍ତୁ ଦେଶର ଦୁଇଟି ସଂସ୍ଥାନ ମାନ୍ୟବର ସୁପ୍ରିମ୍‌କୋର୍ଟ ଏବଂ ଦେଶର ନିର୍ବାଚନ ଆୟୋଗ ଏଭଳି ବ୍ୟବସ୍ଥାକୁ ରୋକିପାରିବେ ଓ ଏହାକୁ ରୋକାଯିବା ମଧ୍ୟ ଆବଶ୍ୟକ ।

♥ ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

# ଯାନ ଦୁର୍ଘଟଣାର ଜଡ଼ କଣ ?



ଅଜୟ କୁମାର ବେହେରା

ଯାନ ଯାହା ବହନ ପରିବହନର କାର୍ଯ୍ୟ କରେ। ଶାନ୍ତିରେ ଯୁଦ୍ଧରେ ଯାନର ଆବଶ୍ୟକତା ପଡ଼େ। ପୂର୍ବେ ପରିବହନର ଉତ୍ସରେ କଣ କଣ ବ୍ୟବହୃତ ହେଉଥିଲା ତାହା ଦୁର୍ଗାପୂଜାରେ ବ୍ୟବହୃତ ଆଗମନ ଓ ପ୍ରସ୍ଥାନରେ ପ୍ରତିବର୍ଷ ପାଞ୍ଜିରେ ଦିଆଯାଉଛି। ଗଜ, ଅଶ୍ୱ, ଦୋଳା, ନୌକା, ଏ ଚାରି ବ୍ୟବହୃତ ଦର୍ଶାଯାଉଛି। ଦେବୀ ମାଆ ରାଜରାଜେଶ୍ୱରୀ ତାଙ୍କର ଏହି ମୂଲ୍ୟବାନ ଯାନ ଲାଗୁଛି। ସ୍ୱର୍ଗର ରାଜା ଇନ୍ଦ୍ରଦେବ ତାଙ୍କର ଐରାବତ ହାତି ଓ ଉଚ୍ଚୈଶ୍ରବା, ଅଶ୍ୱ ରହିବା ପୁରାଣ ବର୍ଣ୍ଣିତ ହେଲେ ତାଙ୍କ ଏକନାମ ମେଘବା ଯାହାର ଅର୍ଥ ମେଘବାହାନ ମଧ୍ୟ ତାଙ୍କର ଅଛି। ଚତୁଷ୍ପଦରେ ଘୋଡ଼ା, ହାତି ଆସନ୍ତି। ଏମାନଙ୍କୁ ଖାଦ୍ୟ ଦେଇ କର୍ମମୁଖର ରଖାଇବା ବଡ଼ ବ୍ୟୟ ସାଧ୍ୟ କାର୍ଯ୍ୟ। ଏଣୁ ପୂର୍ବର ରାଜ ମହାରାଜା ଜମିଦାର ଏମାନେ ବାହାନର ସମ୍ମାନିତ ହେଉଥିଲେ। କେଉଁ ରାଜାଙ୍କ କେତେ ଘର ହାତି ସେଥିରୁ ତାଙ୍କର ସମ୍ଭ୍ରାନ୍ତ ଚିହ୍ନ ବୁଝାପଡୁଥିଲା। ମହାଭାରତ ଯୁଦ୍ଧରେ ହାତି, ଘୋଡ଼ା ଯୁଦ୍ଧରେ ବ୍ୟବହାର ହେଉଥିଲେ। ଘୋଡ଼ା ଦୁଇ ପ୍ରକାରରେ ବାହାନରେ ଆସକ୍ତ ପ୍ରଥମ ପ୍ରତ୍ୟେକ୍ଷ ତା ଉପରେ ସବାର ହୋଇ ବ୍ୟକ୍ତିମାନେ ଗନ୍ତବ୍ୟ ପଥରେ ଧାବିତ ହୁଅନ୍ତି। ଦ୍ୱିତୀୟରେ ଘୋଡ଼ାଙ୍କୁ ରଥରେ ଲଗାଇ ରଥକୁ ଗଡ଼ାଇ ଚଳାଇ ପଥ ଅତିକ୍ରାନ୍ତ କରନ୍ତି। ମହାଭାରତ ଯୁଦ୍ଧରେ ମହାରଥି, ଅର୍ଦ୍ଧରଥିଙ୍କ ପାହ୍ୟା ସମ୍ମାନ ଧାର୍ଯ୍ୟ ଥିଲା। କୌଣସି ମହାରଥି ଙ୍କ ଠାରୁ କେବେ କମ ସମ୍ମାନ ଶ୍ରୀକୃଷ୍ଣ ଦ୍ୱାରିକାଧୀଶଙ୍କର ନଥିଲା ହେଲେ ଅର୍ଜୁନଙ୍କ ରଥରେ ସାରଥି ହୋଇ ଅଶ୍ୱ ଚାଳନା ଯୁଦ୍ଧରେ କରୁଥିଲେ। ବାହାନ ସମ୍ବନ୍ଧରେ ଗୋପ ବାଳକମାନେ ଶ୍ରୀକୃଷ୍ଣଙ୍କ ବାଲ୍ୟ ସଖାମାନେ ଜୟଗାନ ପ୍ରଶସ୍ତିରେ କହୁଥିଲେ ଘୋଡ଼ା ହାତି ପାଲକୀ ଜୟ କହ୍ନେୟା ଲାଲକି ? ଆମର ପୂର୍ବେ ରାଜ ପ୍ରଶସ୍ତିରେ କିଛି ରାଜାଙ୍କୁ ନରପତି, ଗଜପତି, ଅଶ୍ୱପତି, ଛତ୍ରପତି ପ୍ରସିଦ୍ଧି ଅଛି।

ଆମର ଏହି ଉତ୍କଳ କଳିଙ୍ଗ ଠାରୁ ସେନା କୌରବ ପକ୍ଷର ୧୧ ଅକ୍ଷୌହିଣୀରେ କଳିଙ୍ଗ ବାହିନୀ ୭ ଅକ୍ଷୌହିଣୀରେ ଉତ୍କଳ ବାହିନୀ, ପାଣ୍ଡବ ପକ୍ଷରେ ହାତି ବଳରେ ସାମିଲ ଥିଲେ। ସମୟାନ୍ତରକୁ କଳିଙ୍ଗ, ଉତ୍କଳ ଅନ୍ୟ ଅଞ୍ଚଳ ସହିତ ମିଶି ଏବକାର ଓଡ଼ିଶା ଏଥିରେ ୩୬ଗଡ଼ଜାତର ରାଜ୍ୟ ଶାସନ ଥିଲା ଯାହା ସଂଗଠିତ ନୂତନ ରାଜ୍ୟ ଗଡ଼ରେ ସବୁ ଜମିଦାରୀ, ଗଡ଼ଜାତ ମିଶ୍ରଣ ହୋଇଗଲା। ହେଲେ ଶ୍ରୀଜଗନ୍ନାଥଙ୍କ ୧ମ ସେବକରେ ଗଜପତିଙ୍କର ସମ୍ବନ୍ଧ ଏ ପର୍ଯ୍ୟନ୍ତ ରହିଯାଇଛି। ଏ ରାଜ୍ୟ ଅନେକ ସମ୍ମାନନୀୟ ଏବେ ବି ରହିଆସୁଛନ୍ତି। ଜଗନ୍ନାଥଙ୍କ ହାତି ଥିଲେ ହାତିର ସେବା ପ୍ରଭୁଙ୍କର ଥିଲା ତାହା ସମୟାନ୍ତରକୁ ରହିତ ହୋଇଛି। ଦକ୍ଷିଣ ଭାରତରେ ବହୁ ମନ୍ଦିରରେ ଏବେ ବି ହାତି ସେବା ରହିଛି। ଦୂରାନ୍ତ ପଥ ଅତିକ୍ରାନ୍ତ ଏବେ ଯେପରି ସଂସ୍କାରିତ ରାଜପଥରେ ହେଉଛି ସେପରି ପୂର୍ବେ ନଥିଲା ଏ କ୍ଷେତ୍ରରେ ଦୂରାନ୍ତ କଣ୍ଟକିତ ଢ଼େଲା ଉଚ୍ଚନିଚ ଜଙ୍ଗଲ ପଥରେ ରାଜ ବା ରାଜକର୍ମଚାରୀ ହାତି ଆଶ୍ରୟରେ ଯାତ୍ରା କରୁଥିଲେ। ବର୍ତ୍ତମାନ ଦ୍ୱିଚକ୍ର ଯାନ, ଚତୁଷ୍ଚକ୍ର ଯାନ ଓ ବହୁଷ୍ଚକ୍ରଯାନରେ ଲୋକେ ପଥ ଅତିକ୍ରାନ୍ତ କରୁଛନ୍ତି। ବହୁଯାନ ଅଶ୍ୱଶକ୍ତିରେ ମାପ ରହିଛି। ହାତି ସମ୍ମାନନୀୟ ଯାନ ଥିଲା, ଏହାବଦଳରେ ଚତୁଷ୍ଚକ୍ରଯାନ ବ୍ୟବହାର ଦ୍ୱିଚକ୍ରଯାନ ଘୋଡ଼ା ଶକ୍ତିରେ ଚାଲୁଛି ଅତଏବ ଏ ଅଶ୍ୱର କାର୍ଯ୍ୟ କରୁଛି। ଆଶ୍ୱିନ ମାସରେ ଅଶ୍ୱପଞ୍ଚମୀ ଓ ଗଜଷଷ୍ଠୀ ତିଥି ଆସେ। ଯେଉଁ ସମୟରେ ଏହି ବାହାନ ଗୁଡ଼ିକର ସାମୁହିକ ବଳ ବର୍ଦ୍ଧନକାରୀ ଓ ସୁସ୍ଥ ରଖିବା ଓ ତାଙ୍କର ବଂଶ ବର୍ଦ୍ଧନ ପାଇଁ ଆରାଧନା କରାଯାଏ। ଏମିତି ଗୋରୁ ମାନଙ୍କ ପାଇଁ ଗହ୍ମାପୂର୍ଣ୍ଣିମା ଗୋଷ୍ଠାମୀ, ଦୋଳପୂର୍ଣ୍ଣିମାରେ ସେବା ପୂଜା ଏପରି କରାଯାଏ।

ଖରା, ବର୍ଷା ଓ ଯୁଦ୍ଧରେ କାଣ୍ଡ ବାରେଣୀ ପାଇଁ ହାତି ଉପରେ ଦୋଳା ରଖାଯାଇ ସୁଦୃଢ଼ ଭାବରେ ହାତି ଶରୀର ସହିତ ଚୌକସ ବନ୍ଧନରେ ଥାଏ ରଥ ବି ଏହିପରି ଏହା ଉପର ଦୋଳା ରଖାଯାଇ ରଥିଙ୍କର ନିରାପଦ ବ୍ୟବସ୍ଥା କରାଯାଇଥାଏ। କାଳକ୍ରମେ ହାତି ପରି ଶକ୍ତିଶାଳୀ ବସ, ଟ୍ରକ ପରେ ପରେ ରେଳଗାଡ଼ି, ଟ୍ରାମଗାଡ଼ି ନିର୍ମାଣ ହୋଇ ରାସ୍ତାରେ ଚାଲୁଛି। ଅତଏବ ଏହାର ମୂଳ ହେଉଛନ୍ତି ହାତି ଗୋପବନ୍ଧୁ ଲେଖିଥିଲେ ରହ ରହ କ୍ଷଣେ ବାଷ୍ପୀୟ ଶକଟ ରେଳଗାଡ଼ି ବଳଦ ଟଣା ଶକଟ ବା ଶଗଡ଼ ପରି ଯାନ। ଏପରି ସମୟ ହେଲା ରାସ୍ତାରେ ଶଗଡ଼ ନାହିଁ ବଳଦ ବିଲୁପ୍ତ। ହେଲେ ରେଳଗାଡ଼ି ଅଜା ହେଉଛି ଶଗଡ଼ ଗାଡ଼ି। ରାଜାଘରେ ହାତିଘର, ଚାଷୀଘରେ ବଳଦ କେତେ ହଳ ସମ୍ମାନର ସୂଚକ। ଏ ସମୟରେ ହାତି ବଳଦଙ୍କ ଉପରେ ମଡ଼କ ପଡୁଛି। ଲୋକେ ହାତିଙ୍କୁ ମାରିବାରେ ଲାଗିଛନ୍ତି। ହାତିମାନେ ବିପ୍ଳବୀ ହୋଇ ଜନପଦରେ ଫସଲ ନଷ୍ଟ କରୁଛନ୍ତି। ଏସବୁ ଏକ ଶକୁନ ଏହାର ବିଧିରେ ଶାନ୍ତି କରାଯାଉନାହିଁ ଏହାର ଶାନ୍ତି ହେଉଛି ଐନ୍ଦ୍ରୀଶକ୍ତି। ଏହି ହାତି ମରଣ ଶକୁନ ଯାନ ଦୁର୍ଘଟଣାର କାରଣ ଏକଥା କେହି ବୁଝିବା ଉପରେ ନାହାଁନ୍ତି। ପ୍ରତ୍ୟେକ ଉପଦ୍ରବର ଜଡ଼ ଶାନ୍ତି ହେଲେ ଉପଦ୍ରବ ଶାନ୍ତି ହୋଇଥାଏ। ଅନେକ ଦିନ ହେଲା ଶାସ୍ତ୍ର ଚର୍ଚ୍ଚା ଶାନ୍ତିର ମାର୍ଗ ଲୋକେ ଭୁଲି ଯାଉଛି। ଯେମିତି ବେଦ ଉଦ୍ଧାର ପାଇଁ ଭଗବାନଙ୍କୁ ଅବତାର ନେବାକୁ ହୋଇଥିଲା ସେମିତି ଏ ଶାନ୍ତି ଅଥର୍ବ ବେଦରୁ ଖୋଜି ପ୍ରୟୋଗ କରାଗଲେ ଏପରି ଶାନ୍ତି ହୋଇପାରିବ। ଏହା ହାସ୍ୟ ବ୍ୟଙ୍ଗର କଥା ନୁହେଁ। ନିଚ୍ଛକ ସତ୍ୟ ଘଟଣା ଫଳିତ ଜ୍ୟୋତିଷରେ ଅଛି ବ୍ୟକ୍ତିର ବାହାନ ପ୍ରାପ୍ତି ଯୋଗ ଏଥିରେ ଏପରି ହସ୍ତୀ ବାହାନ ଅଶ୍ୱ ପ୍ରାପ୍ତି ଯୋଗ ରହିଛି। ପୂର୍ବେ ନରବାହାନ ଯୋଗ ଲୋକେ ଭୋଗୁଥିଲେ। ସଓ୍ୱାରି ପାନିକ ତାମ ଯାନରେ ଲୋକେ ଯାତ୍ରା କରୁଥିଲେ। ବିବାହ ପାଇଁ ବରକନ୍ୟା ଯାଉଥିଲେ ଯାହା ଏବେ ନାହିଁ ସେ ସ୍ଥାନରେ କାର ଏକାମ କରୁଛି। ନରବାହାନ ଯୋଗରେ ଏକ ସୌଭାଗ୍ୟ ଥିଲା ଯାହା ଏବେ ଦୁର୍ଲଭ। ଅଶ୍ୱ ବାହାନ, ପୋଲିସ ସେନାରେ ଏବେ ବି ଲାଗୁଛି। ଅଶ୍ୱର ହାଇବ୍ରିଡ଼ ଖଚର ମଧ୍ୟ ସେନାରେ ରସଦ ବୁହାରେ ଖଟୁଛନ୍ତି। ଅଶ୍ୱ ଓ ଗଧର ମିଶ୍ରଣ ଖଚର ଗଧ ମଧ୍ୟ ମାଲବୁହାରେ ଏବେ ବି ମୂଳ ବିଶେଷରେ ଲାଗୁଛନ୍ତି। ଜନପଦରେ ଜଙ୍ଗଲି ପଶୁ ପ୍ରବେଶ ଅପଶକୁନ ଏହା ବଡ଼ ବିପଦ ପୂର୍ଣ୍ଣ ଶକୁନ। ଯାହା ଯାନ ଧକ୍କା ଓ ଅକାଳ ମରଣ ରାଜାଙ୍କର ଅହିଭୟ କରାଏ। ଅହିଭୟରେ ଆସେ ଅର୍ନ୍ତବିପ୍ଳବ ଓ ବର୍ହିବିପ୍ଳବ। ନିଜର ଦଳ ମଧ୍ୟରେ ବିପ୍ଳବ। ରାଜଧାନୀ ଭୁବନେଶ୍ୱରରେ ହାତିଯୁଗ ପ୍ରବେଶ କରିବା ଦେଖାଯାଉଛି। ଏହା ରାଜ୍ୟ ପାଇଁ କେବେ ଶୁଭ ସୂଚକ ନୁହଁ ଏହାର ଶାନ୍ତି ତୁରନ୍ତ ଆବଶ୍ୟକ। ପାଞ୍ଜିରେ ଲେଖାଯାଏ ଇନ୍ଦ୍ର ବାହାନ ଐରାବତ ଜଳ ଢ଼ାଳନ୍ତି ବିଭିନ୍ନ ସମୁଦ୍ରରୁ ବିଭିନ୍ନ ଶକାବ୍ଦଃରେ ଇନ୍ଦ୍ର ବାହାନଙ୍କ ଅକାଳ ବିୟୋଗ ବର୍ଷା ପ୍ରମାଦ କରୁଛନ୍ତି ଏକଥା ବି ମନେ ରଖିବାକୁ ପଡ଼ିବ। ଅନେକ ଦେବତାଙ୍କର ପକ୍ଷୀ ବାହାନ, ବିଷ୍ଣୁଙ୍କର ଗରୁଡ଼, ବ୍ରହ୍ମା ସରସ୍ୱତୀଙ୍କ ହଂସ, ଶନିଙ୍କର ଶାଗୁଣା କାକ, କାର୍ତ୍ତିକଙ୍କର ମୟୁର, ମାଆ ଲକ୍ଷ୍ମୀଙ୍କର ପେଚା ଇତ୍ୟାଦି। ଶାଗୁଣା କାକ ବଂଶ ବେଳକୁ ବେଳ ବିଲୁପ୍ତ। ମନୁଷ୍ୟ ଶରୀରର ବିଭିନ୍ନ କୁଢ଼ ଔଷଧ ଖାଇ ପ୍ରବଳ ବିଷାକ୍ତ ହେଉଛି। ଫଳରେ ମୃତ ବ୍ୟକ୍ତିର ଅଙ୍ଗ ଭକ୍ଷଣରେ ଶାଗୁଣା କାକ ବଂଶ ବିଲୁପ୍ତ ବହୁ ଉଚ୍ଚ ଆକାଶରେ ଉଡିବା ଶାଗୁଣା ମାଟିରେ ଆକାଶରୁ ଓହ୍ଲାଇବା ଓ ମାଟିରୁ ଆକାଶକୁ ଉଡିବା ପାଇଁ ଉଠିବା ଧାରାରେ ଉହାଜାହାଜର ପତନ, ଉଥାନର ସଦୃଶ ରହିଚି। ଏହି ପକ୍ଷୀ ପରି ଉଡାଜାହାଜ ଆକାଶ ପଥରେ ଉଡୁଛି। ଏହି ପକ୍ଷୀ ବିଲୁପ୍ତ ହୋଇ ଚାଲିବାରୁ ଉଡାଜାହାଜର ଦୁର୍ଘଟଣା ଘଟୁଛି।

ପକ୍ଷୀମାନଙ୍କର ରାଜା ଗରୁଡ଼। ଏହି ଗରୁଡ଼ଙ୍କ ନାମରେ ଗରୁଡ଼ ଏୟାର ଲାଇନସ ଅଛି। ହେଲେ ଏହି ବିଷ୍ଣୁ ବାହାନ ପ୍ରବଳ ବିରକ୍ତ ତାଙ୍କ ରାଜକୋପ ତାଙ୍କର ପ୍ରଜା ବିନାଶରୁ ମନୁଷ୍ୟଙ୍କ ଉପରେ ପଡୁଛି। ଯାହା ବିମାନ ଦୁର୍ଘଟଣା ବିଭିନ୍ନ ସ୍ଥାନରେ ହେଉଛି। ଅତଏବ ପକ୍ଷୀ ମାନଙ୍କ ପାଇଁ ମନୁଷ୍ୟ ଦୟାର୍ଦ୍ର ହେଲେ, କ୍ଷମା ମାଗି ଶାନ୍ତି କର୍ମ କଲେ ଯାନ ସଂଖ୍ୟା ବଢ଼ିଲେ ବି ଦୁର୍ଘଟଣା ଆତଙ୍କ କମିବ। ଏହା ସତ୍ୟକି ମିଥ୍ୟା ଶାନ୍ତିକର୍ମ ଠିକ କରି କରିପାରିଲେ ବୁଝାଯାଇପାରିବ। ଉଚ୍ଚଗଛରେ ତାଳଗଛରେ ଫୁଲ ଶାଗୁଣା, ଶାଗୁଣା ବସୁଥିଲେ ଯାହା ଏ ରାଜ୍ୟରେ ତାଳଗଛ ବିଲୁପ୍ତ। ମନ୍ଦିର ଗୃହ ଉପରେ ପକ୍ଷ ବିଶ୍ରାମ ପାଇଁ ଶାଗୁଣା ଚିଲ ବସିବା ଦେଖାଯାଉଛି ଯାହା ଅଗଶକୁନ ଏହା ଅଦ୍ଭୁତ ଦର୍ଶନ ଶାନ୍ତି, ଭାରତ ଶାନ୍ତି କରାଯିବା କଥା। ଏକଥା କେହି ବୁଝିବା ଅବସ୍ଥାରେ ନାହାଁନ୍ତି। ମନ୍ଦିର ଉପରେ ବସାଯିବା ତ୍ରିଶୂଳ, ଚକ୍ର ଅଂଶରେ ପକ୍ଷୀଙ୍କର ପର କଟିଯିବ ସମ୍ଭାବନା ଥିବାରୁ ଏମାନେ ଏହା ଉପରେ ବସୁନଥିଲେ ମାତ୍ର ପତାକା ଦଣ୍ଡରେ ବସିବା ସମ୍ଭାବନା ରହୁଛି। ପତାକା ଦଣ୍ଡର ନିର୍ମାଣ କେମିତି କରାଗଲେ ପକ୍ଷୀଙ୍କ ତୀକ୍ଷ୍ଣ ଦୃଷ୍ଟିରେ ଆସିଲେ ସେମାନେ ଦୂରେଇବେ ଏକଥା ବି ବିଚାର୍ଯ୍ୟ।

♥ ବରେଣ୍ୟ ବାଣୀ’ ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ
ମୋ : ୯୪୩୭୦୩୧୨୫୩

# ସତ୍ୟନାରାୟଣ ପାଲାରେ ଶ୍ରୀଜଗନ୍ନାଥ

ଅଲେଖ ଚନ୍ଦ୍ର ସାମଲ



ଶ୍ରୀ ଜଗନ୍ନାଥ ହେଉଛନ୍ତି ହିନ୍ଦୁମାନଙ୍କର ଧର୍ମଧାରଣା, ଚିନ୍ତା ଓ ଚେତନାର ପ୍ରାଣବିନ୍ଦୁ । ହିନ୍ଦୁ ମାନଙ୍କର ଉଜ୍ଜ୍ୱଳ କାମନା ପୂରଣ ନିମିତ୍ତ ଅର୍ଚ୍ଚନାରେ ମଧ୍ୟ ସେଇ ମହାପ୍ରଭୁଙ୍କର ପ୍ରଭୁତ୍ୱ ଅନୁଭୂତ ହୋଇଥାଏ । ବହୁ ପ୍ରାଚୀନ କାଳରୁ ‘ସତ୍ୟନାରାୟଣ’ ପୂଜା ପଦ୍ଧତି ହିନ୍ଦୁମାନଙ୍କ ମଧ୍ୟରେ ପ୍ରଚଳିତ ଥିଲା । ସ୍କନ୍ଧ ପୁରାଣର ରେବାଖଣ୍ଡରେ ‘ସତ୍ୟନାରାୟଣ’ଙ୍କ ପ୍ରସଙ୍ଗ ଚାରିଗୋଟି ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି। ଏହି ପୁରାଣରେ ପ୍ରଦତ୍ତ ମତ ଅନୁଯାୟୀ ସତ୍ୟନାରାୟଣ ନିଜ ପୂଜା ସମ୍ବନ୍ଧରେ ନାରଦଙ୍କୁ ନାରଦ ଶୁକଦେବଙ୍କୁ ଓ ଶୁକ ନୈମିଷ୍ୟାରଣ୍ୟରେ ସନକାଦି ମୁନୀ ମାନଙ୍କୁ କହିଥିଲେ । ସ୍କନ୍ଧ ପୁରାଣର ବର୍ଣ୍ଣିତ ସତ୍ୟନାରାୟଣ ପୂଜା କଥାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କାମନା ପୂରଣ ପାଇଁ ସତ୍ୟନାରାୟଣ ପୂଜା ଏକ ଫଳପ୍ରଦ ମାଧ୍ୟମ ଅଟେ । ତାଙ୍କରି ଆଶୀର୍ବାଦର ସୁଖ, ସମ୍ପଦ, ସନ୍ତାନ, ସୌଭାଗ୍ୟ ପ୍ରଭୃତ ପ୍ରାପ୍ତି ହୋଇଥାଏ। ସ୍କନ୍ଧ ପୁରାଣର ରେବାଖଣ୍ଡରେ କୁହାଯାଇଛି -‘ଯସ୍ମିନ୍ କସ୍ମିନ୍ ଦିନେ ମର୍ତ୍ତ୍ୟୋ ଭକ୍ତି ଶ୍ରଦ୍ଧା ସମନ୍ୱିତଃ, ସତ୍ୟନାରାୟଣଂ ଦେବଂ ଯଜେତ୍ ତୁଷ୍ଟୋ ନିଶାମୁଖେ, ପ୍ରସାଦ ଭକ୍ଷୟେତ ଭକ୍ତ୍ୟା ନୃତ୍ୟାଗୀତାଦିଙ୍କ ଚରେତ ଏବଂ କୃତ୍ୱା ମନୁଷ୍ୟାଣାଂ ବାଞ୍ଛାସିଦ୍ଧି ଭବେତ୍ ଧ୍ରୁବମ୍’ ।

କାଳକ୍ରମେ ସତ୍ୟନାରାୟଣଙ୍କ ମୁହଁ ମୁସଲମାନ ମାନଙ୍କର ‘ପୀର’ ଶବ୍ଦ ମିଳିତ ହୋଇ ସତ୍ୟପୀର ଶବ୍ଦ ଓ ଦେବତାଙ୍କର ମହିମା ପ୍ରସାରିତ ହେଲା । ମିଛ ଦୁନିଆରେ ‘ନାରାୟଣ’ ହିଁ ଏକମାତ୍ର ସତ୍ୟ ଏବଂ ସତ୍ୟ ମଧ୍ୟରେ ହିଁ ତାଙ୍କର ସ୍ୱରୂପ ପ୍ରକଟିତ ହୋଇଥାଏ । ପରାସୀ ଭାଷାରେ ‘ପୀର’ ଶବ୍ଦ ଅଲୌକିକ ଶକ୍ତି ସମ୍ପନ୍ନ ଧର୍ମ ପ୍ରତିଷ୍ଠାତାଙ୍କୁ ବୁଝାଇଥାଏ । ‘ନାରାୟଣ’ ଓ ଧର୍ମ ପ୍ରତିଷ୍ଠାତା ଉଭୟ ଦୃଷ୍ଟିକୋଣରୁ ଚିନ୍ତା କଲେ ରୂପେ ବିଦିତ । ‘ହୟଶୀର୍ଷ ପଞ୍ଚରାତ୍ର’ ମତରେ ବିଷ୍ଣୁ ପୌଷ ମାସରେ ‘ନାରାୟଣ’ ଭାବେ ପୂଜିତ ହୁନ୍ତି । ବିଷ୍ଣୁ ଓ ଜଗନ୍ନାଥ ଅଭିନ୍ନ ସତ୍ତା ହୋଇଥିବାରୁ ଜଗନ୍ନାଥଙ୍କୁ ନାରାୟଣ ରୂପେ ଗ୍ରହଣ କରି ନେବାରେ ଶାସ୍ତ୍ରିୟ ଦ୍ୱନ୍ଦ ସୃଷ୍ଟି ହୁଏ ନାହିଁ । ନୀଳାଦ୍ରି ମହୋଦୟରେ ଜଗନ୍ନାଥଙ୍କୁ ନାରାୟଣ ରୂପେ ବର୍ଣ୍ଣନା କରାଯାଇ କୁହାଯାଇଛି - ‘ଜଗନ୍ନାଥ ନମସ୍ତେଽସ୍ତୁ ଜଗତାଂ ପତୟେ ନମଃ, ନାରାୟଣ ଜଗଦ୍ଧାମ ଶ୍ୟାମ ସୁନ୍ଦର ରମ୍ୟପତେ ।’ ବାମଦେବ ସଂହିତାରେ ଜଗନ୍ନାଥଙ୍କର ନାରାୟଣ ସ୍ୱରୂପ ସଂପର୍କରେ କୁହାଯାଇଛି - ‘ଯୋଽଭୟଂ ନାରାୟଣେଶ କେବଃ ସତ୍ତିହଂ ନିଳ କନ୍ଦରଃ, ମାୟା ବିଚାର୍ଯ୍ୟଚିତେ ନାହଂ କରୋମି ଚ କରୋତି ସଃ ।।’

‘ପୀର’ ଶବ୍ଦର ଅର୍ଥ ମଧ୍ୟରେ ଜଗନ୍ନାଥଙ୍କର ରୂପକୁ ଚିନ୍ତା କରାଯାଏ । ଧର୍ମ ପ୍ରତିଷ୍ଠାକୁ ପ୍ରାଧାନ୍ୟ ଦେଇ ଶ୍ରୀକୃଷ୍ଣ ରୂପି ଜଗନ୍ନାଥ ଗୀତାରେ କହିଛନ୍ତି ‘ଯଦା ଯଦାହି ଧର୍ମସ୍ୟ... ଧର୍ମ ସଂସ୍ଥାପନାର୍ଥାୟ ସମ୍ଭାବାମୀ ଯୁଗେ ଯୁଗେ । ନାରାୟେଣ ଏବଂ ଧର୍ମ ପ୍ରତିଷ୍ଠାତା ଭାବେ ଗୃହିତ ଜଗନ୍ନାଥ ସତ୍ୟନାରାୟଣ ଓ ସତ୍ୟପୀର ଭାବରେ ପ୍ରତିଭାତ ହୁଅନ୍ତି । ପାଲା ପୃଷ୍ଠ ଭୂମୀରେ ଇତିହାସ ଅନୁଧ୍ୟାନ କଲେ ସତ୍ୟପୀର, ନାରାୟଣ ବା ବିଷ୍ଣୁ ଏକ ଦେବତା ଭାବେ କାଳକ୍ରମେ ହିନ୍ଦୁ ମୁସଲମାନ ଉଭୟ ସଂପ୍ରଦାୟଙ୍କ ଦ୍ୱାରା ପୂଜିତ ହେଲେ । ଜଗନ୍ନାଥ, ବିଷ୍ଣୁ ହୋଇଥିବାରୁ ସତ୍ୟନାରାୟଣ ପାଲାରେ କାମନା ପୂରାଣକାରୀ ଦେବତା ଭାବରେ ଗୃହୀତ ହେଲେ । କବି କର୍ଣ୍ଣ ‘ମଦ୍ଧାରାହୀ’ ଓ ଜନ୍ମ ପାଲାରେ ଜଗନ୍ନାଥଙ୍କ ଏବଂ ସତ୍ୟପୀର ଏକ ଦେବତା ବୋଲି ସତ୍ୟପୀରଙ୍କ ଦ୍ୱାରା ପ୍ରକାଶ କରିଛନ୍ତି । ଯଥା - ଆମି ସେହି ଦେବତା ଅଲେଖ ନିରାକାର ସ୍ୱର୍ଗ ମର୍ତ୍ତ୍ୟ ପାତାଳେ ରସାତଳେ କରଇ ଆମାର ଜଗନ୍ନାଥ ରୂପେ ଆମି ଓଡ଼ିଶାତେ ଆଉ ହିନ୍ଦୁ ମୁସଲମାନ ସବୁ କରି ଏକାକାର ରାମ ରହିମାନ ଜାନ କୋରାଣ ପୁରାନେ ଦେଖିବ କେମନ ରୂପ ମାନେ କି ନମାନେ ଦାରିଆତେ ଦାରୁବ୍ରହ୍ମ ରୂପେତ ଭାସେନ ପଦ୍ମଫୁଲ ରୂପ ହଇଆ ସତ୍ୟନାରାୟଣ ବଉଧ ରୂପ ତେ ନୀଳାଚଳେ ବିଜେ କରି ପତିତ ପାବନ ରୂପେ ପତିତ ଉଦ୍ଧାରୀ ।

ନୃତ୍ୟ ନାରାୟଣ ପାଲାରେ ଗଣେ, ନାରାୟଣେ, ରୁଦ୍ରେ, ଅମ୍ବିକେ, ଭାସ୍କର, ପ୍ରଭୃତି ପଞ୍ଚଦେବତା ପୂଜା ସମ୍ପାଦିତ ହୋଇଥାଏ । ଏହି ଜଗନ୍ନାଥ ପଞ୍ଚଦେବତାଙ୍କର ସମ୍ମିଳିତ ବିଗ୍ରହ ଅଟନ୍ତି । ଜଗନ୍ନାଥଙ୍କୁ ଗଣେଶ ବୋଲି କହିବାର ଅଭିପ୍ରାୟ ଏହି ଯେ, ଜଗନ୍ନାଥ ସମସ୍ତ ଜ୍ଞାନର ଶ୍ରଷ୍ଟା ଅଟନ୍ତି । ଗଣେଶଙ୍କ ପରି ସେ ମଧ୍ୟ ଜ୍ଞାନଦାତା ଅଟନ୍ତି । ଏଣୁ ଭାଗବତ୍‌ରେ ଉଲ୍ଲେଖ ଅଛି - ‘ତୁ ଯାକୁ ହୁଅଇ ସଦୟ, ଜ୍ଞାନ ତା ଉଦରୁ ଉଦର ।’ ସ୍ନାନପୂର୍ଣ୍ଣିମାରେ ସ୍ନାନ ମଣ୍ଡପରେ ଗଣେଶଙ୍କ ଭକ୍ତ ଗଣପତି ଭଟ୍ଟଙ୍କୁ ଶ୍ରୀଜଗନ୍ନାଥ ଗଜାନନ ବେଶରେ ଦର୍ଶନ ଦେଇ କୃତାର୍ଥ କରିଥିଲେ । ଦାର୍ଢ୍ୟତା ଭକ୍ତିରେ ଗଣପତି ଭଟ୍ଟଙ୍କର ଚିନ୍ତାଧାରା ବର୍ଣ୍ଣନା କରି ଭକ୍ତ ରାମଦାସ ଲେଖିଛନ୍ତି - ‘ଦେଖିଲେ ପ୍ରଭୁ ଭଗବାନ ହୋଇ ଅଛନ୍ତି ଗଜାନନ, ଲମ୍ବି ଅଛନ୍ତି ଥୋର ହସ୍ତ ଶୋଭା ଦିଶଇ ଏକଦନ୍ତ, ଅଦ୍ଭୁତ ବିଶ୍ୱରୂପ ଧରି ଭୃତ୍ୟକୁ ଡାକୁଛନ୍ତି ହରି, ଏହା ଶୁଣିଣ ମହାଯଦି ବୋଲେ ନମସ୍ତେ ଗଣପତି’ । ଗଣପତି ଭଟ୍ଟ ନିଜର ଭୁଲ ବୁଝିପାରି ଜଗନ୍ନାଥଙ୍କୁ ନମସ୍କାର କରି ପ୍ରତିବର୍ଷ ସ୍ନାନ ପୂର୍ଣ୍ଣିମାରେ ଗଜାନନ ବେଶ ଧାରଣ କରିବା ନିମିତ୍ତ ପ୍ରାର୍ଥନା କରିଥିଲେ । ଭକ୍ତର ପ୍ରାର୍ଥନା ରକ୍ଷାକରି ପ୍ରତ୍ୟେକ ବର୍ଷ ସ୍ନାନବେଦିରେ ଶ୍ରୀଜଗନ୍ନାଥ ଶ୍ରୀଗଣେଶ ରୂପରେ ଭକ୍ତମାନଙ୍କୁ ଦର୍ଶନ ଦେଇ ନିଜର ଗଣେଶ ସ୍ୱରୂପ ପ୍ରମାଣ କରିଛନ୍ତି । ବିଷ୍ଣୁ ଶ୍ରୀଜଗନ୍ନାଥ ଓ ଶିବତତ୍ତ୍ୱ ଏକ ତଥା ଅଭିନ୍ନ ଅଟନ୍ତି । ଯେ ରୁଦ୍ର ସେ ସ୍ୱୟଂ ବିଷ୍ଣୁ । ଯେ ବିଷ୍ଣୁ ସେହି ପୁଣି ଶିବ ବା ରୁଦ୍ର । ପବନ ଆକାଶ ମଧ୍ୟରେ ଯେପରି ପ୍ରଭେଦ ନାହିଁ, ସେହିପରି ବିଷ୍ଣୁ ଓ ରୁଦ୍ରଙ୍କ ମଧ୍ୟରେ ପ୍ରଭେଦ ନାହିଁ । ବ୍ରହ୍ମ ପୁରାଣ ମତରେ - ‘ଯୋ ରୁଦ୍ରଃ ସଃ ସ୍ୱୟଂବିଷ୍ଣୁଃ ସ ମହେଶ୍ୱରଃ, ଉଭୟୋ ରନ୍ତରଂ ନାସ୍ତି ପବନା କାଶୟୋରିବ’ ।

ଜଗନ୍ନାଥ କେବଳ ଗଣେଶ, ନାରାୟଣ ଓ ରୁଦ୍ର ନୁହଁନ୍ତି, ଜଗନ୍ନାଥ ମଧ୍ୟ ଦୁର୍ଗା ଅଟନ୍ତି । ମହାନିର୍ବାଣ ତନ୍ତ୍ର ପ୍ରମାଣ କରେ - ‘ତାରା ସାକ୍ଷାତ ଶୂଳପାଣିଃ ସୁଭଦ୍ରା ଭୁବନେଶ୍ୱରୀ, ନିଳାଦ୍ରୌ ତୁ ଜଗନ୍ନାଥଃ ସାକ୍ଷାତ ଦକ୍ଷିଣ କାଳିକା’ । ଏହା ବ୍ୟତୀତ ଜଗନ୍ନାଥଙ୍କୁ ଭାସ୍କର ଅର୍ଥାତ୍ ସୂର୍ଯ୍ୟ ରୂପେ ବିବେଚନା କରାଯାଇଛି । କାରଣ ଶ୍ରୀଜଗନ୍ନାଥଙ୍କର ଶ୍ରୀଅଙ୍ଗରେ ନବଗ୍ରହମାନଙ୍କର ଅବସ୍ଥାନ ପରିକଳ୍ପନା କରାଯାଇଛି ଏବଂ ଜଗନ୍ନାଥଙ୍କର ନେତ୍ରକୁ ସୂର୍ଯ୍ୟ ବା ଭାସ୍କର ରୂପେ ପରିକଳ୍ପିତ ହୋଇଛି । ଶାସ୍ତ୍ରରେ କୁହାଯାଇଛି - ଚନ୍ଦ୍ର, ସୂର୍ଯ୍ୟ ଯେ ବେନିନେତ୍ରେ, ମଙ୍ଗଳ ସ୍ଥିତି ନାଶା ଫୁଟେ । ଗୀତାରେ ନିଜର ସ୍ୱରୂପ ବ୍ୟକ୍ତକରି ଶ୍ରୀକୃଷ୍ଣ କହିଛନ୍ତି ‘ଆଦିତ୍ୟାନା ମହଂ ବିଷ୍ଣୁ ଜ୍ୟୋତିଷାଂ ରବି ରଂଶୁମାନ, ମରୀଚି ର୍ମରୁତା ମସ୍ମି ନକ୍ଷତ୍ରାଣାମହଂ ଶଶୀ’୧୦/୨୧ ଏହି ଶ୍ଳୋକରୁ ପ୍ରତ୍ୟୟମାନ ହୁଏ ଯେ ଉଜ୍ଜ୍ୱଳ ବସ୍ତୁମାନଙ୍କ ମଧ୍ୟରେ କିରଣମୟ ସୂର୍ଯ୍ୟ ଅଟନ୍ତି । ଏହା ବ୍ୟତୀତ ଦୀନକୃଷ୍ଣ ଦାସଙ୍କ କରଚିତ ରସକଲ୍ଲୋଳତ୍ତ କାବ୍ୟରେ ବର୍ଣ୍ଣିତ ଅଛି - କମ୍ବୁକଣ୍ଠେ କଉସ୍ତୁଭ ମଣି ନାୟକ, କଳୁଷ ଅନ୍ଧାରକୁ ଦିନ ନାୟକ । ଏହି ପରି ଭାବେ ଶ୍ରୀଜଗନ୍ନାଥଙ୍କୁ ପଞ୍ଚଦେବତାଙ୍କର ସମ୍ମିଳିତ ରୂପ ଭାବେ ଚିନ୍ତା କରାଯାଇଛି ଏବଂ ଶାସ୍ତ୍ରରେ କୁହାଯାଇଛି ‘ଜଗନ୍ନାଥଃ ସ୍ୱୟଂ ବିଷ୍ଣୁଃ ବଳଭଦ୍ରଃ ତ୍ରିଲୋଚନଃ, ଭଦ୍ରାଦେବୀ ପରା ସାକ୍ଷାତ ମାଧବୋ ଗଣଦୈବତଃ, ଚକ୍ରତେଜୋମୟଃ ସୂର୍ଯ୍ୟଃ ଯଜ୍ଞ ଦେବଂ ସ୍ୱରାମ୍ୟହମ୍’ । ଭକ୍ତ କବି ଜଗନ୍ନାଥ ଦାସଙ୍କ ଲିଖିତ ସତ୍ୟନାରାୟଣ ଭାଗବତ ପାଲା, ଜଗନ୍ନାଥଙ୍କର ସତ୍ୟନାରାୟଣ ସ୍ୱରୂପ ସ୍ପଷ୍ଟ ଭାବେ ପ୍ରମାଣିତ କରିଥାଏ । ଏହି ପାଲାରେ ଉଲ୍ଲେଖ ଅଛି - ‘ନମଇଁ ଗୋବିନ୍ଦ ଚରଣ-ଅନାଦି ପ୍ରଭୁ ନାରାୟଣ, ଭକ୍ତ ନିମନ୍ତେ ଜନ୍ମପାଉ-ଧରନ୍ତି ନାନା ରୂପେ ଦେହି ଦୁଷ୍ଟ ନିବାରୀ ସନ୍ଥପାଳି-ଭକତ ବନ୍ଧୁ ବନମାଳୀ, ନିଜ ଭୁବନେ ଅବଧାନ-ହୋଇଲା କଲି ଆଗମନ, ବଉଧ ରୂପେ ନରହରି-ବିଜୟ କଲେ ନୀଳଗିରି, ସେ କାଳେ ସତ୍ୟନାରାୟଣ-ହୋଇଲେ ପ୍ରଭୁ ଭଗବାନ ।’

ଶ୍ରୀ ଜଗନ୍ନାଥ ସବୁ ପ୍ରକାର ଦେବତା ଓ ମହର୍ଷିମାନଙ୍କର ଆଦିକାରଣ ହୋଇଥିବାରୁ ତାଙ୍କର ସ୍ୱରୂପକୁ ଦେବତା ଓ ମହର୍ଷି କେହିହେଲେ ଜାଣନ୍ତି ନାହିଁ । ଶ୍ରୀକୃଷ୍ଣ ରୂପରେ ଭଗବତ୍ ଗୀତାରେ କହିଛନ୍ତି ‘ନ ମେ ବିଦୁଃ ସୁରଗଣାଃ ପ୍ରଭବଃ ନ ମହର୍ଷୟଃ, ଅହମାଦିର୍ହି ଦେବାନାଂ ମହର୍ଷିଣାଂ ଚ ପୂର୍ବଶଃ’ ।୧୦୨। ଗୀତାର ବିଭୂତି ଯୋଗର ଏହି ବାଣୀ ଅନୁଯାୟୀ ଶ୍ରୀଜଗନ୍ନାଥ ସର୍ବ ଦେବତାମାନଙ୍କର ଆଧାର ହୋଇଥିବାରୁ ତାଙ୍କର ସତ୍ୟନାରାୟଣ ମହିମା ଯୁଗେ ଯୁଗେ ପାଲା ମାଧ୍ୟମରେ ପ୍ରଚାରିତ । ପ୍ରସାରିତ ହେଉଥାଏ ଏବଂ ଧରାବାସୀଙ୍କର କାମନା ପୂରଣ ସହ ସମସ୍ତ ପ୍ରକାର ଦୁଃଖ ସେହି ମହାପ୍ରଭୁଙ୍କ କରୁଣାରୁ ଦୂରୀଭୂତ ହେଉଥାଉ।

♥ ପୂର୍ବତନ ଡିଏଫ୍‌ଓ
(କେନ୍ଦୁଲିଫ୍) ଜୟପୁର ଡିଭିଜନ,
ମୋ : ୯୪୩୭୨୫୬୭୧୨୩

# ମହାପ୍ରଭୁଙ୍କ ଅନନ୍ୟ ଭକ୍ତ ହାଡିଦାସ

## ଡକ୍ଟର ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

ପିଆଦା ରାଜାଙ୍କ ଆଦେଶ ତତ୍କ୍ଷଣାତ ପାଳନ କଲା । ରାଜା ମଧ ଦରବାର ସାରି ଭୋଜନ କରିବାକୁ ଗଲେ । ଭୋଜନ କରିସାରି ବିଶ୍ରାମ ନେଉଥାନ୍ତି ହଠାତ୍ ତାଙ୍କର ପେଟ ଜୋରରେ ମୋଡିବାରୁ ସେ ଉଚ୍ଚସ୍ୱରରେ ଚିତ୍କାର କଲେ । ଉଆସରେ ବିଷାଦର ଛାୟା ଖେଳିଗଲା । ରାଜାଙ୍କର ମାତା ପୁଅର ଯନ୍ତ୍ରଣାରେ ବ୍ୟସ୍ତ ଓ ବିବ୍ରତ ହୋଇପଡିଲେ । ସେ ଅସ୍ଥିରତା ପାଇଁ ଘର ଓ ବାହାର ହେବାକୁ ଲାଗିଲେ । ଏହି ସମୟରେ ତାଙ୍କର ଆଖି ପଡିଗଲା ଖରାରେ ଛିଡା ହୋଇଥିବା ହାଡି ଦାସଙ୍କ ଉପରେ । ସେ ସେଠାକୁ ଆସି କାରଣ ପଚାରିବାରୁ ହାଡି ଦାସ ଉତ୍ତର ଦେଲେ, ଏହା ରାଜାଦେଶ । ହେଲେ ମୋତେ ଆଦୌ କଷ୍ଟ ହେଉନାହିଁ ବରଂ ତୁମେ ଭିତରକୁ ଯାଇ ପୁଅର କଥା ବୁଝ । ରାଜମାତା ପୂର୍ବରୁ ହାଡିଦାସଙ୍କୁ ଜାଣିଥିବାରୁ ସେ ପାଣିକୋଡଟିକୁ କାଢିଦେବା ସହ ହାଡିଙ୍କର ସେବାରେ ଲାଗିଗଲେ । କିଛି ସମୟ ମଧରେ ରାଜାଙ୍କର ପେଟମରା ମଧ ଭଲ ହୋଇଯିବାରୁ ରାଜା ହାଡିଙ୍କର ମହିମା ସମ୍ପର୍କରେ ମାତାଙ୍କଠାରୁ ଶୁଣି ହାଡିଙ୍କ ନିକଟରେ କ୍ଷମାପ୍ରାର୍ଥୀ ହେଲେ । ରାଜା ଯେହେତୁ ବ୍ରାହ୍ମଣମାନଙ୍କ ଅଭିଯୋଗ ଥିଲା ସେଥିପାଇଁ ହାଡି ଦାସଙ୍କୁ ନିଜ ନିର୍ଦ୍ଦୋଷତାର ପରିଚୟ ଦେବାକୁ ଅନୁରୋଧ କଲେ । ହାଡି ଦାସେ କହିଲେ, 'ମୁଁ ନିର୍ଦ୍ଦୋଷ ବୋଲି ମୁଁ କ'ଣ ପ୍ରମାଣ ଦେବି ? ସେ ସବୁ ଜଗତର ନାଥ ଜଗନ୍ନାଥ ମହାପ୍ରଭୁଙ୍କ ଇଚ୍ଛା, ମୁଁ ତାଙ୍କର ସେବକ ମାତ୍ର ।'

> ଯାଜପୁରର ଛତିଆ ନିକଟବର୍ତ୍ତୀ ଚମ୍ପାପୁର ଗ୍ରାମରେ ୧୭୭୨/ ୧୭୮୫ ଖ୍ରୀ.ରେ ଚମ୍ପେଇ ଓଝା ଏବଂ ମାତା ଦେବକୀଙ୍କ ଗର୍ଭରୁ କମାର କୁଳରେ ମକର ସଂକ୍ରାନ୍ତି ଦିନ ଭୂମିଷ୍ଠ ହୁଅନ୍ତି ହାଡିଦାସ । ପାଠ ପଢିବାର ସୁଯୋଗ ତାଙ୍କୁ ମିଳି ନଥିଲା, କେବଳ ଅକ୍ଷର ପରିଚୟ ଛଡା । ଈଶ୍ୱରଙ୍କ ଆଶୀର୍ବାଦରୁ ତାଙ୍କ ନିକଟରେ କବିତ୍ୱର ସ୍ଫୁରଣ ହେଲା ।

ପ୍ରତୀକ୍ଷିତ ସନ୍ଧ୍ୟା ଆସିଲା । ରାଜଦରବାର ଲୋକାରଣ୍ୟ ହୋଇପଡିଲା । ସମସ୍ତଙ୍କ ମନର ଉତ୍କଣ୍ଠା ହାଡି ଦାସ କି ଉତ୍ତର ଦେବେ ବ୍ରାହ୍ମଣମାନଙ୍କ ଅଭିଯୋଗର । ବିଚାରକ ନିଜେ ରାଜା ଗୁଲୁଜାର ହୋସେନ । ରାଜା ହାଡି ଦାସଙ୍କୁ ପଚାରିଲେ "ବ୍ରାହ୍ମଣମାନଙ୍କ ଅଭିଯୋଗ, ଆପଣ ଜାତିଭେଦ ମାନୁନାହାନ୍ତି, ସମସ୍ତଙ୍କ ସହିତ ପାନ-ଭୋଜନ କରୁଛନ୍ତି । ଆପଣଙ୍କ ସହ ବ୍ରାହ୍ମଣଙ୍କ ସହ ସମସ୍ତ ଜାତିର ଲୋକେ ବାସ କରୁଛନ୍ତି ଫଳରେ ହିନ୍ଦୁଧର୍ମ କଳୁଷିତହେଉଛି; ଏ ସମ୍ପର୍କରେ ଆପଣଙ୍କର କିଛି କହିବାର ଅଛି କି ? ହାଡି ଦାସ ଉତ୍ତର ଦେଲେ ମଣିମା ! ଆପଣ କହୁଥିବା ସମସ୍ତ କଥା ସତ୍ୟ ଅଟେ । ମୁଁ ବିଭିନ୍ନ ଜାତିର ଭକ୍ତମାନଙ୍କ ସହ ମିଶି ଭଗବାନଙ୍କ ନାମ କୀର୍ତ୍ତନ କରୁ ଏବଂ ଭଜନାନ୍ତେ ଜଗନ୍ନାଥଙ୍କୁ ପ୍ରସାଦ ସମର୍ପଣ ପୂର୍ବକ ଗ୍ରହଣ କରିଥାଉ । ଏଥିରେ ଦୋଷ କ'ଣ ମୁଁ ଜାଣିପାରୁନାହିଁ । ଭଗବାନଙ୍କୁ ଅର୍ପିତ ସାମଗ୍ରୀ ମହାପ୍ରସାଦ ହୋଇଯାଏ ଯାହାକୁ ପାଇବାରେ ଜାତିଭେଦ ନଥାଏ । ଏଣୁ ଜଗନ୍ନାଥଙ୍କୁ ଅର୍ପିତ ମହାପ୍ରସାଦ ପାଇବାରେ ଦୋଷ କଣ ରହିଲା । ମହାପ୍ରସାଦ ଭୋଜନରେ ଜାତି ନଥାଏ ବୋଲି ଆପଣ ଏବଂ ବ୍ରାହ୍ମଣ ଗୋସେଇଁମାନେ ଭଲଭାବେ ଅବଗତ ଅଛନ୍ତି । " ତହୁଁ ରାଜା ବ୍ରାହ୍ମଣମାନଙ୍କୁ ଏହାର ଜବାବ ରଖିବାକୁ କହିବାରୁ ଜଣେ ବ୍ରାହ୍ମଣ ପୁରୀରେ ଜଗନ୍ନାଥଙ୍କୁ ଅର୍ପିତ କୈବଲ୍ୟ ପାଇବାରେ ଜାତିଭେଦ ନାହିଁ ସତ ହେଲେ ଅନ୍ୟତ୍ର ତାହା ମହାପ୍ରସାଦ ହୁଏ ନାହିଁ । ଏଣୁ ହାଡିଦାସେ ଦେଉଥିବା ବକ୍ତବ୍ୟ ଭ୍ରମାତ୍ମକ ଅଟେ । ରାଜା ପୁନର୍ବାର ଦାସେଙ୍କୁ କହିଲେ ଏଥିରେ ଆପଣଙ୍କର କିଛି କହିବାର ଅଛି ? ହାଡି ଦାସ ଉତ୍ତର ଦେଲେ ଆଜ୍ଞା, ଆମେ ପ୍ରତ୍ୟେକ ଦିନ ମହାପ୍ରସାଦ ହିଁ ପାଇଥାଉ । ଏହା ବ୍ୟତୀତ ଆମେ ଅନ୍ୟ କିଛି ଗ୍ରହଣ କରୁନା । ବ୍ରାହ୍ମଣମାନେ ବିରୋଧ କରିବା ସହ ପ୍ରମାଣ ମାଗନ୍ତେ ରାଜା ମଧ ମହାପ୍ରସାଦ ପାଉଥିବା କଥାକୁ ପ୍ରମାଣିତ କରିବାକୁ ଆହ୍ୱାନ ଦେଲେ ।

ହାଡି ଦାସ ନିର୍ବିକାର ଚିତ୍ତରେ ଦୃଢ ଆଧ୍ୟାତ୍ମିକ ଶକ୍ତି ବଳରେ ପ୍ରମାଣ ଦେବାକୁ ରାଜି ହୋଇଯାଇ ନିଜ ଝୁଲାରୁ ଏକ କାଠବାସନ ଖୋଲି ଉପରକୁ ଟୋଳି ଧରି ଆତ୍ୟନ୍ତିକ ଭକ୍ତି ସହକାରେ ନିଜର ଆରାଧ୍ୟ ଜଗନ୍ନାଥଙ୍କୁ ଡାକଦେଲେ, "ହେ ଭାବଗ୍ରାହୀ ! ଏ ପରୀକ୍ଷା ମୋର ନୁହଁ, ଏହା ଆପଣଙ୍କର । ଯୁଗେ ଯୁଗେ ଭକ୍ତର ମନବାଞ୍ଛା ପରିପୂର୍ଣ୍ଣ କରନ୍ତି ଆପଣ, ଭକ୍ତ ପାଇଁ କେତେ ପରୀକ୍ଷା ଦେଇଛନ୍ତି ଆପଣ; ଆଜି ମଧ ଏ ଭକ୍ତ ପାଇଁ ଆପଣ ପରୀକ୍ଷା ଦିଅନ୍ତୁ କହି ଶୂନ୍ୟକୁ ସେହି କାଷ୍ଠପାତ୍ରକୁ ଟେକି ଧରିଲେ ।" ଏ କ'ଣ ? ଶୂନ୍ୟ ବାସନ ଯେ ମହାପ୍ରସାଦରେ ପରିପୂର୍ଣ୍ଣ । ମହାପ୍ରସାଦର ସ୍ୱର୍ଗୀୟ ମହକରେ ସେ ସ୍ଥାନ ମହକି ଉଠୁଛି । ହାଡି ଦାସେ ବ୍ରାହ୍ମଣମାନଙ୍କୁ ମହାପ୍ରସାଦ ବଣ୍ଟନ କଲେ ମାତ୍ର ଭୟ ବଶତଃ ସେମାନେ ତାହା ଗ୍ରହଣ କଲେନାହିଁ । ରାଜା ନିର୍ଦ୍ଦେଶ ଦେଲେ ଦାସେ ତାଙ୍କ ପରୀକ୍ଷାରେ ଉତ୍ତୀର୍ଣ୍ଣ; ଏଣୁ ଆପଣମାନେ ମହାପ୍ରସାଦ ଅବମାନନା କରିପାରିବେ ନାହିଁ । ବାଧ ଶିଶୁଭଳି ବ୍ରାହ୍ମଣମାନେ ହାଡି ଦାସଙ୍କଠାରୁ ମହାପ୍ରସାଦ ଗ୍ରହଣ କଲେ । ରାଜା ଗୁଲଜାର ହାଡି ଦାସଙ୍କ ସିଦ୍ଧିରେ ପ୍ରଭାବିତ ହୋଇ କିଛି ଦାନ କରିବାକୁ ଚାହିଁଲେ ମାତ୍ର ହାଡି ଦାସ ତାହା ଗ୍ରହଣ ନକରିବାରୁ ରାଜା ଅନୁନୟ ବିନୟ ଭାବରେ କିଛି ଦାନ କରିବାକୁ ଚାହୁଁଥିବା କଥା କହିବାରୁ ହାଡି ଦାସ ପାହାଡ ଉପରେ ତାଙ୍କ ସାଧନା ପୀଠ ସେହି ବରଗଛ ସଂଲଗ୍ନ ସାତଗୁଣ୍ଠ ଜମିକୁ ଦେବାକୁ କହିଲେ । ରାଜା ତତ୍କ୍ଷଣାତ୍ ତାହା ନିଷ୍କର ସତ୍ତ୍ୱ ଭାବରେ ହାଡି ଦାସଙ୍କୁ ପ୍ରଦାନ କଲେ ଯାହା ଆଜି ପ୍ରସିଦ୍ଧ ଛତିଆ ବଟ ଭାବରେ ବିଶ୍ୱ ବିଖ୍ୟାତ ।

ଏହି ଘଟଣାପରେ ହାଡି ଦାସଙ୍କ ମହିମା ଚତୁର୍ଦ୍ଦିଗରେ ବ୍ୟାପିଗଲା । ବହୁ ସ୍ଥାନରୁ ଭକ୍ତମାନେ ସେଠାକୁ ଆସିବାକୁ ଲାଗିଲେ ନିଜ ନିଜର ମନସ୍କାମନା ନେଇ । ଦିନେ ଛତିଆର ନୀଳାଦ୍ରି ନନ୍ଦଙ୍କ ପରିବାର ଶ୍ରୀକ୍ଷେତ୍ର ଯିବାକୁ ପ୍ରସ୍ତୁତ ହେଇଥାଆନ୍ତି । ହାଡି ଦାସଙ୍କ ମାତା ଦେବକୀ ଶୁଣି ପୁଅକୁ ଶ୍ରୀକ୍ଷେତ୍ର ଯିବାକୁ କହିବାରୁ ଦାସେ ହଁ ଭରିଲେ । କହିଲେ ତୋ ବୋହୂକୁ କହିଦେ କିଛି ଚାଉଳ ଛତୁଆ ପ୍ରସ୍ତୁତ କରିଦେଉ, ଗଲାବେଳେ ତାହା ନେଇକରିଯିବୁ, ଭୋକ ଲାଗିଲେ ଖାଇବୁ । ମାତା ଦେବକୀ ଖୁସି ହୋଇଗଲେ । ତହିଁ ପରଦିନ ଯିବାର ଦିନ ସ୍ଥିର ହୋଇଥିବାରୁ ସେ ଝଅଟ କାମ ସାରି ବାହାରିବାକୁ ଯାଉଛନ୍ତି ହାଡି ଦାସ କହିଲେ ତୁ ଠାକୁରଘର ଗୋମୟରେ ପରିଷ୍କାର କରି ତିନୋଟି ପିଢା ପକାଇ ଦେଇ ଯିବୁ । ବୁଢୀ ଗାଧୋଇପାଧୋଇ ଆସି ଠାକୁରଘର ଖୋଲି ଦେଇ ଆଶ୍ଚର୍ଯ୍ୟଚକିତ ହୋଇ ଚାହିଁ ରହିଲେ । ଏ କ'ଣ ଦେଖୁଛନ୍ତି ସେ ! ଠାକୁର ଘରେ ସାକ୍ଷାତ୍ ରତ୍ନସିଂହାସନ ଉପରେ ତିନି ଠାକୁର ବିରାଜମାନ କରିଛନ୍ତି । ନନ୍ଦଘର ବୁଢୀ ଡାକିବାକୁ ଆସି ଏ ଦୃଶ୍ୟ ଦେଖି ଆତ୍ମବିଭୋର । ବୁଢୀ ଦେବକୀଙ୍କ କଣ୍ଠରୁ କଥା ବାହାରିଲାନି । ସେ ପ୍ରଣିପାତ ପୂର୍ବକ କହିଲେ ହେ କାଳିଆ ସାଆନ୍ତ ! ମୋତେ ତ ଦର୍ଶନ ଦେଲ କିନ୍ତୁ ହାଡିଆକୁ ଦେବନି । ଏତିକି ବେଳେ ହାଡି ଦାସ ସେଠାରେ ପହଞ୍ଚି କହିଲେ ବୋଉ ! ଏଠାରେ ହେବ ନୂତନ ନୀଳାଞ୍ଚଳ । ଏହାକୁ ପ୍ରତିଷ୍ଠା କରିବେ ସ୍ୱୟଂ ଜଗନ୍ନାଥ । ଛତିଆ ବଟ ହେବ ନିତ୍ୟନୂତନ ଗୋଲକ ବୈକୁଣ୍ଠ । ତେବେ ଯାଇ ମୋର ମନସ୍କାମନା ପୂର୍ଣ୍ଣ ହେବ ।

ବହୁ ଅଲୌକିକ ସିଦ୍ଧିର ଅଧିକାରୀ ଏହି ମହାନ ସାଧକ ୧୮୪୨/୧୮୪୫ ମସିହା ମାର୍ଗଶୀର ମାସ ତ୍ରୟୋଦଶୀ ଦିନ ମାତ୍ର ଷାଠିଏ ବର୍ଷ ବୟସରେ ସାଧନାପୀଠ ଛତିଆରେ ଧ୍ୟାନେଯାଗରେ ନିବିଷ୍ଟ ରହି ପୂର୍ଣ୍ଣିମା ଦିନ ଇଚ୍ଛାମୃତ୍ୟୁକୁ ବରଣ କରିଥିଲେ । ଏ ପର୍ଯ୍ୟନ୍ତ ତାଙ୍କର ସମାଧି ସ୍ଥଳ ସେଠାରେ ବିଦ୍ୟମାନ । (ସମାପ୍ତ)

❤ ଗୌଡଗାଁ, କପ୍ତିପଦା, ମୟୂରଭଞ୍ଜ
ମୋ- ୮୭୫୮୫୦୫୯୭୮

# ସ୍ମୃତି ଶତଦଳ

## ପ୍ରଭୁଙ୍କ ଅସଂପୂର୍ଣ୍ଣ ଶରୀର



ଡା. ସରୋଜିନୀ ଷଡଙ୍ଗୀ
❤ ଲିଙ୍କ୍‌ରୋଡ଼, କଟକ-୧୨
(ମୋ) -୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ମନୁଷ୍ୟ ଜନ୍ମ ହେଉଛି ଶ୍ରେଷ୍ଠ ଜନ୍ମ, ଯୁଗେ ଯୁଗେ ଦେବତାମାନେ ପୃଥିବୀରେ ମନୁଷ୍ୟ ଜନ୍ମ ପାଇବାକୁ ଇଚ୍ଛା କରିଥାନ୍ତି ଏବଂ ଯାବତୀୟ ଦୁଃଖ କଷ୍ଟ ସହି ମାନବୀୟ ଲୀଳାଖେଳା କରି ଏ ପୃଥିବୀରୁ ବିଦାୟ ନେଇଥାନ୍ତି । ତେଣୁ ଠାକୁରଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ, ଠାକୁର ଶ୍ରୀ ଶ୍ରୀ ନୀଳାଂଜନ, କୋଟି କୈବଲ୍ୟନାଥ ଶ୍ରୀ ଶ୍ରୀ ଜଗନ୍ନାଥ ବା' ସେଥିରୁ ବାଦ୍ ଯିବେ କେମିତି ?

ଜନ୍ମ ଆଗରୁ ହିଁ ଆରମ୍ଭ ହୋଇଥାଏ ତାଙ୍କ ଯାତ୍ରା । ସହସ୍ର ଅଶ୍ୱମେଧ ଯଜ୍ଞ ପରେ ବାଙ୍କୀ ମୁହାଣରେ ଆର୍ବିଭାବ ଘଟେ ଭାସମାନ ଦାରୁଖଣ୍ଡ । ସେଥିରେ ପୁଣି ନିଜେ ବିଶ୍ୱକର୍ମା ବୃଦ୍ଧ ବର୍ଦ୍ଧକୀ ହୋଇ ଗଢିଥାଆନ୍ତି ଦାରୁବ୍ରହ୍ମଙ୍କର ଶରୀର । ତାଙ୍କରି ଇଚ୍ଛାମତେ ହିଁ ଅସଂପୂର୍ଣ୍ଣ ହୋଇଥାଏ ତାଙ୍କ ଶରୀର । ଯେତେବେଳେ ବର୍ଦ୍ଧକୀଙ୍କର ଠକ୍ ଠକ୍ ଶବ୍ଦ ଆଉ ଶୁଣାଯାଇ ନଥିଲା ରାଣୀ ଗୁଣ୍ଡିଚାଙ୍କର ଅଧୈର୍ଯ୍ୟପଣ ଯୋଗୁଁ ସମୟ ଆଗରୁ କବାଟ ଖୋଲିଦିଆଗଲା । ବୃଦ୍ଧ ବର୍ଦ୍ଧକୀ ତ' ଅନ୍ତର୍ଦ୍ଧାନ ହୋଇ ଯାଇଥିଲେ, ପ୍ରଭୁମାନେ ମିଳିଲେ ଅସଂପୂର୍ଣ୍ଣ ଅବସ୍ଥାରେ । ଏହା ଆଗରୁ ସ୍ଥିରୀକୃତ ହୋଇସାରିଥିଲା ଯେ କଳିଯୁଗରେ ପ୍ରତିମାମାନଙ୍କର ଗୋଡ କି ହାତ ନଥିବ, ଆଖିରେ ପଲକ ନଥିବ ଏମିତି ଭାବରେ ଏବଂ ଦାରୁବ୍ରହ୍ମ ଭାବରେ ସେ ପୂଜା ପାଇବେ । କଥାରେ ଅଛି, ଯେତେବେଳେ ରାମାୟଣରେ କିଷ୍କିନ୍ଧ୍ୟା କାଣ୍ଡରେ ବାଳୀ ଓ ସୁଗ୍ରୀବଙ୍କର ଯୁଦ୍ଧ ସମୟରେ ପ୍ରଭୁ ରାମଚନ୍ଦ୍ର ନିମ୍ବଗଛ ପଛପଟେ ଆତ୍ମ ଗୋପନ କରି ବାଳୀଙ୍କୁ ହତ୍ୟାକଲେ, ସେତେବେଳେ ମୃତ୍ୟୁଶଯ୍ୟାରେ ଶୋଇ ରାଜା ବାଳୀ ଶ୍ରୀ ରାମଚନ୍ଦ୍ରଙ୍କୁ କିଛି କହିବାକୁ ଅନୁରୋଧ କଲେ । ଶ୍ରୀରାମଚନ୍ଦ୍ରଙ୍କୁ ପାଖରେ ଦେଖି ବାଳୀ କହିଲେ ହେପ୍ରଭୁ ! ମୁଁ ଆପଣଙ୍କର ପରମ ଭକ୍ତ କିନ୍ତୁ ଏ ଯୁଦ୍ଧ ଆମ ଦୁଇଭାଇଙ୍କ ଭିତରେ ହେଉଥିଲା । ଆପଣ ଅନ୍ୟାୟରେ ମତେ ଧନୁଶର ମାରି ହତ୍ୟା କଲେ । ଏ ଅନ୍ୟାୟ ପାଇଁ ଆପଣ ଯେଉଁ ହାତରେ ମତେ ଧନୁଶର ମାରି ହତ୍ୟା କରିଛନ୍ତି ସେ ହାତ ଓ ପାପୁଲି ଆପଣଙ୍କର ଆରଜନ୍ମକୁ ନଥିବ । ପ୍ରଭୁ ଭକ୍ତ ବତ୍ସଳ , ଗୋଟିଏ ଶବ୍ଦ ସେ କହିଥିଲେ - ହେତଥାସ୍ତୁ', ସେଥିପାଇଁ କଳିଯୁଗରେ ପ୍ରଭୁ ଜଗନ୍ନାଥଙ୍କର ହାତ ଓ ପାଦ ନାହିଁ । ପୁଣିଥିରେ ବାଳୀ କହିଥିଲେ-ପ୍ରଭୁ , ମୋ ରାଜ୍ୟରେ ଥିବା ସମସ୍ତ ପ୍ରଜାବୃନ୍ଦ ଏବଂ ଗଛଲତା ମଧ୍ୟ ଖୁସିରେ ଜୀବନ ନିର୍ବାହ କରୁଛନ୍ତି, କିନ୍ତୁ ମୋରି ରାଜ୍ୟରେ ନିମ୍ବବୃକ୍ଷ ପଛପଟେ ଆତ୍ମଗୋପନ କରି ଆପଣ ହତ୍ୟାକଲେ ସେଥିପାଇଁ ମୁଁ ଅଭିଶାପ ଦେଉଛି ନିମ୍ବବୃକ୍ଷର ମୂଳଠାରୁ ଅଗଯାଏଁ ସବୁ ଡାଳପତ୍ର, ଫୁଲ ପିତା ହୋଇଯିବ ଏବଂ ସମସ୍ତେ ଏହାକୁ ପରିତ୍ୟାଗ କରିବେ । ନିମ୍ବଗଛ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ଚରଣରେ ଶରଣ ପଶିଲେ । ପ୍ରଭୁ କହିଲେ ବାଳୀଙ୍କର ଅଭିଶାପ ତନ୍ତ ନିଶ୍ଚୟ ଫଳିବ, ତେବେ କଳିଯୁଗରେ ତୁମରି ନିମ୍ବଦାରୁରେ ମୋର ଦାରବ ମୂର୍ତ୍ତି ହେବ ଏବଂ ଶରୀର ଗଢା ହେବ ଏବଂ ଚତୁର୍ଦ୍ଧା ମୂର୍ତ୍ତି ଅସଂପୂର୍ଣ୍ଣ ଦାରୁବହ୍ମ ହୋଇ ପୂଜା ପାଇବେ ।'

> ଶ୍ରୀମନ୍ଦିରରେ ଐଶ୍ୱର୍ଯ୍ୟ ଲୀଳାରେ ଥିଲେ ପ୍ରଭୁ କିନ୍ତୁ ଯେତେବେଳେ ସେଠାରୁ ଓହ୍ଲାଇ ଆସି ଗୁଣ୍ଡିଚା ମନ୍ଦିର ଯିବାପାଇଁ ରଥରେ ଆସୀନ ହେଲେ, ରଥର ସନ୍ଧିନୀ ଶକ୍ତ ସହ ସଂଯୁକ୍ତ ହୋଇ ପାଲଟିଗଲେ ଔଦାର୍ଯ୍ୟ ଓ ପାବନୀ ଶକ୍ତିର ଅବତାର । ତାଙ୍କର ଦର୍ଶନ ହିଁ ସମସ୍ତଙ୍କୁ ସାଯୁଜ୍ୟ ମୁକ୍ତି ପ୍ରଦାନ କରେ ।

ସେଇ ମାଦଳା ଦିଅଁ ମାନଙ୍କୁ ଦେଖି ଝରଝର କାନ୍ଦି ପକାଇଲେ ରାଜା ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚା । ଦୁଇ ହାତଯୋଡି ପ୍ରଭୁଙ୍କୁ କହିଲେ ହେ ଆମର ଅଧୈର୍ଯ୍ୟ ପଣିଆ ଯୋଗୁଁ ଏ କଷ୍ଟ ଆପଣ ପାଇଲେ ଓ ଅସଂପୂର୍ଣ୍ଣ ମାଦଳା ଦିଅଁ ହୋଇ ରହିଲେ । ପ୍ରଭୁ ସଙ୍ଗେ ସଙ୍ଗେ କହିଲେ 'କାନ୍ଦ ନାହିଁ ବତ୍ସ ମୁଁ ନିଜେ ହିଁ ବିଶ୍ୱକର୍ମା ପାଲଟି ମୋର ଅବୟବକୁ ଗଢିଛି ଏବଂ ମୋର କାରୁଣ୍ୟକୁ ମୋର ଆନନ୍ଦକୁ ମୋର କ୍ଳେଶକୁ, ଶୃଙ୍ଗାର ମାଧୁରୀକୁ ମୋର ସର୍ବମୟତାକୁ ଓ ନରନାରାୟଣଙ୍କର ଅତୁଟ ସଂପର୍କକୁ ଏମିତି କପଟ ଅବୟବରେ ବାନ୍ଧି ରଖିଛି ଯେ, ଏପର୍ଯ୍ୟନ୍ତ ଅନେକ ମହାମନୀଷୀ ମାନେ ମଧ୍ୟ ତାକୁ ଛୁଇଁ ପାରିନାହାନ୍ତି ।'

ମୋର ଅସଂପୂର୍ଣ୍ଣ ଶରୀର ସ୍ୱୟଂକୃତ ଓ ଆଗରୁ ସ୍ଥିରୀକୃତ । ତେବେ ମୋର ଅଧା ହାତ ଓ ଗୋଡକୁ ମହଣ ମହଣ ଫୁଲ, ଭାର ଭାର ତୁଳସୀ ଓ କେରି କେରି ଦୟଣାମାଳିରେ ସଜାଇ ଦେବୁନି ବତ୍ସ ? ତେବେ ଯାଇଁ ମୋର ଭୁଜ ଓ ପୟର ସଂପୂର୍ଣ୍ଣ ଦିଶିବ । ପୁଣି ଥରେ ମାଦଳ ଦିଅଁଙ୍କୁ ଦେଖି ଇନ୍ଦ୍ରଦ୍ୟୁମ୍ନ କାନ୍ଦି ପକାଇଲେ କହିଲେ ହେଗୋଟିଏ ଦିନରେ ମଉଳଣ ପଡି ଯାଉଥିବା ଏ ଫୁଲ, ତୁଳସୀ ଓ ଦୟଣାର ମାଳ ତୁମକୁ କି ସାମର୍ଥ୍ୟ ଦେବ ପ୍ରଭୁ ! ଅବଶ୍ୟ ମୋର ବଂଶଧରମାନେ ତୁମ ହାତ ଓ ଗୋଡ ରେ ସୁନାର ଶ୍ରୀଭୁଜ ଓ ସୁନାର ଶ୍ରୀପୟର ଖଂଜି ଦେବେ । ମହଣ ମହଣ ସୁନା ପିନ୍ଧି ତୁମେ ବଡ ତଡାଉ ବେଶ ବା' ଐଶ୍ୱର୍ଯ୍ୟମୟ ବେଶରେ ଚମତ୍କାର ଦିଶିବ ପ୍ରଭୁ !'

ତେଣୁ ପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥ ଶ୍ରୀ ଗୁଣ୍ଡିଚା ଯାତ୍ରାରେ ଓହ୍ଲାଇ ଆସନ୍ତି ରଥ ଉପରକୁ ଏବଂ ଲକ୍ଷ ଲକ୍ଷ ଭକ୍ତଙ୍କୁ ଦର୍ଶନ ଦେଇ ମୁକ୍ତି ପ୍ରଦାନ କରିଥାନ୍ତି । ସର୍ବଧର୍ମ ସମନ୍ୱୟର ଦେବତା ଶ୍ରୀ ତ୍ରୈଲୋକ୍ୟନାଥ କେବଳ ଯେ' ମଣିଷମାନଙ୍କୁ ଦର୍ଶନ ଦେଇ ଥାନ୍ତି ସେକଥା ନୁହେଁ ଦେବତା ଯକ୍ଷ, ଗନ୍ଧର୍ବ, କିନ୍ନରଙ୍କ ସାଙ୍ଗରେ ଅଶରୀରୀ ମାନେ ମଧ୍ୟ ଦର୍ଶନ କରି ମୁକ୍ତି ପାଇଁ ଆକୁଳ ମିନତି କରିଥାନ୍ତି । ଠାକୁର ବାହୁଡା ଯାତ୍ରାରେ ବଡଦାଣ୍ଡରେ ଫେରିଲାପରେ ରଥ ଉପରେ ସୁନାବେଶ ହୁଅନ୍ତି ଏବଂ ତା' ପରଦିନ ଅଶରୀରୀ ମାନଙ୍କର ତୃପ୍ତିପାଇଁ ଅଧର ପଣା ଭୋଗ ଦେଇଥାନ୍ତି ଏବଂ ସବା ଶେଷରେ ନିଳାଦ୍ରୀ ବିଜେ କରିଥାନ୍ତି । ଆଡପ ଅବଢା ପରେ ନୀଳାଚଳ ଅବଢାର ଅୟମାରଂଭ ହୋଇଥାଏ । କାନ ନଥାଇ ଯେ, ନାଦ କର୍ଣ୍ଣ, ପାଦ ନଥାଇ ଯେ ପଦ୍ମପାଦ, ବାହୁ ନଥାଇ ଯେ, ବଳିଆର ଭୁଜ, ସେଭଳି ପ୍ରଭୁ ଆଉ କାହାନ୍ତି ? ଜଗନ୍ନାଥ ଭଳି ଜଣେ ସାମନ୍ତ ନାହିଁ , ନାହିଁ ତ !

(କ୍ରମଶଃ)

# ଧାରାବାହିକ ଅନୁବାଦ ଉପନ୍ୟାସ-(୨୮)

## ମାଆ



ମୂଳ ମରାଠୀ :
ଉତ୍ତମ କାମ୍ବଲେ





ଅନୁସୃଜନ:
ନନ୍ଦିତା ମହାନ୍ତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

ମାଆକୁ ନିଜର ମାଆ ବୋଲି ଭାବି ସଂଜୟକୁମାର ଏସବୁ କହୁଥିଲା । ଚିକିତ୍ସା ବିଷୟରେ ବି ଚିନ୍ତା କରୁଥିଲା । ତାର ସନ୍ଦେହ ଠିକ୍ ଥିଲା । ପିଲାମାନଙ୍କୁ ଟିବି ନ ହେଉ ଏକଥା ସବୁ ମାଆ ଚାହିଁବେ । ଯାହାହେଲେ ବି ମୋର ପତ୍ନୀ ବି ଜଣେ ମାଆ ତା' ଭିତରେ ଥିବା ତାର ମାତୃତ୍ୱ ନିଷ୍ଚେ ପ୍ରଭାବଶାଳୀ ହେବ । ଏବେ ଜଣେ ଦୟାଳୁ ନାରୀ ପ୍ରଭାବଶାଳୀ ହେବ ନା ତା' ଭିତରେ ଥିବା ମଣିଷପଣିଆର ଉଦ୍ରେକ ହେବ, ସେ ବିଷୟରେ କୌଣସି ଅନ୍ଦାଜ ଲଗେଇବା କଷ୍ଟକର ହେଉଥିଲା । କାଲି ମାଆଙ୍କର ସୋନୋଗ୍ରାଫି କରିବା, ଏତିକି କହି ସାରି ସଂଜୟକୁମାର ଫେରିଗଲା । ମୁଁ ଚରମ ବ୍ୟସ୍ତତା ଅନୁଭବ କରୁଥିଲି । ମନକୁସ୍ଥିର କରିବା ପାଇଁ ବଗିରେ କାମ କରିବାକୁ ଲାଗିଲି । କାମ ବି କଣ ? ଝଡ଼ି ପଡ଼ିଥିବା ପତ୍ର ସବୁକୁ ଏକାଠି କରି ଅଳିଆଝୁଡ଼ିରେ ପକେଇବା, କାଠି ପୋତି ତା' ସହିତ ଗଛକୁ ବାନ୍ଧିଦେବା, ଗୋଲାପର କଢ଼ିକୁ ଦେଖବା, କାଲି ସେଇଟି କିପରି ଫୁଲରେ ପରିଣତ ହେବ ସେଇ କଥା କଳ୍ପନା କରିବା । କଢ଼କୁ ଫୁଲରେ ପରିଣତ ହେଉଥିବାର ପରମ ଦୃଶ୍ୟକୁ ନିଜ ଆଖିରେ ଦେଖିବାପାଇଁ ଅନେକ ଥର ଇଚ୍ଛା ହୋଇଛି । ହେଲେ ସେମିତି ହୋଇପାରିନି କେବେ । କଢ଼ଟିଏ ନିଜର ନିର୍ଦ୍ଧାରିତ ସମୟ ଅନୁସାରେ ହିଁ ଫୁଲରେ ପରିଣତ ହୁଏ । ସେଇ ପରମ ମୁହୂର୍ତ୍ତ ବା ସମୟକୁ ମୁଁ ଧରି ପାରିଲିନି । ମୋର ନିଜର ଏକ ଟାଇମ୍ ସିଡ୍ୟୁଲ ଥିଲା । ମୋର ଧାରଣା ହୋଇଯାଇଥିଲା ଯେ ଗଛଟିଏ ବଡ଼ ହେବାପାଇଁ ଅନେକ ସମୟ ଲାଗିଥାଏ । ହେଲେ ବି ତା'ର ଗତି ଯେ ପୂର୍ବ ନିର୍ଦ୍ଧାରିତ ହୋଇଥାଏ,ସେକଥା ମୁଁ ବୁଝିପାରି ନଥିଲି ଆଜି ଯାଏଁ ।

ଗୋଟେ ପଟେ ମୁଁ ମାଆ ବିଷୟରେ ଚିନ୍ତା କରୁଥିଲି । ତାକୁ ଟି.ବି ସାନିଟୋରିଅମ୍ ବା ବୃଦ୍ଧାଶ୍ରମରେ ରଖିବା ଉଚିତ କି ? ଯେମିତି ଏପରି ଏକ ପ୍ରଶ୍ନ ମୋ ମୁଣ୍ଡରେ ଉଙ୍କିମାରିଲା ମୁଁ ତୁରନ୍ତ ତାର ଗଳାରୁଦ୍ଧ କରିଦେଲି । କେତେ ଭୟଙ୍କର ପ୍ରଶ୍ନ ଥିଲା ଇଏ ? ମୋର ହୃଦୟର ଗତି ବଢ଼ିଯାଇଥିଲା । ମୁଁ ଅନେକ ବୃଦ୍ଧାଶ୍ରମକୁ ଯାଇଥିଲି । ସେଠାରେ ରହୁଥିବା ଅନେକ ବୟସ୍କମାନଙ୍କ ସହିତ ମିଶି କଥାବାର୍ତ୍ତା କରି ସେମାନଙ୍କର ହୃଦୟର କ୍ଷତକୁ ଦେଖିଥିଲି । ସେଥିରୁ ଅନବରତ ବୋହି ଚାଲିଥିବା ରୁଧିରକୁ ଦେଖି ମର୍ମାହତ ହୋଇଥିଲି । ସେମାନଙ୍କର ଶୂନ୍ୟ ଦୃଷ୍ଟି ପଛର ଯନ୍ତ୍ରଣାକୁ ହୃଦୟଙ୍ଗମ କରିଥିଲି । ପ୍ରତିଦିନ ସେମାନଙ୍କର ପେଟ ପାଇଁ ଯେ କେବଳ ରୁଟି ଦରକାର, ଏପରି କେବେ ଲାଗି ନ ଥିଲା ମୋତେ । ପ୍ରକୃତ ଭୋକ ଥିଲା ସେମାନଙ୍କ ମନରେ । ତାଙ୍କର ପିଲାମାନେ... ନାତି-ନାତୁଣୀ, ଆଉ ଯେଉଁ ସଂସାରକୁ ନିଜର ରକ୍ତ ଶୋଷିତ ଦେଇ ସେମାନେ ନିଜେ ସାକାର କରିଥିଲେ !

ମାଆକୁ ଘରୁ ଫୋପାଡ଼ି ଦେବାର କଳ୍ପନା ଥିଲା ଅତ୍ୟନ୍ତ ବିଷାକ୍ତ, ସେମିତି ମୋତେ ଲାଗିଲା । ଏମିତି ଭାବୁ ଭାବୁ ମୁଁ ରାମଫଳ (ଆତପରି ଏକ ଫଳ)ର ନଇଁ ପଡ଼ିଥିବା ଡାଳର ଝଡି ପଡ଼ିବାକୁ ଥିବା ପତ୍ରକୁ ଛିଣ୍ଡେଇ ଦେବାପାଇଁ ହାତ ଆଗକୁ ବଢ଼େଇଲି । ଆଉ ପରକ୍ଷଣରେ ନିଜ ହାତ ପଛକୁ ଟାଣି ଆଣିଲି । ସେଇ ପତ୍ରଟି ଝଡ଼ିବାର ଉପଯୁକ୍ତ ସମୟ ଉପସ୍ଥିତ ହେଲେ ତାହାକୁ ଝଡିବାକୁ ଦେବା ଉଚିତ । ଆମେ କାଇଁ ଏତେ ଶିଘ୍ରତା ଦେଖଉ ତାକୁ ଟାଣି ଆଣି ଫୋପାଡ଼ି ଦେବାପାଇଁ ? ମୋ ମାଆ ସତେ ଯେମିତି ସେଇ ଝଡ଼ିବାକୁ ଥିବା ଶୁଖିଲା ପତ୍ର ପରି ଥିଲା । ଆମେ ତାକୁ ଏମିତି ଘରୁ ବାହାର କରିପାରିବାନି । ଗାଁକୁ ପଠେଇ ପାରିବାନି ।

ଦ୍ୱିତୀୟ ମନ କହୁଥିଲା । ଏପରି ଏକ ରୋଗକୁ, ଭାବାବେଶରେ ବୁଡ଼ି ରହି ଦେଖିବା ଅନୁଚିତ । ବାସ୍ତବତାବାଦୀ ଦୃଷ୍ଟିକୋଣକୁ ଆପଣେଇବାକୁ ହେବ । କୌଣସି ଭଲ ଆରୋଗ୍ୟ କେନ୍ଦ୍ରରେ ହୁଏତ ତାର ଦେହ ଶିଘ୍ର ଭଲ ହୋଇଯାଇପାରେ ।

ମୋର ଦ୍ୱିତୀୟ ମନ ଯେଉଁ ଯଥାର୍ଥତାବାଦୀ ଦଲିଲ ପେସ୍ କରୁଥିଲା । ସେଇ ଗଣିତକୁ ମୁଁ ଗୋଟିଏ ମୁହୂର୍ତ୍ତ ବି ଡେରି ନ କରି ନାକଚ କରି ଦେଇଥିଲି । ନା... ନା.. ମାଆ ଏଇଠି ରହିବ । ଏହିଠାରେ ହିଁ ସିଏ ସୁସ୍ଥତା ଲାଭ କରିବ ।

ସେଇ ସମୟରେ ଦ୍ୱିତୀୟ ମନ ମୋତେ ଉସୁକେଇବାକୁ ଲାଗିଲା 'ସ୍ତ୍ରୀକୁ କଣ କହିବୁ ?

ସତ କଥା... ମୋ ମାଆକୁ ଟିବି ହେବା ଉଚିତ୍ ନ ଥିଲା । ଶଳା ... ସାରା ଜୀବନ ସିଏ ସଂଘର୍ଷ କରି ଚାଲିଲା ! ଆମ ପେଟକୁ ଭରପୁର ଖାଦ୍ୟ ମିଳିବା ଉଚିତ୍ ସେଥିପାଇଁ ସିଏ ନିଜର ଅନ୍ତଃନାଡୀରେ କେତେକେତେ ଭୋକର ମହାପ୍ରଳୟକୁ କଏଦ କରି ରଖିଥିଲା । ଯେମିତି ଅନ୍ନ-ଦେବତା ଥାଆନ୍ତି ସେମିତି ମୋର ମାଆ ହେଉଛି ଭୋକଙ୍କର ଦେବୀ । ତାକୁ କଣ ସାରା ଜୀବନ ଶାନ୍ତିରେ ଖାଦ୍ୟ ଖାଇବାର ସୌଭାଗ୍ୟ ପ୍ରାପ୍ତ ହେବନି ? କି ପ୍ରକାର ଅଭିଶାପ ଭୋଗ କରୁଛି ମୋ ମାଆ ! କିପରି ଯନ୍ତ୍ରଣାର ବୋଝ ବୋହି ବୋହି ସିଏ ଜୀବନର ଚଲାପଥକୁ ଅତିକ୍ରମ କରୁଛି । ତାକୁ ହିଁ କାହିଁକି ହେଲା ଏଇ ଟିବି ରୋଗ ? ଡ଼ାକ୍ତରଙ୍କର, କହିବା କଥା ହେଲା ଶ୍ୱାସରୋଗ କାଳେ ବଢ଼ିଯିବ, ସେଥିପାଇଁ କିଛି ମାସ ଧରି ମାଆ ନିଜର ଆହାର ଧୀରେଧୀରେ କମେଇ ଚାଲିଥିଲା । ସେଇଥିପାଇଁ ତାର ଶରୀରରେ ଆଉ ଶକ୍ତି ନାହିଁ । କଷ୍ଟ ନିବାରକ ଔଷଧ ଖାଇ ସିଏ ନିଜର କଷ୍ଟକୁ ବି ଦବେଇ ଦେଉଥିଲା.... ଭୋକ ଉପରେ ବି କାବୁ ପାଇ ନେଉଥିଲା । ହେଲେ ଏଇ ଭିତରେ ବି ଟିବି ରୋଗର ବିଷବୀଜ ବଢ଼ିବାକୁ ଲାଗିଲା । ବଢ଼ି ଚାଲିଥିଲା କ୍ରମାଗତ ଭାବରେ... । କେମିତି ଏ ବିଷୟରେ କୁହାଯିବ ସ୍ତ୍ରୀକୁ... ନିଜର ମାଆକୁ, ସେକଥା ଯେତେବେଳେ ମୁଁ ନିଜେ ହିଁ ବୁଝିପାରୁନଥିଲି, ସେତେବେଳେ ଶାଶୁକୁ ବା ସିଏ କେମିତି ବୁଝିବ ? ... ପରମୁହୂର୍ତ୍ତରେ ହିଁ ମୁଁ କଠିନ ନିର୍ଣ୍ଣୟ ନେଲି ଯେ ସ୍ତ୍ରୀକୁ ଏ ବିଷୟରେ କିଛି ହେଲେ କହିବିନି ?

ଘରକୁ ଫେରିଲା ପରେ ଖାଇବାକୁ ବସିଲି । ପ୍ରତିଦିନ ରାତିର ଦେଢ଼ ଖଣ୍ଡ ରୁଟି ଖାଇବାକୁ ପରାମର୍ଶ ଦେଇଛନ୍ତି ଡାକ୍ତର । ମୁଁ ମାତ୍ର ପଟେ ରୁଟି ଖାଇପାରିଲି । କମ୍ ଖାଇଲେ ରାତିରେ ଦେହଟା ଭାରି ଅସ୍ତବ୍ୟସ୍ତ ଲାଗେ । ଅଧରାତି ପରେ ଶରୀରର ସୁଗାର ଲେଭଲ୍ କମିଯାଏ । ଏମିତି ଅନେକ ଥର ହୋଇଥିଲା । ଖାଇସାରିବା ପରେ ଯେମିତି ଶୋଇବାର ଉପକ୍ରମ କରିବାକୁ ଲାଗିଲି - ପତ୍ନୀ ପାଖକୁ ଆସି କହିଲା "ଶୁଣୁଛ ! ମାଆକୁ କୁଆଡ଼େ ଟି.ବି. ହୋଇଛି ବୋଲି କହୁଛନ୍ତି ।

ଯେଉଁ କଥା ମୁଁ ତାକୁ ନ କହିବାର ନିର୍ଣ୍ଣୟ ନେଇଥିଲି, ମାଆ ଠାରୁ ବି ଲୁଚେଇବା ପାଇଁ ଭାବିଥିଲି, ସେଇ କଥା ସ୍ତ୍ରୀ କେମିତି ଜାଣିଲା ? ମୁଁ ଖୁବ୍ ଆଶଙ୍କିତ ହୋଇ ପଡ଼ିଲି । ଯେଉଁ କଥା କେବଳ ମୋତେ ଜଣାଥିଲା, ସେ କଥା ମୋର ପତ୍ନୀ କାହାକାହାକୁ କହିସାରିଛି ସେକଥା କିଏ ଜାଣେ ? ମୁଁ କିଛି ହେଲେ ବୁଝି ପାରୁନଥିଲି । ସଂଜୟ କୁମାର ଆଉ ଏ କଥା କହି ଦେଇନି ତ ତାକୁ... ହେଲେ ସିଏ ନିଜେ କହିଥିଲା ମୋତେ, ଭାଉଜଙ୍କୁ ଏ କଥା କହିବନି ବୋଲି । ମୋ ମୁଣ୍ଡରେ କିଛି ପଶୁ ନଥିଲା ।

ମାଆ ନିଜେ ଘର ଛାଡ଼ି ଚାଲି ଯାଉଛି... ପତ୍ନୀକୁ ବି ଲାଗୁଛି ଯେ ତାଙ୍କୁ ଘର ଛାଡ଼ି ଚାଲିଯିବା ଉଚିତ୍... ମୁଁ ବି ସେଇଆ ଅନୁଭବ କରୁଛି... ମୁଁ ଖୁବ୍ ହତାଶ ହୋଇପଡ଼ିଲି...ଏମିତି କେତେ ନାଇଁ କେତେ ଭୟଙ୍କର ଚିତ୍ର ସବୁ ମୋ ଆଖି ସାମ୍ନାରେ ବିଭତ୍ସ ନୃତ୍ୟ କରି ମୋତେ ଡରେଇବାରେ ଲାଗିଥିଲେ ।

ମୁଁ ପତ୍ନୀଙ୍କୁ ପଚାରିଲି "ତୋତେ ଏ ଫାଲ୍ତୁ କଥା କିଏ କହିଲା ?"

ସିଏ : ଯେଉଁ ଲୋକଟା ବ୍ଲଡ୍ ଟେଷ୍ଟ୍ କଲା ସେଇ କହୁଥିଲା,

ମୁଁ : କଣ କହିଲା ସିଏ ?

ସିଏ : ଟିବି ପରି କଣ ଗୋଟେ କହୁଥିଲା ।

ମୁଁ : ସିଏ ଗୋଟେ ମୂର୍ଖ । ତାକୁ ତ ଭଲକରି ଗାଳି ଦେବା କଥା ।

ସିଏ : କାହିଁକି ଭଲା !

ମୁଁ: ଆରେ... ଟି.ବି. ହେବା ଆଉ ଟି.ବିର ଲକ୍ଷଣ ଦେଖା ଦେବାରେ ଅନ୍ତର ଅଛି । ମାଆର ରିପୋର୍ଟରେ ଟି.ବିର ଲକ୍ଷଣ ଦେଖାଦେଇଛି । ହେଲେ ତାକୁ ଟି.ବି ରୋଗ ହୋଇନାହିଁ । ଆଉ ଟି.ବି. ଏବେ ଏକ ସଂକ୍ରାମକ ରୋଗ ହୋଇନାହିଁ । ଯଦି ଏହି ରୋଗ ହୁଏ ତେବେ ତାକୁ ଔଷଧ ଦେଇ ପୁରା ଠିକ୍ ବି କରାଯାଇପାରିବ । ତୁ ମୂର୍ଖଙ୍କ ପରି ନିଜ ମନରେ କୌଣସି ଅନ୍ଧବିଶ୍ୱାସ ପାଳିବୁନୁ ।

ସିଏ: ମୁଁ କେଉଁଠି ମନରେ କୌଣସି ଅନ୍ଧବିଶ୍ୱାସ ପାଳିରଖିଛି । ଯାହା ଶୁଣିଲି ସେଇ କଥା କହିଲି ତୁମକୁ ।

ମୁଁ : ଠିକ୍ ଅଛି । ତୁ ଯାହା ଜାଣିଛୁ ତାକୁ ମାଆ ଆଗରେ କହିବୁନୁ ।

ସିଏ : ମୁଁ କାହିଁକି କହିବାକୁ ଯିବି ଯେ ?

(କ୍ରମଶଃ)

❤ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ) ୮୨୪୯୪୩୭୨୭୬

# ୨ୟ ଶ୍ରୀକ୍ଷେତ୍ର ବାରିପଦାରେ ବାହୁଡାଯାତ୍ରା ଶେଷ: ଶ୍ରୀମନ୍ଦିର ସମ୍ମୁଖରେ ପହଂଚିଲା ତିନିରଥ

ବାରିପଦା , ୦୧/୦୭ (ନି.ପ୍ର): ୨ୟ ଶ୍ରୀକ୍ଷେତ୍ର ବାରିପଦା ରଥଯାତ୍ରାର ପରଂପରା ମୁତାବକ ପୁରି ବାହୁଡାଯାତ୍ରା ପରଦିନ ଏଠାରେ ଦୁଇଦିନ ଧରି ବାହୁଡାଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ, ଦେବୀ ସୁଭଦ୍ରାଙ୍କ ରଥକୁ କେବଳ ମହିଳା ମାନେ ଟାଣିଥାନ୍ତି । ତେବେ ଆଜି ଶେଷଦିନ ବାହୁଡା ଯାତ୍ରାରେ ପ୍ରଥମେ ଅଧାବାଟରେ ରହିଥିବା ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥକୁ କେବଳ ମହିଳା ଭକ୍ତ ମାନେ ଟାଣିନେଇ ଶ୍ରୀମନ୍ଦିର ନିକଟରେ ପହଂଚାଇଥିବା ବେଳେ, ପରେପରେ ବଳଭଦ୍ରଙ୍କ ତାଳଧ୍ୱଜ ରଥକୁ ମାଉସୀବାଡି ନିକଟରୁ ଲକ୍ଷଲକ୍ଷ ଭକ୍ତ ଟାଣିନେଇ ଶ୍ରୀମନ୍ଦିର ନିକଟରେ ପହଂଚାଇଥିଲେ । ରଥ ଉପରୁ ଭକ୍ତ ମାନଙ୍କ ଉଦେଶ୍ୟରେ ଶ୍ରଦ୍ଧା ଲଡୁ ବିତରଣ କରାଯାଇଥିଲା. ତେବେ ଆଜି ପାଗ ଅନୁକୂଳ ରହି ଥିବାରୁ ୨ୟ ଶ୍ରୀକ୍ଷେତ୍ର ବାରିପଦା ବଡଦାଣ୍ଡ ଜନସମୁଦ୍ର ପାଲଟି ଥିବା ବେଳେ, ଆଜି ରାତିରେ ଶ୍ରୀ ବିଗ୍ରହ ମାନଙ୍କର ନିଳାଦ୍ରିବିଜେ ନିତି ମଧ ସମ୍ପର୍ଣ୍ଣ ହୋଇଛି । ଆଜି ଲକ୍ଷଲକ୍ଷ ଭକ୍ତଙ୍କ ସମାଗମରେ ସମ୍ପୂର୍ଣ ବଡଦାଣ୍ଡ ଲୋକାରଣ୍ୟ ପାଲଟିଥିବା ବେଳେ, ଅନେକ ସମୟରେ ଭୀଡ ନିୟନ୍ତ୍ରଣ କରିବାକୁ ପୋଲିସ ବାହିନୀକୁ ନାକେଦମ ହେବାକୁ ପଡିଥିଲା । ଆଜିର ରଥ ଟଣାରେ ବହୁ



ରାଜନେତା, ସରକାରୀ ଅଧିକାରୀ, କଳାକାର ମାନେ ସାମିଲ ହୋଇଥିଲେ । ରଥଟଣା ସମୟରେ ଗୁଳୁଗୁଳିରୁ ତ୍ରାହି ପାଇଁ ଅଗ୍ନୀଶମ ବିଭାଗ ତରଫରୁ କୃତିମ ବର୍ଷାର ବ୍ୟବସ୍ଥା କରାଯାଇଥିଲା । ସେହିପରି ଜିଲ୍ଲାସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରଥଯାତ୍ରା ଆରମ୍ଭରୁ ଶେଷ ଯାଏ ବଡ ଦାଣ୍ଡର ବିଭିନ୍ନ ସ୍ଥାନରେ ଜ୍ଞାନୀ ବକ୍ତା ମାନଙ୍କୁ ଆମନ୍ତ୍ରଣ କରାଯାଇ ଧାରାବୀବରଣୀ ପ୍ରଦାନର ବ୍ୟବସ୍ଥା କରାଯାଇଥିବା ସହ ପାଲା ଦାସକାଠିଆ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇଥିଲା । ସେହିପରି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଖୋଲାଯାଇଥିବା ବେଳେ, ରେଡକ୍ରସ, ଏନ. ଏସ.ଏସ., ସ୍କାଉଟ ଗାଇଡ ତଥା ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ସଦଶ୍ୟ ମାନେ ଜଳସେବା, ଏବଂ ସୁରକ୍ଷା ଆଦି କାର୍ଯ୍ୟରେ ସହଯୋଗ କରିଥିଲେ । ସଫେଇ କର୍ମଚାରୀ ମାନେ ରଥ ଟଣା ସମୟରେ ସଫେଇ କାର୍ଯ୍ୟ ସୁନ୍ଦର ଭାବରେ ତୁଲାଉଥିବା ସହ ମେଳାରେ ସୃଷ୍ଟି ହେଉଥିବା ଓଳିଆକୁ ବିଳମ୍ବିତ ରାତିରେ ସଫେଇ କରିବାର ଦେଖାଯାଇଥିଲା । ତେବେ ଆଜି ବାହୁଡାଯାତ୍ରା ସମାପ୍ତ ହୋଇଥିବା ବେଳେ ବାରିପଦାର ସାନ ଜଗନ୍ନାଥ (ବାଣ୍ଡିଆ ଜଗନ୍ନାଥ )ଙ୍କ ରଥକୁ ମଧ ବିଧି ହିସାବରେ କିଶୋର କିଶରୀ ମାନେ ଟାଣି ନେଇ ମନ୍ଦିର ନିକଟରେ ପହଞ୍ଚାଇ ଥିଲେ । ତେବେ ଶୃଙ୍ଖଳିତ ରଥଯାତ୍ରା ଓ ଟ୍ରାଫିକ ନିୟନ୍ତ୍ରଣ ନିମନ୍ତେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବାର ଦେଖା ଯାଇଛି । ସେହିଭଳି ରଥଯାତ୍ରା ଉପଲକ୍ଷେ ଲାଗିଥିବା ମେଳାରେ ଚଳିତ ବର୍ଷ ବହୁ ଦୋକାନ ବଜାର ବସିଥିବା ବେଳେ, ଇଲେକ୍ଟ୍ରି ଦୋଳି ଲୋକଙ୍କୁ ବେଶ ଆକୃଷ୍ଟ କରୁଥିବାର ଦେଖାଯାଉଛି । ତେବେ ରଥ ଉପଲକ୍ଷେ ଲାଗିଥିବା ମେଳା ପାଖାପାଖି ମାସେ ପାଇଁ ବସିବାକୁ ଥିବା ବେଳେ ପ୍ରତିଦିନ ମେଳରେ ଭିଡ଼ ଲାଗିବ ବୋଲି ଜଣାଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ଆସନ୍ତା ୩ରୁ ୫ ଯାଏଁ ....

ଉତ୍ତର ପୂର୍ବ ଦିଗରେ ଯେଉଁ ନିମ୍ନ ଚାପରେଖା ରଖିଛି ତାହା ଓଡିଶାର ଯଥେଷ୍ଟ ଉତ୍ତର ଆଡକୁ ରହିଛି କ୍ଷ ଏହି ନିମ୍ନ ଚାପରେଖା ପଞ୍ଜାବରୁ ହରିୟାଣା ଆଡ଼କୁ ବ୍ୟାପିଛି । ପୂର୍ବ ଦିଗକୁ ହିମାଳୟର ପାଦଦେଶ ଯାଏଁ ଏହାର ବିସ୍ତୃତି ରହିଛି । ଅର୍ଥାତ ତାହାର କୌଣସି ପ୍ରଭାବ ରାଜ୍ୟ ଉପରେ ନାହିଁ କ୍ଷ ପାଣିପାଗର କୌଣସି ନିୟାମକ ମଧ ରାଜ୍ୟରେ ସକ୍ରିୟ ନାହିଁ ତେଣୁ ମୌସୁମୀର ଆଗମନ ହୋଇଥିଲେ ମଧ ରାଜ୍ୟରେ ବର୍ଷାର ପରିମାଣ କମ ରହିଛି ବୋଲି ଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛନ୍ତି । ଏଥିସହ ରବିବାରଠୁ ରାଜ୍ୟରେ ବର୍ଷାର ପରିମାଣ ବଢିବା ସହ ୩, ୪ ଓ ୫ ରେ ପଶ୍ଚିମ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି । ସେପଟେ ପାଣିପାଗ ବିଶେଷଜ୍ଞଙ୍କ ଆକଳନ ଆସନ୍ତା ୪ ରେ ଆସୁଛି ଆଉ ଏକ ଲଘୁଚାପ । ଦକ୍ଷିଣ ଉପକୂଳରେ ଓଡିଶା ଉପକୂଳରେ ସୃଷ୍ଟି ହେବ ଏହି ଲଘୁଚାପ କ୍ଷେତ୍ର । ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ବିଶେଷ ଭାବେ ପ୍ରଭାବିତ ହେବ ଦକ୍ଷିଣ ଓଡିଶା । ଶନିବାର ଦିନ ୧୧ ଟା ୩୦ ସୁଦ୍ଧା ରେକର୍ଡ ତାପମାତ୍ରାରେ ଭୁବନେଶ୍ୱର ୩୬.୬ ଡ଼ିଗ୍ରୀ ରେକର୍ଡ ହୋଇଥିବା ବେଳେ ଆଦ୍ରତା ପାରାଦ୍ୱୀପରେ ୮୧% ରେକର୍ଡ ହୋଇଛି । ତେବେ ଆଗକୁ ଆହୁରି ୨ ଦିନ ଏପରି ଗୁଳୁଗୁଳି ଜାରି ରହିବାର ସମ୍ଭାବନା ରହିଛି । ଏପରିସ୍ଥଳେ ସମସ୍ତ ଚାଷୀକୂଳ ବର୍ଷାକୁ ଚାତକ ପରି ଅପେକ୍ଷା କରି ରହିଛନ୍ତି ।

### ଜୁଲାଇ ୨୦...

ବିଧେୟକ ଓ ଅନ୍ୟ କାର୍ଯ୍ୟ ସମ୍ପର୍କରେ ଫଳପ୍ରଦ ଆଲୋଚନା କରିବାକୁ ମୁଁ ସମସ୍ତ ଦଳକୁ ଅନୁରୋଧ କରୁଛି ।" ହିନ୍ଦୀ ଓ ଇଂରାଜୀ ଭାଷେର ଟ୍ୱିଟ୍ କରି ସୂଚନା ଦେଇଛନ୍ତି ଶ୍ରୀ ଜୋଶୀ। ପିଟିଆଇରେ ପ୍ରକାଶିତ ଖବର ଅନୁସାରେ ଚଳିତ ଥର ମୌସୁମୀ ଅଧିବେଶନ ସଂସଦର ପୁରୁଣା ବିଲ୍ଡିଂରୁ ଆରମ୍ଭ ହେବ। ମଝିରେ ନୂଆ ବିଲ୍ଡିଂକୁ ଏହା ସ୍ଥାନାନ୍ତରିତ ହେବ। ଗତ ମାସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାର ଉଦଘାଟନ କରିବା ପରେ ନୂଆ ସଂସଦରେ ଏହା ପ୍ରଥମ ସଂସଦୀୟ ଅଧିବେଶନ ହେବ। ନୂଆ ଆଧିବେଶନରେ ଦିଲ୍ଲୀ ଅର୍ଡିନାନ୍ସ ବିଷୟରେ ବି ଆଲୋଚନା ହେବାର ଅଛି।

### ଭୟଙ୍କର ଦୁର୍ଘଟଣା: ଯାତ୍ରୀବାହୀ ବସ୍ ....

ସୂଚନା ନିମନ୍ତେ ବୁଲଢାନା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ତରଫରୁ ହେଲ୍ପଲାଇନ୍ ନଂ ଜାରି କରାଯାଇଛି। ଦୁର୍ଘଟଣା ଖବର ପାଇ ଘଟଣାସ୍ଥଳକୁ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ପହଞ୍ଚିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଡ୍ରାଇଭରଙ୍କ ବୟାନର ଛାନଭିନ କରୁଛି।

### ପାକିସ୍ତାନରେ ବନ୍ଦୀ...

ଚୁକ୍ତି ମୁତାବକ ପ୍ରତିବର୍ଷ ଜାନୁଆରୀ ଓ ଜୁଲାଇ ପହିଲାରେ ଦୁଇଦେଶ ପରସ୍ପର ଦେଶରେ ବନ୍ଦୀ ଥିବା ଉଭୟ ଦେଶର ନାଗରିକଙ୍କ ତାଲିକା ପ୍ରଦାନ କରିଥାନ୍ତି। ଦୁଇଦେଶର ସୀମା ରେଖା ପାର କରି ମାଛ ମାରୁଥିବା ବେଳେ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଛି।

# କମ୍ବିଂ ଅପରେସନ ବେଳେ ମାଓବାଦୀ କ୍ୟାମ୍ପ ଠାବ: ଛତ୍ରଭଙ୍ଗ ଦେଲେ ମାଓବାଦୀ

ଭୁବନେଶ୍ୱର, ୦୧/୦୭ (ନି.ପ୍ର): ନୂଆପଡା ଜିଲ୍ଲାରେ ସୁରକ୍ଷାକର୍ମୀ ମାନଙ୍କ ଦ୍ୱାରା କମ୍ବିଂ ଅପରେସନ ବେଳେ ମାଓ କ୍ୟାମ୍ପ ଠାବ ହୋଇଛି । ଓଡ଼ିଶା ଛତିଶଗଡ଼ ସୀମାନ୍ତ ସିନାପାଲି ଥାନା ଝୋଲାପଡା ଗାଁ ନିକଟରେ ଏହି କ୍ୟାମ୍ପ ଠାବ ହୋଇଥିବା ନେଇ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ନୂଆପଡ଼ା ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରାଘବେନ୍ଦ୍ର ରେଡ୍ଡୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ସେଠାରୁ ବିପୁଳ ମାଓ ସାମଗ୍ରୀ ସହ ବିସ୍ଫୋରକ ଜବତ କରାଯାଇଛି । ଗ୍ରିନେଡ ସହ ୟୁନିଫର୍ମ , ମାଓ ପୁସ୍ତିକା ,ଔଷଧ, ଭଳି ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି । ଏହି ଟିମ୍ ରେ ସିଆରପିଏଫ୍, ଡିଭିଏଫ, ଏସଓଜି ଜବାନ ମାନେ ସାମିଲ ଥିଲେ ।

# ବର- ଅଶ୍ୱଥ ବୃକ୍ଷର ବାହାଘର ସମ୍ପନ୍ନ

ଲଙ୍ଗଳେଶ୍ୱର , ୦୧/୦୭ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ କୁଣ୍ଡୁଳି ପଞ୍ଚାୟତର କୁଣ୍ଡୁଳି ମହାମାୟା ମାର୍କେଟରେ ଥିବା ବର ଓ ଅଶ୍ୱଥ ବୃକ୍ଷ ର ବାହାଘର ଖୁବ୍ ଧୁମଧାମରେ ଶୁକ୍ରବାର ଦିନ ପାଳନ ଅବସରରେ ବାଣ ରୋଷଣୀ ରେ ପ୍ରକମ୍ପିତ ହୋଇଥିଲା ବିବାହ କାର୍ଯ୍ୟରେ ସମସ୍ତ ରୀତିନୀତି ଅନୁସାରେ ବାହାଘର ଅନୁଷ୍ଠିତ ହୋଇଥିଲା। ବିବାହ କାର୍ଯ୍ୟରେ ବର ପକ୍ଷରୁ ସମାଜସେବୀ ଭୀଷ୍ମ ଚରଣ ମଲ୍ଲିକ ଏବଂ କନ୍ୟା ପକ୍ଷରୁ ମଧୁସୂଦନ ମଲ୍ଲିକ ଉପସ୍ଥିତ ରହି ବିବାହ କାର୍ଯ୍ୟ ସମାପନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ, ଜିଲ୍ଲା ଜନନୀ ସୁରକ୍ଷା କାର୍ଯ୍ୟ କାରିଣୀ ସଭାନେତ୍ରୀ ଶ୍ରୀମତୀ ଲକ୍ଷ୍ମୀ ମଣି ବେହେରା, କବି ହରେକୃଷ୍ଣ ମଲ୍ଲିକ, ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଥିଲେ ।ପରେ ଭୁଜୀଭାତରେ ଉପସ୍ଥିତ ଥିବା ଲୋକମାନଙ୍କୁ ଆପ୍ୟାୟିତ କରାଯାଇଥିଲା।

# ସାପ କାମୁଡାରେ ମହିଳାଙ୍କ ମୃତ୍ୟୁ

ବସ୍ତା,୧ ।୭(ନିପ୍ର): ବସ୍ତା ଥାନା ବସନ୍ତପୁର ଗାଁରେ ଜନୈକା ବିବାହିତା ମହିଳାଙ୍କ ମୃତ୍ୟୁ ଘଟିଛି ।ସୂଚନାରୁ ପ୍ରକାଶ ଯେ ଶନିବାର ସକାଳେ ଏହି ଗାଁର ସୁକାନ୍ତ ହେମ୍ରମ ଙ୍କ ସ୍ତ୍ରୀ ଚିତ୍ରା(ବୟସ ୨୬ ବର୍ଷ)ଙ୍କୁ ଘରେ ଏକ ନାଗ ସାପ କାମୁଡି ଦେଇଥିଲା। ଏହାପରେ ସେ ଗୁରୁତର ହୋଇପଡିବାରୁ ବସ୍ତା ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଏ ନେଇ ପୁଲିସ ପକ୍ଷରୁ କେଶ ନଂ ୨୪/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଶବ ବ୍ୟବଚ୍ଛେଦ ହୋଇଛି ।

# ରାଷ୍ଟ୍ରୀୟ ରକ୍ତ ଶିକୁଳି ଜନିତ ରକ୍ତହୀନତା ନିରାକରଣ ଅଭିଯାନ ଶୁଭାରମ୍ଭ

ବାଲେଶ୍ୱର, ୦୧/୦୭ (ନି.ପ୍ର): କେନ୍ଦ୍ର ସରକାରଙ୍କ ଆହ୍ୱାନ କ୍ରହମେ ସମଗ୍ର ଦେଶରେ ରକ୍ତ ଶିକୁଳି (ସିକଲ ସେଲ) ଜନିତ ରକ୍ତହୀନତା ନିରାକରଣ ଅଭିଯାନ ଆରମ୍ଭ ହୋଇଥିବା ବେଳେ ବାଲେଶ୍ୱରରେ ମଧ୍ୟ ଅନୁରୂପ ପ୍ରତିଫଳନ ପରିଲକ୍ଷିତ ହୋଇଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସହଦେବଖୁଣ୍ଟା ସହରାଞ୍ଚଳ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ଆଭିଯାନ ଶୁଭାରମ୍ଭ ହୋଇଛି। ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଲସେନ ଜଗଦ୍ଦେବ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର, ଡାକ୍ତର ଲମ୍ବୋଦର ବଳ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରକଳ୍ପ ପରିଚାଳକ ଅନୀଲ କୁମାର ପ୍ରଧାନ ପ୍ରମୁଖ ଏଥିରେ ଯୋଗଦେଇ ରକ୍ତ ଶିକୁଳି ଜନିତ ରକ୍ତହୀନତା ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ବଂଶାନୁକ୍ରମିକ ଭାବେ ବାପା-ମାଙ୍କଠାରୁ ପିଲାଙ୍କ ଶରୀରକୁ ଆସୁଥିବା ଏହି ରୋଗ ଯୋଗୁଁ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଉଥିବା ସେମାନେ କହିଥିଲେ। ଏହି ରୋଗର ମୂଳ ଉତ୍ପଟନ ପାଇଁ ରାଷ୍ଟ୍ରୀୟ ଅଭିଯାନରେ ସାମିଲ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ । ବିଶେଷ କରି ଏହି ରୋଗର ଉପଚାର ଅତ୍ୟନ୍ତ ବ୍ୟୟବହୁଳ ଏବଂ ସାରା ଜୀବନ ଏହା ଜାରି ରହିଥାଏ । ଜାତୀୟ ସ୍ତରରେ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଦେଶର ୭କୋଟି ଲୋକଙ୍କ ରକ୍ତ ଶିକୁଳି ରୋଗ ଯାଞ୍ଚ ପାଇଁ ଲକ୍ଷ୍ୟ ରହିଛି । ଏଥିରେ ଓଡିଶାର ୭୦ଲକ୍ଷ ଲୋକେ ସାମିଲ ହେବେ । ଏହି ରୋଗର ଲକ୍ଷଣ ଦେଖାଦେଉଥିବା ପ୍ରତ୍ୟେକ ବ୍ୟକ୍ତି ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ସ୍ୱତନ୍ତ୍ର ଶିବରରେ ଯୋଗଦେଇ ପଞ୍ଜୀକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ପରମର୍ଶ ଦେଇଥିଲେ ।ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣକୁ ଭିଡିଓ କନଫେରେନସିଂ ମାଧମରେ ସମସ୍ତେ ଶୁଣିଥିଲେ । ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଲୋକସମ୍ପର୍କ ଅଧିକାରୀ ରମଣୀକାନ୍ତ ଭଞ୍ଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜାତୀୟ ରାଜପଥରେ ଟ୍ରକ ଓଲଟି ୪ ଗୁରୁତର

ବସ୍ତା,୧ ।୭(ନିପ୍ର):୬୦ ନଂ ଜାତୀୟ ରାଜପଥର ରୂପସ। ଥାନା ମିରିଗିମୁଣ୍ଡି ନିକଟରେ ଶନିବାର ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ ଟ୍ରକ ନୟନ ଯୋରୀ କୁ ଓଲଟି ପଡିବାରୁ ଟ୍ରକ ଚାଳକ ସମେତ ୪ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ବାଲେଶ୍ୱର ଜିଲା ସଦର ମହକୁମା ଡାକ୍ତରଖାନାକୁ ନିଆଯାଇଛି ଓ ସେମାନେ ଚିକିତ୍ସାଧୀନ ଅଛନ୍ତି ।ଗାଡି ଭାରସ୍ୟାମ ହରାଇ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଉଛି ।ଆହତ ୪ ଜଣଙ୍କ ପରିଚୟ ଜଣାପଡିନାହିଁ।

# ଗଣ୍ଡାବଜା ଉପରେ ଗବେଷଣା କରିବେ ତରଣୀ

ବଲାଙ୍ଗିର, ୦୧/୦୭ (ନି.ପ୍ର): କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ (ସାଧନା ଓ ତାଲିମ) ବିଭାଗ ତରଫରୁ ପଶ୍ଚିମ ଓଡିଶାର ଅନନ୍ୟା ଲୋକବାଦ୍ୟ "ଗଣ୍ଡାବଜା" ଉପରେ ଗବେଷଣା କରିବା ପାଇଁ ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ବ୍ଲକ ମଲମଣ୍ଡା ଗାଁର ବରିଷ୍ଠ କଳାକାର ତରଣୀସେନ ଦୀପ ମନୋନୀତ ହୋଇଛନ୍ତି । ଦୁଇ ବର୍ଷ ଧରି ସେ ଏହି କ୍ଷେତ୍ରରେ ଗବେଷଣା କରିବେ । ଗଣ୍ଡାବଜା ପଶ୍ଚିମ ଓଡିଶା ସଂସ୍କୃତିର ଏକ ଅନ୍ୟନ୍ୟା ଅଂଶ । ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଗଣ୍ଡାବଜାର ଆବଶ୍ୟକ ହୋଇଥାଏ । କେଉଁ ଆବାହମାନ କାଳରୁ ଗଣ୍ଡାବଜାର ଉଦ୍‌ଭାବନ ହୋଇଛି । ପ୍ରକୃତି ଓ ଗଣ୍ଡାବଜା ଅଙ୍ଗାଙ୍ଗୀ ଭାବେ ଜଡିତ। ଗଣ୍ଡାବଜା ଉପରେ ଅନେକ ଗବେଷଣା ହୋଇଛି । ତେବେ ଆହୁରି ଗବେଷଣାର ଆବଶ୍ୟକତା ରହିଛି। ଆଜି ମଧ ଗଣ୍ଡାବଜା ଉପରେ ଅନେକ ଅନାଲୋଚିତ ଅଧ୍ୟାୟ ରହିଛି । ଗ୍ରାମାଂଚଳରେ ଗଣ୍ଡାବଜା କୁ ବଂଚାଇ ରଖିଥିବ କଳାକାରମାନଙ୍କ ପାଖରେ ହିଁ ଅନେକ ତଥ୍ୟ ରହିଛି। ସେହି ତଥ୍ୟ ଉପରେ ମୁଁ ଗବେଷଣା କରିବି ବୋଲି ତରଣୀ କହିଛନ୍ତି । ତରଣୀ ଛାତ୍ରବସ୍ଥାରୁ ହିଁ କଳାପ୍ରତି ଆକର୍ଷିତ ହୋଇଥିଲେ । ପ୍ରଥମେ ସେ ନିଜ ଗାଁ ରେ ଏକ ମଂଚ ନାଟକରେ ଅଭିନୟ କରିଥିଲେ। ପରବର୍ତ୍ତି ସମୟରେ ସେ ସାଂସ୍କୃତିକ ଅନୁଷ୍ଠାନ ରୁଣୁଝୁଣୁ ସହିତ ଜଡିତ ହୋଇଥିଲେ । ବର୍ତ୍ତମାନ ସେ ଢୋଲ ମୁହୁରି କଳା ପରିଷଦ ସହିତ ଜଡିତ । ସେ ଆଲବମ ନିର୍ଦ୍ଦେଶନା ଦେବା ସହିତ କେତେକ କ୍ୟାସେଟ ମଧ ନିର୍ମାଣ କରିଥିଲେ । ରେଡିଓ ଓ ଦୂରଦର୍ଶନରେ କାମ କରିବା ସହିତ କୋଶଲି ଟେଲି ଫିଲ୍ମ "ବଏଲାରେ" ରେ ଅଭିନୟ କରିଛନ୍ତି । ବର୍ତ୍ତମାନ ସେ ପୁଇଁନ୍ତଲା ବ୍ଲକର ବ୍ଲକ କଳା ସଂସ୍କୃତି ସଂଘର ଉପ-ସଭାପତି ରହିଛନ୍ତି ।

# ମଣିପୁରରେ ଶାନ୍ତି ପ୍ରତିଷ୍ଠା ଦାବିରେ ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ସ୍ମାରକପତ୍ର

ବାଲେଶ୍ୱର, ୦୧/୦୭ (ନି.ପ୍ର): ମଣିପୁରରେ ଗତ କିଛିଦିନ ଧରି ଲାଗି ରହିଥିବା ହିଂସା ଯୋଗୁଁ ସୃଷ୍ଟି ହୋଇଥିବା ଅଶାନ୍ତିକର ସ୍ଥିତିରେ ଅନ୍ତ ଘଟାଇ ଶାନ୍ତି ପ୍ରତିଷ୍ଠା ପାଇଁ ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ଦାବି ହୋଇଛି। ମାସ ମାସ ଧରି ଲାଗି ରହିଥିବା ସ୍ଥିତିକୁ ଆୟତ୍ତ କରିବାରେ ସରକାରୀ ଅବହେଳା ଦେଶ ପାଇଁ ଲଜ୍ଜାର ବିଷୟ ବୋଲି ମଣ୍ଡଳର କର୍ମକର୍ତ୍ତା ମାନେ ଆରୋପ କରିଛନ୍ତି। ଜୀବନ ଏବଂ ସମ୍ପତ୍ତିର କ୍ଷତି ହେଉଛି। ମେଟେଇ ଏବଂ କୁକି ଜନଜାତିର ଲୋକେ ପରସ୍ପରକୁ ହତ୍ୟା କରିବା, ଘର ପୋଡ଼ି ଦେବା ଭଳି ମଣିପୁର ରାସ୍ତାରେ ପରିଲକ୍ଷିତ ଭୟଙ୍କର ଦୃଶ୍ୟ ଦେଶବାସୀଙ୍କ ପାଇଁ ଆଲୋଡ଼ନର ବିଷୟ ହୋଇଛି। ପରୋକ୍ଷରେ ଏହା ଏକ




ସାମ୍ପ୍ରଦାୟିକ ଦଙ୍ଗା ହୋଇଥିବା ବେଳେ ସରକାରଙ୍କ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବା ଦୁର୍ଭାଗ୍ୟର ବିଷୟ ବୋଲି ସର୍ବୋଦୟ ନେତାମାନେ କହିଛନ୍ତି। ସେଠାରେ ଶାନ୍ତି ପ୍ରତିଷ୍ଠା ସାଙ୍ଗକୁ ଉଭୟ ସମ୍ପ୍ରଦାୟ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ତୁରନ୍ତ ଉଚିତ ପଦକ୍ଷେପ ନେବାକୁ ମଣ୍ଡଳ ପକ୍ଷରୁ ଦାବି ହୋଇଛି। ଏହି ପରିପ୍ରେକ୍ଷୀରେ ଉତ୍କଳ ସର୍ବୋଦୟ ମଣ୍ଡଳ ବାଲେଶ୍ୱର ଶାଖାର ଏକ ପ୍ରତିନିଧି ଦଳ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବି ସମ୍ବଳିତ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ବିଧାନ ଚନ୍ଦ୍ର ରାୟଙ୍କ ସମେତ ଶ୍ରଦ୍ଧାଞ୍ଜଳି ରାୟ, ପ୍ରଜ୍ଞାପରମିତା ବିଶ୍ୱାଳ, ପ୍ରତିମା ପଣ୍ଡା, ମିନତୀ ଦାସ, ପ୍ରମିଳା ନାୟକ, କନକଲତା ରାଉତ, ବାସନ୍ତୀ ସେଠୀ,ମୀତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଆବାସ ତାଲିକାରେ ସାମିଲ ଦାବିରେ ଜିଲାପାଳଙ୍କୁ ଫେରାଦ

ବାଲେଶ୍ୱର, ୦୧/୦୭ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ତାଲିକାରେ ବଞ୍ଚିତ ଯୋଗ୍ୟ ହିତାଧିକାରୀ ଜିଲାପାଳଙ୍କ ଠାରେ ଫେରାଦ ହୋଇଛନ୍ତି। ବାଲେଶ୍ୱର ସଦର ବ୍ଲକ ଅର୍ନ୍ତଗତ ଓଡ଼ଙ୍ଗୀ ପଞ୍ଚାୟତର ଏହି ବଞ୍ଚିତ ହିତାଧିକାରୀମାନେ ଜିଲାପାଳଙ୍କୁ ସାକ୍ଷାତ ସହ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ଦୀର୍ଘ ଦେଢ଼ବର୍ଷ ପୂର୍ବରୁ ବ୍ଲକ ପକ୍ଷରୁ ପ୍ରକାଶିତ ତାଲିକାରେ ସେମାନଙ୍କ ନାମ ରହିଥିଲା। ବିଭାଗୀୟ ଅଧିକାରୀଙ୍କ ଯାଞ୍ଚରେ ସେମାନେ ଯୋଗ୍ୟ ହିତାଧିକାରୀ ବୋଲି ବି ଅଧିକାରୀମାନେ କହିଥିଲେ। ମାତ୍ର ଏବେ ଚୂଡ଼ାନ୍ତ ତାଲିକାରେ ସେମାନଙ୍କ ନାମ ନ ରହିବାକୁ ନେଇ ଗ୍ରାମବାସୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସର୍ଭେ ପାଇଁ ଯାଇଥିବା ସରକାରୀ କର୍ମଚାରୀଙ୍କୁ ପ୍ରଭାବିତ କରି କିଛି କିଛି ନ୍ୟସ୍ତସ୍ୱାର୍ଥ ଛାମୁଆ ନେତା ସେମାନଙ୍କୁ ତାଲିକାରୁ ବାଦ ପକାଇଥିବା ସେମାନେ ଆରୋପ କରିଛନ୍ତି। ଯୋଗ୍ୟ ହିତାଧିକାରୀ ହୋଇ ମଧ୍ୟ ସେମାନଙ୍କୁ ତାଲିକାରୁ ବାଦ ଦିଆଯାଇଥିବା



ଗ୍ରାମବାସୀମାନେ କହିଛନ୍ତି। ପୂର୍ବରୁ ଓଡ଼ଙ୍ଗୀ ପଞ୍ଚାୟତରେ ୨୫୦ରୁ ଅଧିକ ଯୋଗ୍ୟ ହିତାଧିକାରୀ ଚିହ୍ନଟ କରାଯାଇଥିବା ବେଳେ ଏବେ ମାତ୍ର ୪୯ଜଣ ଆବାସ କାର୍ଯ୍ୟାଦେଶ ପାଇଛନ୍ତି। ଏ ବାବଦରେ ତଦନ୍ତ ସହ ଉଚିତ ପଦକ୍ଷେପ ନେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେମାନେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ପଦ୍ମଲୋଚନ ଦାସ, ସୁକାନ୍ତୀ ଦାସ, କନକଲତା ରାଉତ, ଖଗେଶ୍ୱର ଦାସ, ଗୀତା ସାମଲ, ରଞ୍ଜୀତା ଦାସ, ବାସନ୍ତୀ ସେଠି, ଗୀତା ମହାପାତ୍ର, ନୟନା ମହାଳିକ, ସୁଦାନା ମହାଳିକ, ଲକ୍ଷ୍ମୀମଣି ରାଉତ, ମଧୁସୂଦନ ମହାଳିକ, ମମତା ମହାପାତ୍ର, ମୀତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମେଧାବୀ ଦିବ୍ୟାଙ୍ଗ ଛାତ୍ରଙ୍କୁ କ୍ରେଡିଟ୍ କୋ ଅପରେଟିଭ ସୋସାଇଟି ପକ୍ଷରୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୦୧/୦୭ (ନି.ପ୍ର): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟର +୩ ପଦାର୍ଥ ବିଜ୍ଞାନ ସମ୍ମାନ ଶ୍ରେଣୀ ପରୀକ୍ଷାରେ ସମଗ୍ର ମହା ବିଦ୍ୟାଳୟରେ ସର୍ବାଧିକ ୯୧.୮୫ ଶତକଡା ପ୍ରତିଶତ ନମ୍ବର ରଖି ଦିବ୍ୟାଙ୍ଗ ଛାତ୍ର ବରଜ ଦାସ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଏ ଖବର ପାଇବା ପରେ କେନ୍ଦ୍ରାପଡା କ୍ରେଡିଟ୍ କୋ ଅପରେଟିଭ ସୋସାଇଟି ତରଫରୁ ଟପର ଛାତ୍ର ଶ୍ରୀ ଦାସଙ୍କୁ ସୋସାଇଟିର ମୁଖ୍ୟ କାର୍ଯ୍ୟାଳୟରେ ସଭାପତି ପ୍ରମୋଦ କୁମାର ସାହୁ ଶ୍ରୀ ଦାସଙ୍କୁ ଫୁଲତୋଡା, ଉତରୀୟ, ମାନପତ୍ର ଏବଂ ନଗଦ ୧୦ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି । ଏହି ସମ୍ବର୍ଦ୍ଧନା ସମୟରେ ମୁଖ୍ୟ କାର୍ଯ୍ୟାଳୟର ସଂପାଦକ ପହଲ୍ଲାଦ ସାହୁ, ଅତିରିକ୍ତ ସଂପାଦକ ଅରବିନ୍ଦ ସାହୁ, ମୁଖ୍ୟ ପରିଚାଳକ ମନୋଜ ସାହୁ, ବରିଷ୍ଠ ପରିଚାଳକ ରମେଶ ସେଠୀ, ନୋଡାଲଅଫିସର ଦିଲିପ ସ୍ୱାଇଁ ଏବଂ କୃଷକ ବିକାଶ ସମବାୟ ସମିତିର ନିର୍ଦ୍ଦେଶକ ଅଭୟ ସାମଲଙ୍କ ସହ ବ୍ୟାଙ୍କର ସମସ୍ତ କର୍ମକର୍ତା ଉପସ୍ଥିତ ଥିଲେ ।

ରବିବାର, ଜୁଲାଇ ୦୨, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ପ୍ରତିଶ୍ରୁତି ପ୍ରତିଷ୍ଠାନର ରଥଯାତ୍ରା ବିଶେଷାଙ୍କ ଲୋକାର୍ପିତ

ବାରିପଦା : ଦୀର୍ଘ ୪୧ବର୍ଷ ଧରି ବାରିପଦାରୁ ଭାଗବତ ପଣ୍ଡାଙ୍କ ସମ୍ପାଦନାରେ ପ୍ରକାଶ ପାଉଥିବା ସାହିତ୍ୟ ସଂସ୍କୃତି ମୂଳକ ତ୍ରୈମାସିକ ପତ୍ରୀକା ପ୍ରତିଶ୍ରୁତିର ରଥଯାତ୍ରା ବିଶେଷାଙ୍କ ରଥ ଖଳାରେ ପ୍ରତିଷ୍ଠାନର ସଭାପତି ଡା.ପାର୍ଥସାରଥି ଜେନାଙ୍କ ସଭାପତିତ୍ୱରେ ଲୋକାର୍ପିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ସମ୍ମାନୀତ ଅତିଥି ଭାବରେ ଆରକ୍ଷୀ ଅଧିକ୍ଷକ ବି.ଗଙ୍ଗାଧର, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ବାରିପଦା ଉପ-ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ ପ୍ରମୁଖ ଯୋଗ ଦେଇ ପତ୍ରିକା କୁ ଉନ୍ମଚନ କରିବା ସହିତ ଏହିଭଳି ପତ୍ର ପତ୍ରିକା ଗୁଡିକ ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ସହ ସମାଜକୁ ସଜାଡିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି କହିଥିଲେ। ଏହି ପତ୍ରିକାରେ ଓଡିଶାର ବହୁ ବିଶିଷ୍ଟ ଜଗନ୍ନାଥ ସଂସ୍କୃତିର ଗବେଷକ ତଥା ବିଦ୍ୱାନ ମାନଙ୍କର ଲେଖା ସ୍ଥାନୀତ ହୋଇଥିବାରୁ ତାହା ପାଠକୀୟ ଆଦୃତି ଲାଭ କରିବ ବୋଲି ମୁଖ୍ୟ ବକ୍ତା ଶ୍ରୀ ମହାନ୍ତି କହିଥିଲେ । ଏହି ଲୋର୍କାପଣ କାର୍ଯ୍ୟକ୍ରମର ପରିଶେଷରେ ସମ୍ପାଦକ ଭାଗବତ ପଣ୍ଡା ଉପସ୍ଥିତ ଅତିଥି ମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।



# ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରେ ହାଡ଼ଫୁଟି ବ୍ୟାପିଥିବା ବେଳେ ଜଣକର ଜୀବନ ଯାଇଛି

ଲଙ୍ଗଳେଶ୍ୱର, ୦୧/୦୭ (ନି.ପ୍ର): ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରେ ହାଡ଼ଫୁଟି ବ୍ୟାପି ଥିବା ବେଳେ ହାଡ଼ଫୁଟିରେ ଜଣକର ଜୀବନ ଯାଇଥିବା ଜଣା ପଡିଛି। ବାଲିଆପାଳ ବ୍ଲକର ବାଲିଆପାଳ, ତଳ ବାଲିଆପାଳ, ଜାମକୁଣ୍ଡା, ସୁଙ୍ଗମୁହଁ, ବିଷ୍ଣୁପୁର, ଚୌଧୁରୀକୁଦ ଆଦି ଅଞ୍ଚଳରେ ବ୍ୟାପକ ଭାବରେ ବସନ୍ତ, ପାଣି ବସନ୍ତ, ହାଡ଼ଫୁଟି ଆଦି ଦୀର୍ଘଦିନ ହେବ ବ୍ୟାପକ ଭାବରେ ଘର ଘର ମାଡି ଚାଲିଛି। ଯେଉଁ ପରିବାରରେ ଜଣକୁ ହେଉଛି ସେ ପରିବାରରେ ସମସ୍ତଙ୍କୁ ନ ହେବା ଯାଏ ଛାଡୁନି। ପିଲା ଛୁଆ ଅବା ବୟସ୍କ ମାନଙ୍କୁ ମଧ ଛାଡୁନାହିଁ। ପୁଣି ଏତେ ମାତ୍ରାରେ ବାହାରୁଛି ଯେ ବେଳେ ବେଳେ ରୋଗୀ ଅଣ ନିଶ୍ୱାସୀ ହୋଇଯାଉଛି। କିଛିଦିନ ତଳେ ବାଲିଆପାଳ ଗ୍ରାମର ବଂଶୀଧର ପାତ୍ର(୮୦ ବର୍ଷ



ବୟସ୍କ)ଙ୍କୁ ଏତେ ମାତ୍ରାରେ ହାଡ଼ଫୁଟି ବସନ୍ତ ବାହାରିଲା ଯେ ପରିବାର ଲୋକ ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଲେ । ଅବସ୍ଥା ଗୁରୁତର ହେବାରୁ ଡାକ୍ତର ବାଲେଶ୍ୱର ରେଫର କଲେ । ମାତ୍ର ବାଲେଶ୍ୱର ହସ୍ପିଟାଲ ପହଞ୍ଚିବା ବେଳକୁ ତାର ମୃତ୍ୟୁ ଘଟିଥିଲା। ଏବେ ଅସ୍ତି ପଞ୍ଚାୟତର ଅଧିକାଂଶ ପରିବାରରେ ହାଡ଼ଫୁଟି ବ୍ୟାପିଛି। ଅସ୍ତି ପଞ୍ଚାୟତର ସମାଜସେବୀ ସଞ୍ଜୟ ପରିଡା ବାଲେଶ୍ୱର ସିଡିଏମଓଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଶନିବାର ସିଡିଏମଓଙ୍କ ନିର୍ଦ୍ଦେଶ କ୍ରମେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ ଅସ୍ତିରେ ପହଞ୍ଚି ସ୍ୱାସ୍ଥ୍ୟ ଅବସ୍ଥା ବିଷୟରେ ଧ୍ୟାନ ଦେଇଥିବା ଜଣାଯାଇଛି।

# ଏକକ ନାଗରିକ ସଂହିତା ସମ୍ପର୍କିତ ଆଲୋଚନାଚକ୍ର

ବାଲେଶ୍ୱର, ୦୧/୦୭ (ନି.ପ୍ର): କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକକ ନାଗରିକ ସଂହିତା (ୟୁନିଫର୍ମ ସିଭିଲ କୋଡ) ପ୍ରଣୟନ ଉଦ୍ୟମକୁ ନେଇ ସମଗ୍ର ଦେଶରେ ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ବାଲେଶ୍ୱରରେ ବି ଏହାର ପ୍ରତିଫଳନ ପରିଲକ୍ଷିତ ହୋଇଛି। ଅନ୍ୟତମ ସାମାଜିକ ସଂଗଠନ 'ଫ୍ୟୁଚର ବାଲେଶ୍ୱର' ପକ୍ଷରୁ ଏହି ଏକକ ନାଗରିକ ସଂହିତାର ବିଭିନ୍ନ ଦିଗ ସମ୍ପର୍କିତ ଏକ ଆଲୋଚନାଚକ୍ର ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂଗଠନର ମୁଖ୍ୟ ବିଜୟ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଶିକ୍ଷାବିତ ସତ୍ୟଜିତ ମିଶ୍ର, ସାମାଜିକ କର୍ମୀ ଶ୍ରଦ୍ଧାଞ୍ଜଳି ରାୟ, ଆଇନଜୀବୀ ବିଚିତ୍ରାନନ୍ଦ ଦାସ, ବୈଲୋଚନ ଦାଶ ପ୍ରମୁଖ ଯୋଗଦେଇ ଏକକ ନାଗରିକ ସଂହିତାର ଆବଶ୍ୟକତା




ଓ ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ । ବିବିଧତା ମଧ୍ୟରେ ଏକତା ରକ୍ଷା ଉଦ୍ଦେଶ୍ୟରେ ସମସ୍ତ ନାଗରିକଙ୍କ ପାଇଁ ଏକକ ଆଇନ ବ୍ୟବସ୍ଥା ଏକାନ୍ତ ଆବଶ୍ୟକ ବୋଲି ବକ୍ତାମାନେ କହିଥିଲେ। ବିଶେଷ କରି ଧର୍ମ ଓ ଜାତି ଆଧାରରେ ଆଇନ ପ୍ରଚଳନ ଓ ନ୍ୟାୟ ବ୍ୟବସ୍ଥା ଯୋଗୁଁ ସୃଷ୍ଟି ହେଉଥିବା ସମାଜିକ ବୈଷ୍ୟମତା ଦୂର ପାଇଁ ଏହି ଏକକ ସଂହିତା ବେଶ ସହାୟକ ହେବ ବୋଲି ସେମାନେ ମତ ଦେଇଥିଲେ । ପ୍ରାରମ୍ଭିକ ପର୍ଯ୍ୟାୟରେ ସମ୍ବିଧାନ ସଭା ଦ୍ୱାରା ସମସ୍ତ ନାଗରିକଙ୍କ ପାଇଁ ଏକକ ନାଗରିକ ସଂହିତା ପ୍ରଣୟନ ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲେ ବି ତାହା ଏ ଯାବତ ପାରିତ ହୋଇ ପାରିନାହିଁ।ଏକକ ନାଗରିକ ସଂହିତା ଲାଗୁ ହେଲେ ସମସ୍ତ ନାଗରିକ ସମାନ ଅଧିକାରର ସୁଯୋଗ ପାଇପାରିବେ। ସୌମ୍ୟ ରଞ୍ଜନ ପାତ୍ର, ବିକ୍ରମ କୁମାର ମହାରଣା, ଦିବାକର ସ, ତାପସ କୁମାର ସାହୁ, ପ୍ରତିମା ପଣ୍ଡା, ତ୍ରିଦୀବ କୁମାର ନାୟକ, ପ୍ରଣିତା ମିଶ୍ର, ସଞ୍ଜୟ ମହାପାତ୍ର, ରଞ୍ଜନ କୁମାର ପାଣିଗ୍ରାହୀ, ବିଧାନ ଚନ୍ଦ୍ର ରାୟ, ସତ୍ୟନାରାୟଣ ରଣା, ମୃତ୍ୟୁଞ୍ଜୟ ତ୍ରିପାଠୀ, ଶ୍ରୀତମ କୁମାର ପାଣିଗ୍ରାହୀ, ରବି କୁମାର ପାଣିଗ୍ରାହୀ, ଦୀପକ କୁମାର ମଲିକ, ବଂଶୀଧର ଚୌଧୁରୀ, ଉମାକାନ୍ତ ଦାସ, ସଂଯୁକ୍ତା ବେହେରା ପ୍ରମୁଖ ଏଥିରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଶାହା ଅମରନାଥ ତୀର୍ଥଯାତ୍ରୀଙ୍କୁ ଜଣାଇଲେ ଶୁଭେଚ୍ଛା

ନୂଆଦିଲ୍ଲୀ, ୦୧/୦୭ (ନି.ପ୍ର): କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଅମରନାଥ ଯାତ୍ରାରେ ଯାଉଥିବା ସମସ୍ତ ତୀର୍ଥଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଆଜି (ଶନିବାର) ଠାରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ବିଷୟରେ ଟୁଇଟ୍ କରି କହିଛନ୍ତି ଯେ ସମସ୍ତ ଭକ୍ତଙ୍କ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ସେ କହିଛନ୍ତି ଯେ ଭକ୍ତଙ୍କ ଯାତ୍ରା ସରକାରଙ୍କ ପ୍ରାଥମିକତା ଅଟେ। ଶାହା କହିଛନ୍ତି ଯେ ଅମରନାଥ ଯାତ୍ରା ହେଉଛି ସନାତନ ସଂସ୍କୃତିର ଅବିସ୍ମରଣୀୟ ପରମ୍ପରା ଏବଂ ବିଶ୍ୱାସର ପ୍ରତୀକ, ଆଜି ଏହି ପବିତ୍ର ଯାତ୍ରା ର ଶୁଭାରମ୍ଭ ହୋଇଛି।

# ଖାଲ ଢିପରେ ଭର୍ତ୍ତି ଫତେପୁର ହରିହରପୁର ରାସ୍ତା: ପ୍ରଶାସନର ନିଦ ଭାଙ୍ଗିବ କେବେ ?

ଖଇରା, ୦୧/୦୭ (ନି.ପ୍ର): ସରକାର ଜନତାଙ୍କ ସୁବିଧା ପାଇଁ ଯୋଜନା ଉପରେ ଯୋଜନା କରୁଛନ୍ତି । କିନ୍ତୁ ଏହି ଯୋଜନାରୁ ବାଦ ପଡିଛି ଔପଦା ଫତେପୁର ଫଂଚାୟତ , ଫତେପୁର ହରିହରପୁର ରାସ୍ତା । ସ୍ୱାଧୀନତାର ୭୫ ବର୍ଷ ପରେବି ଏହି ରାସ୍ତା ରେ ଚାଲି ପାରୁନି ୪ ଚକିଆ ଯାନ। ଏହି ରାସ୍ତା ଉପରେ ୨ଟି ଜିଲାର ଲୋକ ନିର୍ଭର କରନ୍ତି , ବାଲେଶ୍ୱର ଆଉ ମୟୁରଭଞ୍ଜ ଜିଲ୍ଲା । ପାଖାପାଖି ପ୍ରତିଦିନ ଶାତାଧିକ ଲୋକ ଫତେପୁରରେ ଥିବା ସ୍କୁଲ, କଲେଜ, ମେଡିକାଲ, ପୋଷ୍ଟାଲ,ବ୍ୟାଙ୍କ ଉପରେ ନିର୍ଭର



କରିଥାନ୍ତି । ମାତ୍ର ବର୍ଷା ଦିନରେ ଲୋକ ମାନଙ୍କର ଚିନ୍ତା ବଢାଇ ଦିଏ ରାସ୍ତା । ଛାତ୍ର ଛାତ୍ରୀ ମାନେ ବହୁତ ଅସୁବିଧାରେ ସ୍କୁଲ କଲେଜ କୁ ଆସନ୍ତି । ଏହି ରାସ୍ତା ଉପରେ ପରମାନନ୍ଦପୁର, ହରିହରପୁର, ରାଏରାମ ଚନ୍ଦ୍ରପୁର, ଶୋରିଷପାଳ, ଖୁଣ୍ଟାଡିହା ର ଜନସାଧାରଣ ଯିବା ଆସିବା କରିଥାନ୍ତି । ପ୍ରଶାସନ ପାଖରେ ବାର ବାର ନିବେଦନ କଲେ ମଧ୍ୟ ପ୍ରଶାସନ ଅଣଦେଖା କରୁଛି । ପଞ୍ଚାୟତ ପାଖରୁ ଆରମ୍ଭ କରି ଜିଲା ପର୍ଯନ୍ତ ଗୁହାରି କରିଲେ ମଧ୍ୟ କେହି ନଜର ଦେଉ ନହାନ୍ତି। ଯେମିତି ଏହି ଅଞ୍ଚଳଟି ବିଛିନାଞ୍ଚଳ ଓଡିଶା ବାହାରେ ଅବସ୍ଥିତ । ଅତ୍ୟାବଶ୍ୟକ ସେବା ଯୋଗାଉ ଥିବା ଗାଡି ଯଥା ଆମ୍ବୁଲାନ୍ସ,ଦମକଳ ଗାଡି ଏହି ରାସ୍ତା ପାଇଁ ପାଲଟିଛି ସ୍ୱପ୍ନ । ଦେଖିବାକୁ ବାକି ରହିଲା ପ୍ରଶାସନର କେବେ ଶୁଭ ଦୃଷ୍ଟି ପଡୁଛି ଏହି ରାସ୍ତା ଉପରେ ।

# ଦୁର୍ନୀତି ଅଭିଯୋଗକୁ ଖଣ୍ଡନ କଲେ ରସୁଲପୁର ସରପଞ୍ଚ

ବସ୍ତା, ୦୧/୦୭ (ନି.ପ୍ର): ଏମ ଜି ଏନ ଆର ଇ ଜି ଏସ କାମରେ ଦୁର୍ନୀତିକୁ ନେଇ ଜବାବ ରଖିଲେ ବିଜୁ ଜନତା ଦଳ ସମର୍ଥିତ ସରପଞ୍ଚ ଓ ଦଳୀୟ ନେତା । ଏମ ଏନ୍ ଆର୍ ଜି ଏସ ରେ ରସଲପୂର୍ ପଞ୍ଚାୟତ ରେ ଏକ ପୋଖରୀ ଖନନ କାର୍ଯ୍ୟ ଜାରି ରହିଥିଲା ବେଳେ କିଛି ବିରୋଧୀ ଦଳର କର୍ମୀ ଉକ୍ତ କାର୍ଯ୍ୟ ରେ ଦୁର୍ନୀତି ହୋଇଥିବା ଅଭିଯୋଗ କରିଥିଲେ । ୧ ତାରିଖ ରେ ସରପଞ୍ଚ ,ଆରତୀ ତରାଇ. ସଭାପତି ଅଙ୍କୁର ତରାଇ, ନାଇବ ସରପଞ୍ଚ ରମେଶଚନ୍ଦ୍ର ପାଣି ଓ ୱାର୍ଡ ସଭ୍ୟ ସଭ୍ୟା ଓ ଦଳିୟ କର୍ମୀ ମାନ ଙ୍କ ଉପସ୍ଥିତରେ ସାମ୍ବାଦିକ ସମ୍ମିଳନୀ କରି ଦୁର୍ନୀତି ଅଭିଯୋଗ କୁ ଖଣ୍ଡନ କରିଥିଲେ । ଉକ୍ତ ସାମ୍ବାଦିକ ସମ୍ମିଳନୀ କରି କହିଥିଲେ କି ଦୁଇ ଦିନ ପୂର୍ବରୁ ସଦର ବ୍ଲକର ଜେଇ ଅରୁଣ କୁମାର ସ୍ୱାଇଁ ଉକ୍ତ କାମକୁ ତଦାରଖ କରିବା କୁ ଆସିଥିବା ବେଳେ ସେହି ଗ୍ରାମର କିଛି




ଅସାମାଜିକ ଲୋକ ଶ୍ରୀ ସ୍ୱାଇଁଙ୍କର ମୋବାଇଲ ଏବଂ ଟଙ୍କା ଛଡାଇବା ପାଇଁ ଉଦ୍ୟମ କରୁଥିଲେ । ଶ୍ରୀ ସ୍ୱାଇଁ ତାଙ୍କୁ ପଚାରିବାରୁ ସେହି ଲୋକମାନେ କହିଥିଲେକି ଏଠାରେ କୌଣସି କାମ ହୋଇନାହିଁ କହି ତାଙ୍କୁ ପିଟା ମରା କରିବାକୁ ଉଦ୍ୟମ କରିଥିଲେ ।ଶ୍ରୀସ୍ୱାଇଁ ସେଠାରୁ ଭୟରେ ପଳାଇ ଥିଲେ । ତେବେ ଦଶ ବର୍ଷ କଂଗ୍ରେସ ସରପଞ୍ଚ କୋଣସି ଉନତି ମୂଳକ କାର୍ଯ୍ୟ କରି ନାହାନ୍ତି ଗତ ଦୁଇ ବର୍ଷ ମଧରେ ବିଜୁ ଜନତା ଦଳର ଲୋକାଭିମୁଖୀ କାର୍ଯ୍ୟକୁ ବିରୋଧୀ ଦଳ ଦେଖିପାରୁ ନାହାଁନ୍ତି ଉକ୍ତ ପଞ୍ଚାୟତରେ ନାନା ପ୍ରକାର ଉନ୍ନତି ମୂଳକ କାର୍ଯ୍ୟ ଚାଲୁ ରହିଛି ଶ୍ରୀ ତରେଇ କହିଛନ୍ତି । କିଛି କୁଚକ୍ରି ଗୋଷ୍ଠୀ ଆମ୍ଭ ମାନଙ୍କୁ ବଦନାମ କରିବାକୁ ସଡ଼ଯନ୍ତ୍ର କରୁଛନ୍ତି ବୋଲି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଯଦି କାମ ବାବଦରେ ଜାଣିବାକୁ ଚାହୁଁଛନ୍ତି ତାହେଲେ ଆର ଟି ଆଇ ତଥ୍ୟ ମାଧମରେ ସବୁ ଯାଣିପାରିବେ ବୋଲି ସରପଞ୍ଚ ଆରତୀ ତରାଇ ଦୃଢକ୍ତି ପ୍ରକାଶ କରିଛନ୍ତି ।

# ପଶ୍ଚିମବଂଗରେ ଉତ୍କଳ ସମ୍ମିଳନୀ ପକ୍ଷରୁ ପୁସ୍ତକ ବଣ୍ଟନ

ଜଳେଶ୍ୱର , ୦୧/୦୭ (ନି.ପ୍ର): ରାଜ୍ୟ ବାହାରେ ୬୦୫ଟି ଓଡିଆ ଚାଟଶାଳୀ ଖୋଲା ଯାଇ ଜଣେ ଜଣେ ଓଡିଆ ଶିକ୍ଷୟତ୍ରୀଙ୍କୁ ନିଯୁକ୍ତ କରାଯାଇଛି । ସେମାନଙ୍କ ଅଂଚଳରେ ଓଡିଆ ଭାଷାକୁ ଓ ସଂସ୍କୃତିକ ବଂଚାଇ ରଖିବା ଲାଗି ଚେଷ୍ଟା ଅବ୍ୟାହତ ରଖିଛନ୍ତି । ଆଜି ପଶ୍ଚିମବଂଗର ପୂର୍ବ ଓ ପଶ୍ଚିମ ମେଦିନୀପୁର ଜିଲ୍ଲାର ୭୨ଟି ଓଡିଆ ଚାଟଶାଳୀରେ ଥିବା ଶିକ୍ଷାର୍ଥୀମାନଙ୍କୁ ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡିଶା ସରକାରଙ୍କ ପ୍ରଦତ୍ତ ପାଠ୍ୟପୁସ୍ତକ ବଣ୍ଟନ କରା ଯାଇଛି । ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସଂପାଦକ



କମଳ ଚକ୍ରବର୍ତ୍ତୀ, ଜଳେଶ୍ୱର ଶାଖା ଡ. ଶ୍ରୀକାନ୍ତ ପାତ୍ର, ଭୋଗରାଇ ସଂପାଦକ ସୁଶାନ୍ତ ନାୟକ, ପୂର୍ବ ମେଦନିପୁର ଜିଲା ସଭାପତି ସମୀର ପତି, ସଂପାଦକ ମୋହିତ ଆଚାର୍ଯ୍ୟ, ପଶ୍ଚିମମେଦନୀପୁର ଜିଲା ସଭାପତି ଅଭିମାନ ସେନ, ସଂପାଦକ ଚନ୍ଦନ କୁଇଲା ପ୍ରମୁଖ ଉପସ୍ଥିତ ଥିବା ବେଳେ ଜିଲା ପରିଦର୍ଶକ ସୁବାସ ବେରା ପରିଚାଳନା କରିଥିଲେ ।

## ବିଧାନସଭାରେ ଉଠାଇବି ରତ୍ନଭଣ୍ଡାର ପ୍ରସଙ୍ଗ: ଜୟନ୍ତ ଷଡଙ୍ଗୀ

ଭୁବନେଶ୍ୱର, ୦୧/୦୭ (ନି.ପ୍ର): ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ। ସେ କହିଛନ୍ତି ଆଗାମୀ ବିଧାନସଭାରେ ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗ ଉଠାଇବି । ସମସ୍ତଙ୍କ ମତ ମୋ ମତ। ରତ୍ନଭଣ୍ଡାରର ମରାମତି ଆବଶ୍ୟକ। ଖୁବ୍ ଶୀଘ୍ର ରତ୍ନଭଣ୍ଡାର ଖୋଲାଯାଉ।

# ମଣିପୁର ହିଂସାକାଣ୍ଡ ବନ୍ଦ କରିବାକୁ ରାଷ୍ଟ୍ରପତିଙ୍କୁ ଅନୁରୋଧପତ୍ର



ଭଦ୍ରକ, ୦୧/୦୭ (ନି.ପ୍ର): ସଂପ୍ରତି ମଣିପୁରରେ ଜାତିଗତ ହିଂସାକାଣ୍ଡକୁ ନେଇ ଉପୁଜିଥିବା ଉତ୍ତେଜନାକୁ ପ୍ରଶମିତ କରିବା ସହିତ ହିଂସାକାଣ୍ଡରୁ କିପରି ଜନସାଧାରଣ ମୁକ୍ତି ପାଇବେ ସେ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ମହାମହିମ ରାଷ୍ଟ୍ରପତିଙ୍କୁ ଭଦ୍ରକ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇ ଏକ ଅନୁରୋଧପତ୍ର ଜିଲ୍ଲାପାଳ ଭଦ୍ରକଙ୍କ ଜରିଆରେ ଦିଆ ଯାଇଛି। ମଣିପୁର ରାଜ୍ୟରେ ଜାତିଗତ ହିଂସା ପ୍ରଚଣ୍ଡ ରୂପ ଧାରଣ କରିଛି। ଜାତିଗତ ବିଭେଦକୁ ନେଇ ପୋଡ଼ାଜଳା ଲାଗି ରହିଛି। ନିରୀହ ଯୁବତୀମାନେ ଆକ୍ରୋଷର ଶିକାର ହେଉଛନ୍ତି। ଏହା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ହିଂସାକାଣ୍ଡ ଯେ ଆଗାମୀ ଦିନରେ ସମଗ୍ର ଦେଶକୁ ବ୍ୟାପୀ ନଯିବ ଏ ନେଇ ସନ୍ଦେହ ନାହିଁ। ସେଥିଲାଗି ତୁରନ୍ତ ମହାମହିମ ରାଷ୍ଟ୍ରପତି ଏଥିରେ ହସ୍ତକ୍ଷେପ କରି ଏହାକୁ କିପରି ବନ୍ଦ କରାଯାଇ ପାରିବ ସେ ଦିଗରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଷ୍ଠାନର ସଭାପତି ଇଂ ଅଖିଳ ମୋହନ ପାଢୀ, ସମ୍ପାଦକ ପବନ ଶର୍ମା, ସହସମ୍ପାଦକ ଲକ୍ଷ୍ମୀକାନ୍ତ ବାରିକଙ୍କ ସମେତ ସମାଜସେବୀ ଲଲାଟେନ୍ଦୁ ମହାନ୍ତି, ଅଶୋକ ଦାସ, ଅମର କୁମାର ପାଣିଗ୍ରାହୀ, ସେଚ୍ଛାସେବୀ ରିଆଜ ଅହମ୍ମଦ, ବୈଲୋଚନ ବେହୁରିଆ ପ୍ରମୁଖ ଅନୁରୋଧପତ୍ର ନେଇ ଜିଲ୍ଲାପାଳ ଡ. ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ପ୍ରଦାନ କରିଥିଲେ।

# ଉଦଳା ରୋଟାରୀ କ୍ଲବର ୫ମ ବାର୍ଷିକ ଉତ୍ସବ ପାଳିତ

ଉଦଳା , ୦୧/୦୭ (ନି.ପ୍ର): ଉଦଳା ସହରରେ ଗଢ଼ି ଉଠିଥିବା ରୋଟାରୀ କ୍ଲବର ୫ମ ବାର୍ଷିକ ଉତ୍ସବ ଜୁନ ୩୦ ତାରିଖ ଶୁକ୍ରବାରଦ ଦିନ ସ୍ଥାନୀୟ ତୁଳସୀ କଲ୍ୟାଣ ମଣ୍ଡପ ପରିସରରେ ପାଳିତ ହୋଇଯାଇଛି । ଏହିଅବସରରେ ଅଙ୍ଗଦାନ ପାଇଁ ଶପଥ ପାଠ ଦାଖଲ କରିଥିବା ବ୍ୟକ୍ତିଙ୍କୁ ପରିଚୟପତ୍ର ପ୍ରଦାନ, ବାଇକ ଆମ୍ବୁଲାନ୍ସର ଲୋକାର୍ପଣ ଓ କ୍ଲବର ବାର୍ଷିକ ମୁଖପତ୍ର 'ଦେବକୁଣ୍ଡ'ର ତୃତୀୟ ସଂଖ୍ୟା ଉନ୍ମୋଚନର ପର୍ବ ଅନୁଷ୍ଠିତ ହୋଇ ଯାଇଛି । ବାରିପଦା ରୋଟାରୀ କ୍ଲବର ପ୍ରାକ୍ତନ ସଭାପତି ଅରୁଣ କୁମାର ଦାସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ ଖୁବ୍ ଅଳ୍ପଦିନ ମଧ୍ୟରେ ଉଦଳା ରୋଟାରୀ କ୍ଲବ କିପରି ସମଗ୍ର ଓଡ଼ିଶାରେ ଦୃଷ୍ଟାନ୍ତ ପାଲଟିଯାଇଛି ବ୍ୟକ୍ତ କରିବା ସହ ଉଦଳା କ୍ଲବର ସମସ୍ତ ସଦସ୍ୟଙ୍କୁ ଏଥିପାଇଁ କୃତଜ୍ଞତା ଜଣାଇଥିଲେ । ଅବସରପ୍ରାପ୍ତ ଚିକିତ୍ସାଧିକାରୀ ଡ଼ାକ୍ତର ଭାଗବତ ବେହେରା ସମ୍ମାନୀୟ ଅତିଥି ଭାବରେ ଯୋଗ ଦେଇ, ଉଦଳାରେ ପାଂଚ ବର୍ଷ ଧରି ରୋଟାରୀ କ୍ଲବ କାର୍ଯ୍ୟ କରିଲାଣି ଅଥଚ ମୁଁ ନିଜେ କାହିଁକି ଏପର୍ଯ୍ୟନ୍ତ ଏଥିରେ ସାମିଲ ହୋଇ ନାହିଁ ଅନୁତାପର ବାର୍ତା ବାଂଟିବା ସହ ଅଙ୍ଗଦାନ ଭଳି ଏକ ମହତ କାର୍ଯ୍ୟକୁ ଭୁରି ଭୁରି ପ୍ରଶଂସା କରିଥିଲେ । ଏହାପରେ ମୃତ୍ୟୁପରେ ନିଜର ଶରୀର ଦାନ ପାଇଁ ଶପଥ ପାଠ ଦାଖଲ କରିଥିବା ୩୪ ଜଣ ବ୍ୟକ୍ତିଙ୍କ ପାଇଁ ରାଜ୍ୟ ମାନବ ଅଙ୍ଗ ପ୍ରତ୍ୟାରୋପଣ ସଂସ୍ଥା ତରଫରୁ ଆସିଥିବା ପରିଚୟପତ୍ର ବଂଟା ଯାଇଥିଲା । ପରେ କ୍ଲବର କୋଷାଧକ୍ଷ ଅବଜ ବନ୍ଧୁ ବାରିକ ବସ୍ତ୍ର ବିତରଣ, ଛତୁ ଚାଷ, ପାନୀୟ ଜଳ ଯୋଗାଣ, ବୃକ୍ଷ ରୋପଣ ଇତ୍ୟାଦି କ୍ଷେତ୍ରରେ କ୍ଲବର ଭୂମିକା ସଂପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । କ୍ଲବର ସଂପାଦକ ସୁଦର୍ଶନ ପ୍ରଧାନ ବର୍ଷ ତମାମ କ୍ଲବ ତରଫରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମର ରୂପରେଖ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହ ଆଗାମୀ ଦିନରେ ଉଦଳାରେ ଗୋଟିଏ ଅତ୍ୟାଧୁନିକ ଚକ୍ଷୁ ପରୀକ୍ଷାକେନ୍ଦ୍ର ଓ ବିଶୋଧିତ ପାନୀୟ ଜଳ ଯୋଗାଣ ପାଇଁ ପ୍ରସ୍ତୁତି ପର୍ବ ଆଗେଇ ଚାଲିଛି ବୋଲି ସୂଚନା ପ୍ରଦାନ କରିଥିଲେ । କ୍ଲବର ସଭାପତି ହରେନ କୁମାର ପଟ୍ଟନାୟକ ଗଣମାଧ୍ୟମର ପ୍ରତିନିଧି, ଇନରହୁଇଲ କ୍ଲବର ସଦସ୍ୟା, ମାରୁଆଡ଼ି ମହିଳା ମଂଚ ସମେତ ରୋଟାରୀ କ୍ଲବ ଉଦଳାର ସମସ୍ତ ସଦସ୍ୟଙ୍କର ସହଯୋଗ ପାଇଁ ଆଜି କ୍ଲବର ଭିତିଭୂମି ସୁଦୃଢ଼ ହୋଇପାରିଛି ବୋଲି ବ୍ୟକ୍ତ କରିଥିଲେ । ପରେ ବାଇକ ଆମ୍ବୁଲାନ୍ସକୁ ଅତିଥି ମାନେ ଲୋକାର୍ପଣ କରିବା ସହ ଏହାର ଆବଶ୍ୟକତା ସମ୍ପର୍କରେ ଅବଗତ କରାଇଥିଲେ । ଏହାପରେ ଅତିଥି ମାନେ ଉଦଳା ରୋଟାରୀ କ୍ଲବ ତରଫରୁ ପ୍ରକାଶ ପାଉଥିବା ବାର୍ଷିକ ମୁଖପତ୍ର 'ଦେବକୁଣ୍ଡ'ର ତୃତୀୟ ସଂଖ୍ୟା ଉନ୍ମୋଚନ କରିଥିଲେ । ଉପସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ ସହ ମଂଚ ପରିଚାଳନା ଦାୟିତ୍ୱ ତୁଲାଇଥିଲେ । ସମ୍ପାଦକ ସୁଦର୍ଶନ ପ୍ରଧାନ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ସୁବାଷ ଚନ୍ଦ୍ର ପଣ୍ଡା, ସଚିଦାନନ୍ଦ ପରିଡ଼ା, ଅଶୋକ କୁମାର ମହାନ୍ତି, ଅଜୟ କୁମାର ବେହେରା, ଚିତରଂଜନ ବାରିକ, ଡ଼. ପ୍ରସନ୍ନ କୁମାର ସେନ, ପ୍ରହ୍ଲାଦ କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଦୀପକ କୁମାର ଦାସ, ଶୁଶାନ୍ତ କୁମାର ପଟ୍ଟନାୟକ, ବ୍ରହ୍ମାନନ୍ଦ ନାୟକ, ସର୍ବେଶ୍ୱର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo